ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.124 Bhubaneswar Tuesday, June 29, 2021 | ୨୪ତମ ବର୍ଷ ସଂଖ୍ୟା-୧୨୪ ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## କିସ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ

### ଆତ୍ମନିର୍ଭର ଭାରତ ନିର୍ମାଣରେ ଯୁବଗୋଷ୍ଠୀଙ୍କ ଯୋଗଦାନ ରହିବା ଉଚିତ୍: ପ୍ରଫେସର ଗଣେଶୀ ଲାଲ୍



ଭୁବନେଶ୍ୱର,୨୮।୬(ପି.ଏନ): ଆତ୍ମନିର୍ଭର ଭାରତର ସଫଳ ନିର୍ମାଣରେ ଯୁବଗୋଷ୍ଠୀଙ୍କ ଯୋଗଦାନ ରହିବା ଉଚିତ୍ ବୋଲି ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କିସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତ। ରବିବାର ଭର୍ଚୁଆଲ୍‌ରେ ଅନୁଷ୍ଠିତ କିସ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ରାଜ୍ୟପାଳ ପ୍ରଫେସର ଲାଲ୍ କହିଲେ, ଜନଜାତି ସମ୍ପ୍ରଦାୟରେ ପ୍ରତିଭାଙ୍କ ଅଭାବ ନାହିଁ। ସେମାନଙ୍କ ପାଇଁ ଭଲ ପରିବେଶ, ପ୍ରୋତ୍ସାହନ ଏବଂ ସମୟ ଭିତ୍ତିକ ପ୍ରଦର୍ଶନର ଆବଶ୍ୟକତା ରହିଛି। ଛାତ୍ରଛାତ୍ରୀଙ୍କୁ ଭୋକାଲ୍ ଫର୍ ଲୋକାଲ୍ ପାଇଁ ଶପଥ ନେବା ସହ ଏକ ସଫଳ ଆତ୍ମନିର୍ଭର ଭାରତ ନିର୍ମାଣରେ ସେମାନଙ୍କ ଯୋଗଦାନ ଓ ପ୍ରୟାସ ନିମନ୍ତେ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅଭିନନ୍ଦନ ଜଣାଇ କହିଲେ, ଶ୍ରୀ ସାମନ୍ତ କିସ୍ ଭଳି ଏକ ଅନନ୍ୟ ଅନୁଷ୍ଠାନ ଗଢ଼ି ଏହା ମାଧ୍ୟମରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ଏଭଳି ଏକ ସାମ୍ୟ ସମାଜ ଗଠନର ବିଚାର ଶ୍ରୀ ସାମନ୍ତଙ୍କୁ ବହୁଳମାତ୍ରାରେ ପ୍ରଭାବିତ କରିଥିଲା ବୋଲି ସେ କହିଥିଲେ। ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ଲାଲ୍‌ଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଅନ୍ୟ ତିନିଜଣ ପ୍ରତିଷ୍ଠିତ ଓଡିଆ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡି.ଲିଟ୍ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଭାରତର ମହାଲେଖାକାର ଓ ମହାସମୀକ୍ଷକ ଗିରୀଶ ଚନ୍ଦ୍ର ମୁର୍ମୁ, କେନିଆର ସାଂସଦ ତଥା କେନିଆ ମେଡିହିଲ୍ ହସ୍ପିଟାଲ୍ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସ୍ୱରୂପ ରଞ୍ଜନ ମିଶ୍ର ଏବଂ ନିୟୁର୍କରେ ରହୁଥିବା ବିଶିଷ୍ଟ ଫେସନ୍ ଓ କଷ୍ଟିୟୁମ୍ ଡିଜାଇନର୍ ବିଭୁ ମହାପାତ୍ର। ଅତିଥିଙ୍କୁ ସ୍ୱାଗତ କରିବା ସହ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭନନ୍ଦନ ଜଣାଇ ଶ୍ରୀ ସାମନ୍ତ କହିଲେ, କିସ୍ ଆଜି ଲକ୍ଷାଧିକ ଜନଜାତି ଶିଶୁ ଓ ଯୁବକଯୁବତୀଙ୍କ ଉପରେ ପ୍ରରୋକ୍ଷରେ ପ୍ରଭାବ ପକାଇ ପାରିଛି। ଏହା ଜନଜାତି ସଶକ୍ତିକରଣ ଇତିହାସରେ ଏକ ମାଇଲ୍‌ଖୁଣ୍ଟ। ୧୯୯୨-୯୩ ମସିହାରେ ମାତ୍ର ୧୨୫ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଛୋଟିଆ ଅନୁଷ୍ଠାନ ଆଜି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ଯାହା ମୁଁ କେବେ ସ୍ୱପ୍ନରେ ଭାବି ନଥିଲି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ ଏସ. ତ୍ରିପାଠୀ କହିଲେ, ତୁମେମାନେ ଏବେଠାରୁ ଛାତ୍ରରୁ ସ୍ନାତକ ହୋଇଯାଇଛ। ତୁମେମାନେ ଯେଉଁ ଅନୁଷ୍ଠାନରେ ପାଠ ପଢୁଥିଲ ତାହା ଦୟା ଓ ମାନବିକତାର ଏକ ସ୍ତମ୍ଭ ବୋଲି ସବୁବେଳେ ମନେ ରଖିବ। ନିଃସ୍ୱାର୍ଥ ସେବା ଓ ମାନବିକତାର ଏହି ପରମ୍ପରାକୁ ଦୃଢ଼ତାର ସହ ଆଗକୁ ବଢ଼ାଇ ନେବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଗରେ ରହି କିପରି ନେତୃତ୍ୱ ନେଇହୁଏ ତାହା କିସ୍ ଦେଖାଇ ପାରିଛି ବୋଲି ଉପକୁଳାଧିପତି ଡ. ଉପେନ୍ଦ୍ର ତ୍ରିପାଠୀ କହିଥିଲେ। ଆଗାମୀ ଦଶକରେ ବିଶ୍ୱସ୍ତରୀୟ ବିଦ୍ୱାନଙ୍କ ତତ୍ତ୍ୱାବଧାନରେ କିସ୍ ଏକ ବିଶ୍ୱସ୍ତରୀୟ ଶୈକ୍ଷିକ କେନ୍ଦ୍ରରେ ପରଣିତ ହେବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି କୁଳପତି ପ୍ରଫେସର ଦୀପକ କୁମାର ବେହେରା କହିଲେ, କିସ୍ ହେଉଛି ଏକମାତ୍ର ଅନୁଷ୍ଠାନ ଯାହାକି ଜନଜାତି ସମ୍ପର୍କିତ ସର୍ଜନଶୀଳରେ ଦକ୍ଷତା ହାସଲ ପାଇଁ ସୁଯୋଗ ଦେଇଥାଏ ଏବଂ ଜନଜାତି ଲୋକ ଏବଂ ସେମାନଙ୍କ ହୃଦୟକୁ ଛୁଇଁଲା ଭଳି ବିଷୟବସ୍ତୁ ଉପରେ ଗବେଷଣା କରିବାକୁ ଗବେଷକମାନଙ୍କୁ ପ୍ରୋତ୍ସାହିତ କରିଥାଏ। ଅନ୍ୟମାନଙ୍କ ମଧ୍ୟରେ ଉପକୁଳପତି ପ୍ରଫେସର ପୀତବାସ ସାହୁ ଏବଂ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ବକ୍ତବ୍ୟ ରଖିଥିଲେ।କିସ୍ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ସର୍ବାଧିକ ସିଜିପିଏ ହାସଲ୍ କରିଥିବା ଟ୍ରାଇବାଲ୍ ରିସୋର୍ସ ମ୍ୟାନେଜମେଣ୍ଟ ସ୍କୁଲ୍‌ର ୨୦୧୯ ବ୍ୟାଚ୍ ଛାତ୍ରୀ ମଲହୋ ମାର୍ଡି ଏବଂ ସ୍କୁଲ୍ ଅଫ୍ ଇଣ୍ଡିଜନସ୍ ନଲେଜ୍, ସାଇନସ୍ ଓ ଟେକ୍ନୋଲୋଜିର ୨୦୨୦ ବ୍ୟାଚ ଛାତ୍ର ପ୍ରଶାନ୍ତ ମାଝୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ୧୪ଜଣ କୃତୀ ଛାତ୍ରଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୧୪ଜଣ ଛାତ୍ରଛାତ୍ରୀଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।



ମାଳଭ୍ୟ ନଗର ବିଧାୟକ ତଥା ଦିଲ୍ଲୀ ସରକାରର ପୂର୍ବତନ ଆଇନ ମନ୍ତ୍ରୀ ସୋମନାଥ ଭାରତୀଙ୍କ ବ୍ରିଜ ଦି ଗ୍ୟାପ ଫାଉଣ୍ଡେସନ ତରଫରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ

## ୧୦୬ କୋଟି ଟଙ୍କାର ଜାଲ ବିଲ ରାକେଟର ପର୍ଦ୍ଦାଫାଶ , ମାଷ୍ଟରମାଇଣ୍ଡ ଗିରଫ

କଟକ/ଭୁବନେଶ୍ୱର, ୨୮।୬(ପି.ଏନ): ଓଡିଶା ରାଜ୍ୟ ଜିଏସଟି ଏନଫୋର୍ସମେଂଟ ୱିଙ୍ଗ ଦ୍ୱାରା ଜାଲ ବିଲ ରାକେଟ ବିରୁଦ୍ଧରେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଫଳରେ ଆଜି (୨୮-୦୬-୨୦୨୧) ୧୦୬ କୋଟି ଟଙ୍କାର ଏକ ଜାଲ ବିଲ ରାକେଟର ପର୍ଦ୍ଦାଫାଶ ଘଟିଛି ଓ ଏହି ଜାଲ ବିଲ ବଳରେ ୧୯.୦୪ କୋଟି ଟଙ୍କାର ଜାଲ ଆଇଟିସି ଉପଭୋଗ ଓ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଏହି ଜାଲ ବିଲ ରାକେଟରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ସ୍ମୃତି ରଞ୍ଜନ ସାହୁଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ସ୍ମୃତି ଅନ୍ୟମାନଙ୍କ ସହ ମିଶି ୧୪ ଗୋଟି ଜାଲ ବ୍ୟବସାୟିକ ପ୍ରତିଷ୍ଠାନ ରୁ ୧୦୬ କୋଟି ଟଙ୍କାର ଜାଲ କ୍ରୟ ବିକ୍ରୟ ବିଲ ମାଧ୍ୟମରେ କୋଟି କୋଟି ଟଙ୍କାର ଜାଲ ଇନପୁଟ ଟାକ୍ସ କ୍ରେଡିଟ (ଆଇଟିସି) ହାତେଇଛନ୍ତି ।ଅଭିଯୁକ୍ତ ଘୋଷିତ ବ୍ୟବସାୟ ସ୍ଥଳ ସମ୍ପର୍କରେ ଭୁଲ ସୂଚନା ସରକାରଙ୍କୁ ଦେବା ସହ ଘର ଭଡା ରାଜିନାମାକୁ ମଧ ଜାଲିଆତି କରିଛନ୍ତି । ତାଙ୍କର ଫାର୍ମ (ଏସ.ଆର ଏଂଟରପ୍ରାଇଜରର୍ସ) ପ୍ରକୃତ ପକ୍ଷେ କୌଣସି ବ୍ୟବସାୟ କରୁ ନାହିଁ । ନିଜର ଦେଣନେଣକୁ ନିୟମିତ କରିବା ଉଦ୍ଦେଶ୍ୟରେ ସେ ନିଜର କିଣାବିକାକୁ ବ୍ୟାଙ୍କ ଏକାଉଂଟ ମାଧମରେ ଦର୍ଶାଇଛନ୍ତି । ଉପରୋକ୍ତ ୧୪ ଗୋଟି ନକଲି ଫାର୍ମ ଦ୍ୱାରା କରା ଯାଇଥିବା ଠକାମି ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ରାଜ୍ୟ ଏନଫୋର୍ସମେଂଟ ୱିଙ୍ଗଦ୍ୱାରା ତଥ୍ୟ ବିଶ୍ଳେଷଣ ଓ ଗୁଇନ୍ଦା ସୂତ୍ରକୁ ଆଧାର କରି ନଭେମ୍ବର ଓ ଡିସେମ୍ବର ୨୦୨୦ ରେ ରାଜ୍ୟବ୍ୟାପୀ ଚଢଉ ଅଭିଯାନ ହୋଇଥିଲା । ଏହି ଫାର୍ମ ଗୁଡିକ ଅନଗୁଳ, ଯାଜପୁର, ରାଉଲକେଲା, ଜଗତସିଂହପୁର, ଭୁବନେଶ୍ୱର ଓ ପାରାଦୀପ ଆଦି ସ୍ଥାନର ବେକାର ଯୁବକ , ଗୃହିଣୀ, କୃଷକ , ବରିଷ୍ଠ ନାଗରିକ ଏବଂ ଦିନ ମଜୁରିଆଙ୍କ ପରିଚୟ ପତ୍ର ହାସଲ କରି ସେମାନଙ୍କ ନାମରେ କରାଯାଇଥିବା ଜଣା ପଡିଥିଲା । କୌଣସି ବ୍ୟକ୍ତି ନିଜର ପରିଚୟ ପତ୍ର ସମ୍ପର୍କିତ କାଗଜ ପତ୍ର, ବ୍ୟାଙ୍କ ଆକାଉଂଟ ଇତ୍ୟାଦି କୌଣସି ଅଜଣା / ଅନଧିକୃତ ଲୋକଙ୍କୁ ପ୍ରଦାନ କରନ୍ତୁ ନାହିଁ । ଯଦି କେହି ଏପରି କରିଥାନ୍ତି ତେବେ ସେମାନେ ତୁରନ୍ତ ରାଜ୍ୟ ଜିଏସଟି କମିସନରେଟଙ୍କୁ ଜଣାନ୍ତୁ, ଯାହା ଫଳରେ ଏଗୁଡ଼ିକର ଅପବ୍ୟବହାର କୁ ରୋକିହବ । ଯଦି କେହି ବ୍ୟକ୍ତି ନିଜର ବ୍ୟକ୍ତିଗତ କାଗଜପତ୍ର ଅପବ୍ୟବହାର ହେଉଥିବା ଜାଣିଛନ୍ତି କିମ୍ବା ଖବର ପାଇଛନ୍ତି ତେବେ ସେମାନେ ତୁରନ୍ତ ନିକଟସ୍ଥ ଜିଏସଟି କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । ବିଭାଗ ଏ ସମ୍ବନ୍ଧରେ ତୁରନ୍ତ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ରାଜ୍ୟ ଜିଏସଟି କମିସନରେଟ ତରଫରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ଏନଫୋର୍ସମେଂଟ ୱିଙ୍ଗ ବର୍ତମାନ ଶୁଦ୍ଧା ୧୮ ଜଣ ଠକ ବ୍ୟବସାୟୀଙ୍କୁ ଜାଲ ବିଲ କାରବାର ଏବଂ ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ଉପଲବ୍ଧ ଏବଂ ହସ୍ତାନ୍ତର କରିଥିବା ଅଭିଯୋଗରେ ଗିରଫ କରିଛି । ଏତଦବ୍ୟତୀତ ରାଜ୍ୟ ଜିଏସଟି ବିଭାଗ ଦ୍ୱାରା ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୯୫୩୯ ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣକୁ ରଦ୍ଧ କରାଯାଇଛି। ରିଟର୍ନ ଦାଖଲ କରି ନଥିବା ହେଉ ଅଥବା କ୍ଷେତ୍ରିୟ ଅନୁସନ୍ଧାନରେ ଏଗୁଡିକ ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ଜଣା ପଡିବ। ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଗୋଟିଏ ଦିନରେ ୩୩୧୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୮।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୩୧୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୦୦୪୭୦କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୬୭୪୦୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୨୪୦୪ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୧୯ ଜଣଙ୍କ ମଧ୍ୟରୁ ୧୮୯୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୫୬୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୯୭ ଜଣ, ବରଗଡ଼ରୁ ୪୭ ଜଣ, ଭଦ୍ରକରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଭୋଜି ଖାଇ ୩୦ ରୁ ଉର୍ଦ୍ଧ୍ୱ ଅସୁସ୍ଥ : ଗ୍ରାମରେ ପହଂଚିଲା ସ୍ୱାସ୍ଥ୍ୟ ଟିମ୍

ବାଲେଶ୍ୱର, ୨୮।୬(ପି.ଏନ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ଗୋପୀମୋହନପୁର ଗ୍ରାମରେ ଭୋଜି ଖାଇ ୩୦ ରୁ ଉର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇପଡିଛନ୍ତି । ଭୋଜି ଖାଇବା ପରେ ସମସ୍ତେ ପ୍ରାୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଖବର ପାଇ ସ୍ୱାସ୍ଥ୍ୟ ଟିମ୍ ଗ୍ରାମରେ ପହଂଚି ସ୍ଥିତିର ଅନୁଧ୍ୟାନ କରିବା ସହ ଅସୁସ୍ଥ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି । ସ୍ଥିତି ନିୟନ୍ତ୍ରଣାଧିନ ଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

## ରଥଯାତ୍ରା ସମୟରେ ପୁରୀକୁ ଟ୍ରେନ୍ ଓ ବସ୍ ଚଳାଚଳ ବନ୍ଦ ରହିବ- ଜିଲ୍ଲାପାଳ

ପୁରୀ, ୨୮।୬(ପି.ଏନ): ରଥଯାତ୍ରା ସମୟରେ ଭକ୍ତ ସମାଗମକୁ ରୋକିବା ପାଇଁ ପୁରୀକୁ ଟ୍ରେନ୍ ଓ ବସ୍ ଚଳାଚଳ ବନ୍ଦ ରହିବ ବୋଲି କହିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା । କୋଭିଡ୍ ସଂକ୍ରମଣକୁ ଏଡାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଆଯାଇଥିବା ଜଣାପଡିଛି ।

## ଅଗ୍ନିପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର,୨୮।୬(ପି.ଏନ): ଚାନ୍ଦିପୁର ଅଞ୍ଚଳରେ ଥିବା ଭାରତୀୟ ପ୍ରତିରକ୍ଷା ଗବେଷଣ ଉନ୍ନୟନ ସଂସ୍ଥା (ଡିଆରଡ଼ିଓ) ପକ୍ଷରୁ ସୋମବାର ପୂର୍ବାହ୍ନ ୧୦.୫୫ ସମୟରେ ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଥିବା ଅବଦୁଲ କାଲାମ ଦ୍ୱୀପର ୪ ନମ୍ବର ଉତ୍‌କ୍ଷେପଣ କେନ୍ଦ୍ରରୁ ଅଗ୍ନିପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା ଏହି ଆଣବିକ ଶକ୍ତି ସମ୍ପୂର୍ଣ୍ଣ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୦୦୦ରୁ ୨୦୦୦ କିଲୋମିଟର ରହିଛି। ସ୍ୱଦେଶୀ ଜ୍ଞାନ କୌଶଳରେ ଏହି କ୍ଷେପଣାସ୍ତ୍ରର ବିକାଶ କରାଯାଇଛି। ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପରେ ଡ଼ିଆରଡ଼ିଓ ଟିମକୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଅଗ୍ନି-୩ ଓ ଅଗ୍ନି-୪କୁ ବିକଶିତ କରାଯାଇ ଅଗ୍ନିପ୍ରାଇମ ପ୍ରସ୍ତୁତ ହୋଇଥିବା ବେଳେ ଏହାକୁ ଅଗ୍ନି-୧ର ନୂଆ ସଂସ୍କରଣ ବୋଲି କୁହାଯାଇଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୭୦୦ରୁ ୮୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି। ଅଗ୍ନି ସିରିଜର ପ୍ରଥମ ମିସାଇଲ ୧୯୮୯ରେ ପରୀକ୍ଷଣ ହୋଇଥିଲା। ୨୦୦୪ରେ ଏହାକୁ ସେନାରେ ସାମିଲ କରାଯାଇଥିଲା।

## ରାଉରକେଲାରେ କୋଭିଡ୍ ଟିକାର କଳା ବଜାର : ଲୋକେ ହତାଶ

ରାଉରକେଲା, ୨୮।୬(ପି.ଏନ): ଟିକା କରଣକୁ ନେଇ ସୁନ୍ଦରଗଡ ଜିଲ୍ଲାରେ ପ୍ରଶାସନିକ ବାବୁ ବାବୁଆଣୀ ଓ ରାଜନେତା ମାନେ ବିଭିନ୍ନ ମିଡିଆରେ ଯୋରଦାର ପ୍ରଚାର କରୁଥିବା ବେଳେ ଜିଲ୍ଲାରେ କୋଭିଡ ଟିକା ମିଳୁ ନାହିଁ, ଯାହା କିଛି ଆସୁଛି ତାକୁ ସମୁଦ୍ରକୁ ଶଙ୍ଖେ ଦର୍ଶାଇ ଦାୟିତ୍ୱରେ ଥିବା କର୍ମଚାରୀ ମନଇଚ୍ଛା କାମ କରିବା ଓ ଏହାର ଫାଇଦା କଳା ବଜାରୀ ମାନେ ନେଉଥିବା ଭଳି ସାଂଘାତିକ ଅଭିଯୋଗ ହୋଇଛି । ଏହି ଭଳି ସ୍ଥିତି ଲାଗି ଆଜି ଟିକା ନେବାକୁ ପଞ୍ଜିକୃତ କରିଥିବା ଶହ ଶହ ଲୋକେ ରାଉରକେଲା ସରକାରୀ ଡାକ୍ତରଖାନାରେ ପହଁଚି ଟିକା ନପାଇବାରୁ ଫେରି ଅସନ୍ତୋଷ ବ୍ୟକ୍ତ କରିବା ସହ ଏହିଭଳି ଅଭିଯୋଗ ମାନ ଆଣିଛନ୍ତି । ଏନେଇ ରାଉରକେଲା ଓ ସୁନ୍ଦରଗଡରେ ଟିକାକରଣକୁ ନେଇ ଦାୟିତ୍ୱରେ ଥିବା ବାବୁ ମାନଙ୍କୁ ଯୋଗାଯୋଗ କରାଜିବାରୁ କୌଣସି ଉତର ମିଳିନଥିଲା, ସେପଟେ ଏନେଇ ସିଡିଏମଓଙ୍କୁ ଯୋଗାଯୋଗ କରାଜିବାରୁ ମଧ ସେ ନୀରବ । ଖବରରୁ ଜଣା ପଡିଛି ଯେ, ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଟୀକାର ଅଭାବ ଲାଗି ୪ ଦିନ ଧରି ସମସ୍ୟା ଲାଗି ରହିଛି । ରାଉରକେଲାର ବିଭିନ୍ନ ସେଂଟର ଲାଗି ଦିନକୁ ୫ ହଜାର ଟିକାର ଆବଶ୍ୟକତା ଥିବା ନେଇ ଏହି ଟିକାକରଣ ଦାୟିତ୍ୱ ବହନ କରୁଥିବା ଜଣେ କର୍ମଚାରୀ କହିଥିବା ବେଳେ ଆସୁଛି ମାତ୍ର ୧୦୦୦ ଟିକା । ତେଣୁ, ଟିକାକରଣ ସେଂଟର ଗୁଡିକରେ ୧୦୦ ରୁ ୨୦୦ ମଧ୍ୟରେ ଟିକା ଦେଇ ବନ୍ଦ କରାଯାଉଛି । ଏହି ଲୋକଙ୍କ ଭିତରେ ପୂର୍ବରୁ ପଞ୍ଜିକୃତ ହୋଇଥିବା ଲୋକଙ୍କ ଭିତରେ କେତେକ ପଲିଟିକାଲ ଦଲାଲ, କଳା ବଜାର କରୁଥିବା ଲୋକେ ରହୁଥିବାରୁ ସାଧାରଣ ଲୋକଟିଏ ବାରମ୍ବାର ଏହି ଟିକା ନେବାକୁ ଯାଇ ଫେରୁଥିବାର ଖବର ମିଳିଛି । କଳା ବଜାରୀମାନେ ପୂର୍ବରୁ ଟିକା ପିଛା ୩୦୦ ଟଙ୍କା ଲେଖାଏଁ ଆଦାୟ କରିନେଇ ବିଭିନ୍ନ ସେଂଟରକୁ ସେମାନଙ୍କୁ ପଠାଇବା ସହ ସେଠାରେ ଦାୟିତ୍ୱରେ ଥିବା କିଛି ଯୁବକଙ୍କୁ ତାହାର ତାଲିକା ପଠାଇ ଦେଉଛନ୍ତି । ଫଳରେ ସେଇମାନେ ହିଁ ଟିକା ନେଇ ପାରୁଛନ୍ତି ଅନ୍ୟମାନେ ନିରାଶ ହୋଇ ଫେରୁଛନ୍ତି । ଖାଲି ଏତିକି ନୁହେଁ ସରକାର ତାଙ୍କ କର୍ମଚାରୀ ମାନଙ୍କୁ ନୋଟିସ ଜାରୀ କରି ବିନା ପଞ୍ଜିକରଣରେ ଟିକା ନେଇ ହେବ କହୁଥିବା ବେଳେ ସରକାରୀ ଶିକ୍ଷକ ଓ ଅନ୍ୟ କର୍ମଚାରୀ ମାନେ ଏହି ସବୁ କେନ୍ଦ୍ରକୁ ଯାଇ ନିରାଶ ହୋଇ ଫେରୁଛନ୍ତି । ଏପଟେ ସେମାନେ ଟିକା ନେଇ ପାରୁ ନାହାନ୍ତି, ସେପଟେ ସରକାରଙ୍କ କାମ ଚାପ ଲାଗି ସେମାନଙ୍କୁ ବସ୍ତି ଓ ଲୋକଙ୍କ ଗହଳିକୁ ଜିବାକୁ ପଡୁଛି, ଏହାଦ୍ୱାରା ସେମାନେ ମାନସିକ ଚାପ ମଧ୍ୟରେ ଗତିକରୁଥିବାର ଖବର ମିଳିଛି । ଟିକାକରଣ ବେଳେ କେଉଁ ନେତାଙ୍କର ଫଟୋ ଏଥିରେ ରହିବ ସେ ନେଇ ପଲିଟିକାଲ ବାବୁ ମାନେ ଯେଉଁ ମାତ୍ରାରେ ହୋ ହାଲ୍ଲା କରୁଛନ୍ତି, କିନ୍ତୁ ସେହି ଅନୁପାତରେ ଟିକା କରଣର ଏଭଳି ସମସ୍ୟା ନେଇ ସମ୍ପୂର୍ଣ୍ଣ ନୀରବ । ଏପଟେ ବିଗତ ୪ ଦିନ ଧରି ଏଭଳି ସମସ୍ୟା ଲାଗି ରହିଥିବା ବେଳେ ସୁନ୍ଦରଗଡ ଜିଲ୍ଲାକୁ ଆବଶ୍ୟକ ଅନୁସାରେ ଟିକା ଯୋଗାଇ ଦିଆଯାଉ ନାହିଁ ଓ ଏନେଇ ବାବୁ ମାନେ ମଧ ମୁହଁ ଖୋଲୁ ନାହାନ୍ତି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଥିବା ଜଣେ ବରିଷ୍ଠ କର୍ମଚାରୀ ପ୍ରକାଶ କରିଛନ୍ତି । ସେପଟେ ଜିଲ୍ଲାର ବିଭିନ୍ନ ବିଧାୟକ ଓ ସାଂସଦ ମଧ ନୀରବ । ସ୍ଥିତି ଯଦି ଏହି ଭଳି ଲାଗି ରହେ ତେବେ କୋଭିଡକୁ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦେଉଥିବା ବାର୍ତା କିଭଳି ସଫଳ ହେବ ତାହା ବିଚାର କରାଜିବାର ଆବଶ୍ୟକତା ରହିଛି ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରୁସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରୁସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରୁସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ। ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି। ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ। ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି। ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି। ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ।

## ‘କର୍ଫି’ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୨୮ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ




# ଏମିତି ଆଉ କେତେ ଦିନ... !

ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ମନ୍ଦିର ଉପରେ ଆକ୍ରମଣ ଏବଂ ମନ୍ଦିର ଜମିକୁ ଜବର ଦଖଲ କରି ନେବାର ଖବର କିଛି ଦିନ ତଳେ ବିଭିନ୍ନ ଗଣମାଧମରେ ପ୍ରସାରିତ ହେଉଥିଲା । ମୌଲବାଦୀମାନେ ହିନ୍ଦୁମାନଙ୍କ ମନ୍ଦିର ଜମିକୁ ଜବର ଦଖଲ କରି ବିକ୍ରି କରି ଦେଉଛନ୍ତି । ସେଠାରେ ମନ୍ଦିର ଜମି କିଛି ବ୍ୟକ୍ତି କିଣି ନେଇ କେଉଁଠି ହୋଟେଲ କରୁଛନ୍ତି ତ ଆଉ କେଉଁଠି ଶୌଚାଳୟରେ ପରିଣତ କରାଯାଉଛି । କାରଣ ସେଠାରେ ହିନ୍ଦୁଙ୍କ ସଂଖ୍ୟା କମ୍ । ସେମାନଙ୍କର ଏହି ଦୁଃଖ ଶୁଣିବା ପାଇଁ କେହି ନାହାଁନ୍ତି କିନ୍ତୁ ଭାରତରେ ତ ସେୟା ନୁହେଁ । ଏଠାରେ ହିନ୍ଦୁମାନେ ସଂଖ୍ୟାବହୁଳ । ବିଶେଷ କରି ଜଗତର ନାଥ ଜଗନ୍ନାଥଙ୍କ ଧାମ ଓଡିଶାରେ ହିନ୍ଦୁଙ୍କ ସଂଖ୍ୟା କମ୍ ନୁହେଁ । କିନ୍ତୁ ସେଠାରେ ଜଗତର ନାଥ ଜଗନ୍ନାଥଙ୍କ ଜମି ବିକ୍ରି କରିବା ପାଇଁ ଷଡଯନ୍ତ୍ର । ଏହାକୁ କୌଣସି ମୌଲବାଦୀମାନେ ବିକ୍ରି କରିବାକୁ ଚାହୁଁ ନାହାଁନ୍ତି ! ମାର୍ଚ୍ଚ ୧୬ ତାରିଖ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ବିଧାନସଭା ପ୍ରଶ୍ନର ଉତରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମହାପ୍ରଭୁ ଜଗନ୍ନାଥଙ୍କ ମୂଲ୍ୟବାନ ଜମି ରାଜ୍ୟ ସରକାର ବିକ୍ରି କରିବାର ପ୍ରକ୍ରିୟାରେ ଅଛନ୍ତି ବୋଲି କହିଛନ୍ତି । ରାଜ୍ୟ ଭିତରେ ୨୪ଟି ଜିଲ୍ଲାରେ ଥିବା ୬୦,୪୨୬.୯୪୩ ଏକର ଜମି ଚିହ୍ନଟ ହୋଇଛି ଏବଂ ୩୪,୮୭୬.୯୮୩ ଏକର ଜମି ବିକ୍ରି କରିବା ପାଇଁ ଯୋଜନା ଚାଲିଛି । କଟକରେ ଭାରତୀ କୋଠାର ୩୧୫.୩୩୭ ଏକର ଜମିକୁ ରାଜ୍ୟ ସରକାର ବିକ୍ରି କରିସାରିଲେଣି ।

ଭାରତ ବର୍ଷ ଏକ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଅଟେ । ଭାରତର ସମ୍ବିଧାନ ସମସ୍ତ ନାଗରିକଙ୍କୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିଥାଏ । ମାତ୍ର ବଡ ଦୁଃଖର ବିଷୟ ଏହିକି ଯେ, ଭାରତବର୍ଷରେ ରହିଥିବା ମନ୍ଦିରଗୁଡିକୁ ସରକାର ନିଜ ନିୟନ୍ତ୍ରଣରେ ରଖିଥିଲା ବେଳେ ଚର୍ଚ୍ଚ, ମସଜିଦ, ଗୁରୁଦ୍ୱାର ଆଦି ଧାର୍ମିକ ଅନୁଷ୍ଠାନକୁ ନିୟନ୍ତ୍ରଣ ମୁକ୍ତ ରଖିଛନ୍ତି । ଯାହାଫଳରେ ମଠ ମନ୍ଦିରର ଅନେକ ସମ୍ପତି ଆୟ ହେଉଥିଲେ ମଧ ତାହାର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଇପାରୁନାହିଁ । ଏହି ଆଇନଗତ ତୃଟିକୁ ଲୋକଲୋଚନକୁ ଆଣିବା ଓ ଏହାର ସଂଶୋଧନ କରିବା ପାଇଁ ଅନେକ ହିନ୍ଦୁ ସଂଗଠନ ବାରମ୍ବାର ସ୍ୱର ଉତୋଳନ କରୁଥିଲେ ମଧ ସରକାର ଏହି ଦିଗରେ କୌଣସି କର୍ଣ୍ଣପାତ କରୁନାହାଁନ୍ତି ।

ପୂର୍ବରୁ ରାଜ୍ୟ ସରକାର ଅନେକ ସମୟରେ ମହାପ୍ରଭୁଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି । ରାଜ୍ୟ ସରକାର ନବକଳେବର ସମୟରେ ବ୍ରହ୍ମ ବିଭ୍ରାଟ କଲେ । ଗରିବ ଭକ୍ତମାନଙ୍କ ରହିବା ପାଇଁ ଉଦ୍ଦିଷ୍ଟ ଥିବା ବଗଲା ଧର୍ମଶାଳାକୁ ବିକ୍ରି କରିଦେଲେ । ସୌନ୍ଦର୍ଯ୍ୟକରଣ ନାଁରେ ମନ୍ଦିର ମଠ ଭାଙ୍ଗିଲେ । ସ୍ୱର୍ଗଦାର ଜମିକୁ ଲୁଟ୍ କଲେ । ଗତ ବର୍ଷ କୋରନାର ଆଳ ଦେଖାଇ ମିଥ୍ୟା ତଥ୍ୟ ଦେଇ ରଥଯାତ୍ରା କରାଇ ନଦେବାର ଷଡଯନ୍ତ୍ର ରଚିଥିଲେ । ଏମିତି କେତେ ଦିନ ଚାଲିବ ! କେତେ ଦିନ ପର୍ଯ୍ୟନ୍ତ ସରକାର ହିନ୍ଦୁ ସମାଜର ଧାର୍ମିକ ସ୍ୱାଧୀନତାକୁ ନିଜ ନିୟନ୍ତ୍ରଣରେ ରଖିବେ ? ମହାପ୍ରଭୁ ଜଗନ୍ନାଥ ଓଡିଆ ଜାତିର ପ୍ରାଣକେନ୍ଦ୍ର । ଜଗନ୍ନାଥଙ୍କର ରୀତି ନୀତି ଓ ସଂପତି ସହ ବିଭ୍ରାଟ ହେଲେ ହିନ୍ଦୁ ସମାଜ ଏବଂ ଓଡିଆ ଜାତି କେବେ ବି ଏହା ଗ୍ରହଣ କରିବ ନାହିଁ ।

ଓଡିଶା ସରକାର କେବଳ ହିନ୍ଦୁମାନଙ୍କ ସହିତ ଏହି ଖେଳ ଖେଳିପାରିବେ । କାରଣ ହିନ୍ଦୁମାନେ ଶାନ୍ତପ୍ରିୟ । ଯାହା କଲେ ବି କିଛି କହିବେ ନାହିଁ । ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ସହିତ ଏହି ଖେଳ ଖେଳିପାରିବେ ନାହିଁ । ଓଡିଶା ଜନସଂଖ୍ୟାର ୨.୪୪ ପ୍ରତିଶତ ଖ୍ରୀଷ୍ଟିଆନ ଅଛନ୍ତି । ସେମାନଙ୍କର ଧର୍ମପୀଠ ଚର୍ଚ୍ଚ ଅନେକ ଜମିର ମାଲିକ । ସେମାନଙ୍କ ଧର୍ମପୀଠ ପାଇଁ କୌଣସି ଟିକସ ଲାଗେନାହିଁ କି ସେମାନେ ସରକାରଙ୍କୁ ଏ ସଂପର୍କରେ କୌଣସି ବିବରଣୀ ପ୍ରଦାନ କରନ୍ତି ନାହିଁ । ସେମାନଙ୍କ ପାଇଁ ଆସୁଥିବା ଦାନ ବା ସାହାଯ୍ୟ କେଉଁଠୁ ଆସେ, କେଉଁ କାମରେ ଲାଗେ, ତାହାର କୌଣସି ହିସାବ ନାହିଁ । ତାହାର ହିସାବ କେବଳ ଭାଟିକାନ୍‌କୁ ହିଁ ଦିଆଯାଏ । ଏଠି ପ୍ରଶ୍ନ ଉଠୁଛି ଯେ ୨.୪୪ ପ୍ରତିଶତ ଲୋକଙ୍କ ଧର୍ମାନୁଷ୍ଠାନ ନିକଟରେ ଏତେ ସମ୍ପତି ଅଛି, ତାହାକୁ ସରକାର କାହିଁକି ସର୍ବସାଧାରଣ କାର୍ଯ୍ୟରେ ବ୍ୟବହାର କରୁନାହାଁନ୍ତି । ଇଂରେଜମାନଙ୍କ ଷଡଯନ୍ତ୍ର ଓ ମିଶନାରୀମାନେ ହିନ୍ଦୁମାନଙ୍କୁ ଧର୍ମାନ୍ତରିତ କରି ଏକର ଏକର ଜମିକୁ ଦଖଲ କରି ନେଇଛନ୍ତି । ଓଡିଶାରେ ଥିବା ସମସ୍ତ ଚର୍ଚ୍ଚ ସମ୍ପତିର ମାଲିକାନା ସ୍ୱତ୍ୱ ଭାଟିକାନ ପାଖରେ । କାରଣ ଏହି ସମସ୍ତ ଚର୍ଚ୍ଚ ଭାଟିକାନ ଦ୍ୱାରା ପରିଚାଳିତ । ଓଡିଶା ସରକାର କି ଭାରତ ସରକାର କାହାରି ସେମାନଙ୍କ ଉପରେ ନିୟନ୍ତ୍ରଣ ନାହିଁ । ଯେଉଁଥିପାଇଁକି ସେମାନଙ୍କର କୌଣସି କାର୍ଯ୍ୟ ଉପରେ ହସ୍ତକ୍ଷେପ କରିପାରିବେ ନାହିଁ । ବ୍ରିଟିଶମାନଙ୍କର ଦୂରଦୃଷ୍ଟି ଏବଂ ଓଡିଶାବାସୀଙ୍କ ଉଦାରତାର ଏହା ହେଉଛି ଫଳାଫଳ । ଓଡିଶା ଜନସଂଖ୍ୟାର ୨.୦୭ ପ୍ରତିଶତ ମୁସଲମାନଙ୍କ ଯେତେଗୁଡିଏ ଉପାସନା ପୀଠ ଅଛି ତାର ସମସ୍ତ ସମ୍ପତି ୱାକଫ ବୋର୍ଡ ଅଧିନରେ ରହିଛି । ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ । ସ୍ୱାଧୀନତା ପରେ ମୁସଲମାନମାନଙ୍କର ମଦ୍ରାସା, ମଜାର, ମସଜିଦ୍ ଏବଂ କବର ସ୍ଥାନ ସଂଖ୍ୟା ଅତି ନଗଣ୍ୟ ଥିଲା । ଏବେ କିନ୍ତୁ ଓଡିଶାରେ ବିଭିନ୍ନ ଗାଁଗହଳିରେ, ସହର ବଜାରରେ, ମୁଖ୍ୟ ରାସ୍ତାକଡରେ, ଟ୍ରେନ ଲାଇନ କଡରେ, ବିଭିନ୍ନ ବସ୍ତିରେ ଶହ ଶହ ସଂଖ୍ୟାରେ ମସଜିଦ୍, ମଦ୍ରାସା, ମଜାର ଗଢି ଉଠିଛି । ଏହାର ଚାରି ପାଖରେ ଥିବା ଜମିକୁ ମଧ ଦଖଲ କରି ନେଉଛନ୍ତି । ଉଦାହରଣ ସ୍ୱରୂପ ଆମ କେନ୍ଦ୍ରାପଡା ସହରର ଥିବା ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ଥିବା ମନ୍ଦିର ଭାଙ୍ଗି ସେଠାରେ ମସଜିଦ୍ ନିର୍ମାଣ କରିବା ସହିତ ତା'ର ଚତୁଃପାର୍ଶ୍ୱକୁ ଦଖଲ କରି ନେଇଛନ୍ତି । ସହର ଦେଇ ପ୍ରବାହିତ ଗୋବରୀ ନଦୀ ପଠାକୁ ସଂପୂର୍ଣ୍ଣ ରୂପେ ଦଖଲ କରି ନେଇଛନ୍ତି । ଗରାପୁରର ହନୁମାନ ମନ୍ଦିର ଜମିକୁ ଦଖଲ କରି ନେଇଛନ୍ତି । କଚେରୀ ପଡିଆ ହେଉ କି ହାଇସ୍କୁଲ ପଡିଆ ହେଉ ସବୁଠାରେ ହିନ୍ଦୁମାନଙ୍କ କାର୍ଯ୍ୟକ୍ରମକୁ ସେମାନେ ବିରୋଧ କରୁଛନ୍ତି । ଓଡିଶାର ବିଭିନ୍ନ ମଦ୍ରାସାରେ ମୌଳବାଦ ଶିକ୍ଷା ଦିଆଯାଉଛି । ରହମାନ ପରି ଆତଙ୍କବାଦୀମାନେ ଏଠାରେ ରହି ପ୍ରଶିକ୍ଷଣ ଦେଇଛନ୍ତି । ବିଭିନ୍ନ ରାଜ୍ୟରେ ଆତଙ୍କ ସୃଷ୍ଟି କରିବା ପାଇଁ ସେମାନେ ଓଡିଶାରେ ରହି ଯୋଜନା ତିଆରି କରିଛନ୍ତି । ୱାକଫ ବୋର୍ଡ ଉପରେ ଓଡିଶା ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ । ଏହା କୌଣସି ଭାରତୀୟ ଆଇନ୍ ଦ୍ୱାରା ନୁହେଁ ବରଂ ମୁସଲିମ ପର୍ସନାଲ ଲ ବୋର୍ଡ ଦ୍ୱାରା ପରିଚାଳିତ । ସ୍ୱାଧୀନତା ପରଠାରୁ ରାଜ୍ୟର କୌଣସି ସରକାର ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ଦ୍ୱାରା ବେଆଇନ ଭାବେ ଜବରଦଖଲ ହୋଇଥିବା ସଂପତିକୁ ମୁକ୍ତ କରିବାକୁ ଚେଷ୍ଟା କରିନାହାଁନ୍ତି ।

ଅନ୍ୟ ପଟରେ ସୌନ୍ଦର୍ଯ୍ୟକରଣ ନାମରେ ହିନ୍ଦୁ ମନ୍ଦିରଗୁଡିକୁ ଭଙ୍ଗାଯାଉଛି । ମନ୍ଦିରର ଜମି ବିକ୍ରି କରାଯାଉଛି । ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ହିନ୍ଦୁ ମନ୍ଦିରଗୁଡିକ ସମାଜର ଶକ୍ତି କେନ୍ଦ୍ର ରୂପେ ପରିଚିତ । ମନ୍ଦିର ଯୋଗୁଁ ସମଗ୍ର ଗ୍ରାମରେ ସଂସ୍କୃତି, ଧର୍ମ ଓ କଳାର ପ୍ରଚାର ହେଉଛି । ମୋଗଲ ଆକ୍ରମଣକାରୀଙ୍କ ଆକ୍ରମଣ ପରେ ମନ୍ଦିର ଏବଂ ଅନ୍ୟ ଧର୍ମସ୍ଥଳୀର ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା । ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥଙ୍କ ମନ୍ଦିର ଯୋଗୁଁ ସାରା ଉତ୍କଳବାସୀ ଏକତାର ବନ୍ଧନରେ ବାନ୍ଧି ହୋଇ ରହିଛନ୍ତି । ସେଥିପାଇଁ ଆକ୍ରମଣକାରୀମାନେ ଉତ୍କଳର ଏକତାକୁ ଭାଙ୍ଗିବା ପାଇଁ ବାରମ୍ବାର ଜଗନ୍ନାଥ ସଂସ୍କୃତି ଉପରେ ଆକ୍ରମଣ କରିଛନ୍ତି । ମନ୍ଦିରମାନଙ୍କରୁ ଧନସଂପତି ଲୁଟ କରି ସେମାନେ ସାମ୍ରାଜ୍ୟ ବିସ୍ତାର କାର୍ଯ୍ୟରେ ଲଗାଇଛନ୍ତି ।

ବ୍ରିଟିଶ ଆଗମନ ପରେ ସେମାନେ ନିଜର କାୟା ବିସ୍ତାର ପାଇଁ ୧୮୧୭ ମସିହାରେ ମାଡ୍ରାସ ରେଗୁଲେସନ ଆକ୍ଟ ପ୍ରଣୟନ କରି ମନ୍ଦିରଗୁଡିକର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇ ଯାଇଥିଲେ । ୧୮୪୦ରେ ବିରୋଧ ହେବା ଯୋଗୁଁ ହିନ୍ଦୁ ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇଥିଲା । ୧୯୨୫ ମସିହାରେ ଇଂରେଜମାନେ ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମପୀଠଗୁଡିକୁ ଏହି ଅଧିନିୟମରେ ସାମିଲ କରିବାରୁ ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ବିରୋଧ ଯୋଗୁଁ ଏହାକୁ ପ୍ରତ୍ୟାହାର କରି ନିଆଯାଇଥିଲା । ୧୯୨୭ରେ ଏହାକୁ ମାଡ୍ରାସ ହିନ୍ଦୁ ଧର୍ମ ଏବଂ ଏଣ୍ଡାମେଂଟ ଆକ୍ଟରେ (Madras Hindu Religious Endowments Act, 1927)ପରିବର୍ତନ କରାଯାଇଥିଲା । ସନାତନ ପରମ୍ପରାର ସମସ୍ତ ଅଂଗକୁ ଏକାଠି ବିଦ୍ରୋହ ନକରିବା ପାଇଁ ଜୈନ, ଶିଖ୍ ଏବଂ ବୌଦ୍ଧ ଧର୍ମପୀଠଗୁଡିକୁ ଏଥିରୁ ବାଦ ଦିଆଯାଇଥିଲା । ବ୍ରିଟିଶମାନଙ୍କୁ ଭଲ ପାଉଥିବା ବ୍ୟକ୍ତିମାନଙ୍କୁ ଟ୍ରଷ୍ଟରେ ସାମିଲ କରି ଇଂରେଜମାନେ ଏହି ଟ୍ରଷ୍ଟିମାନଙ୍କ ମାଧ୍ୟମରେ ମନ୍ଦିରଗୁଡିକର ଜମି ଓ ଧନସଂପତିକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ ଏଥିରେ କୌଣସି ପରିବର୍ତନ ହୋଇ ନାହିଁ । କେବଳ ପାର୍ଥକ୍ୟ ହେଉଛି ଯେ ମନ୍ଦିରର ଅଧିକାଂଶ ପ୍ରଶାସକ ବର୍ତମାନର ହିନ୍ଦୁ ନାମଧାରୀ ଅଟନ୍ତି । ସରକାରଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ମନ୍ଦିର ଦାନରୁ ବିପୁଳ ଦରମା ନିଅନ୍ତି କିନ୍ତୁ ପୂଜକମାନଙ୍କୁ କୌଣସି ରାଶୀ ପ୍ରଦାନ କରାଯାଉନାହିଁ । ଅନ୍ୟପକ୍ଷରେ ସରକାର ମୁସଲମାନ ଓ ଅନ୍ୟାନ୍ୟ ପୀଠର ପୂଜକଙ୍କୁ ଦରମା ଦିଅନ୍ତି । ମୁସଲମାନ ଓ ଅନ୍ୟ ଧର୍ମର ଶିକ୍ଷା ପାଇଁ ବିଦ୍ୟାଳୟଗୁଡିକୁ ଅନୁଦାନ ଦିଅନ୍ତି କିନ୍ତୁ ହିନ୍ଦୁ ଧର୍ମର ପ୍ରଚାର ପ୍ରସାର ପାଇଁ କୌଣସି ଗୋଟିଏ ହେଲେ ବିଦ୍ୟାଳୟ ଖୋଲନ୍ତି ନାହିଁ ।

ଏବେ ସମୟ ଆସିଛି । ହିନ୍ଦୁମାନଙ୍କୁ ସେମାନଙ୍କ ମନ୍ଦିରକୁ ସରକାରୀ କବଳରୁ ମୁକ୍ତ କରିବା ପାଇଁ ଚାପ ପକାଇବାକୁ ପଡିବ । ଏହି ଅବସରରେ ମଠ ମନ୍ଦିରର ଉନ୍ନତିକରଣ ପାଇଁ ଓଡିଶାର ଜଣେ ପୂର୍ବତନ ଅତିରିକ୍ତ ଡିଜି ଏବଂ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ଆନ୍ଧ୍ର ଓ ତେଲେଙ୍ଗନା ରାଜ୍ୟରେ 'ମନ୍ଦିର ବିମୋଚନ ସମିତି' ନାମରେ ଏକ ଅଭିଯାନ ଆରମ୍ଭ କରିଛନ୍ତି । ଏହାକୁ ପାଥେୟ କରି କଟକର ମହାନଦୀ ବିହାରରେ କଟକର ବହୁ ବରିଷ୍ଠ ବୁଦ୍ଧିଜୀବୀଙ୍କ ଆଲୋଚନାଚକ୍ର ମଧ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱହିନ୍ଦୁ ପରିଷଦ ମଧ ଏଥିପାଇଁ ଅଭିଯାନ କରିବା ପାଇଁ ସନ୍ଦେଶ ଦେଇଛି । ବିଶ୍ୱହିନ୍ଦୁ ପରିଷଦର ସାଧାରଣ ସମ୍ପାଦକ ମିଲିନ୍ଦ ପାରାଣ୍ଡେ ଏକ ବିବୃତିରେ କହିଛନ୍ତି ଯେ ଦେଶରେ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ୪ ଲକ୍ଷରୁ ଅଧିକ ମନ୍ଦିରକୁ ମୁକ୍ତ କରିବା ପାଇଁ ପରିଷଦ ଦେଶବ୍ୟାପୀ ଅଭିଯାନ କରିବ । ତାମିଲନାଡୁ ନିର୍ବାଚନରେ ଏକ ରାଜନୈତିକ ଦଳ ସରକାରୀ କବଳରୁ ମନ୍ଦିର ମୁକ୍ତ କରିବା ପାଇଁ ତା'ର ନିର୍ବାଚନ ଇସ୍ତାହାରରେ ପ୍ରକାଶ କରିଛି । ଦେଶର ସମସ୍ତ ମନ୍ଦିରଗୁଡିକୁ ଏହି ବିଭିଷିକାରୁ ମୁକ୍ତ କରିବା ପାଇଁ ହିନ୍ଦୁମାନେ ସଚେତନ ହେବା ସହିତ ଧାର୍ମିକ ସ୍ୱାଧୀନତା ପାଇଁ ଆନ୍ଦୋଳନ କରିବାକୁ ଆଗଭର ହେଲେଣି । ମନ୍ଦିର ଚଳାଇବା ଅଥବା ମନ୍ଦିରର ଆର୍ଥିକ କାରବାର ଏବଂ ପରିଚାଳନାରେ ହସ୍ତକ୍ଷେପ କରିବା ସରକାରଙ୍କର କାମ ନୁହେଁ । ବର୍ତମାନ ସମୟ ଆସିଛି ସମସ୍ତ ରାଜ୍ୟ ସରକାର ତଥା ଭାରତର ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ଅତିଶୀଘ୍ର ମଠ ମନ୍ଦିରଗୁଡିକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରି ଦିଅନ୍ତୁ । ହିନ୍ଦୁ ସମାଜ ବିରୋଧରେ ଦଶନ୍ଧି ଦଶନ୍ଧି ଧରି ଚାଲି ଆସୁଥିବା ଅନ୍ୟାୟ ଉପରେ ପୂର୍ଣ୍ଣ ବିରାମ ଲଗାଯାଉ । ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ତେଲେଙ୍ଗାନା ଭଳି ଅନେକ ରାଜ୍ୟରେ ଏହି କାରଣରୁ ହିନ୍ଦୁ ସମାଜର ଗଭୀର କ୍ରୋଧ ରହିଛି । ରାଜ୍ୟ ସରକାରଙ୍କ ଦ୍ୱାରା ମନ୍ଦିର ସମ୍ପତିର ଅପବ୍ୟବହାର, ଅଶ୍ରଦ୍ଧାବାନ ବ୍ୟକ୍ତି, ଦୁର୍ନୀତିଗ୍ରସ୍ତ ପ୍ରଶାସକ ଏବଂ ରାଜନେତାଙ୍କ ଦ୍ୱାରା ମନ୍ଦିର ପରିଚାଳନାରେ ଅନୁପ୍ରବେଶ, ଅହିନ୍ଦୁ କାର୍ଯ୍ୟ ପାଇଁ ଭଗବାନଙ୍କ ନୈବେଦ୍ୟର ଅପବ୍ୟବହାର କାହାକୁ ଅଛପା ନାହିଁ । ଏହି କାରଣରୁ ମନ୍ଦିରର ପବିତ୍ରତା ଏବଂ ସେଠାରେ ଥିବା ଆଧାତ୍ମିକ ପରିବେଶକୁ ପ୍ରଦୂଷିତ କରିବା ପାଇଁ ଷଡଯନ୍ତ୍ର ହେଉଛି । ସରକାରଙ୍କ ଦ୍ୱାରା ମନ୍ଦିର ନିୟନ୍ତ୍ରଣ ଏବଂ ପରିଚାଳନାରେ ହସ୍ତକ୍ଷେପ ଯୋଗୁଁ ହିନ୍ଦୁ ସମାଜ ଦଶନ୍ଧି ଦଶନ୍ଧି ଧରି ସମ୍ବିଧାନ ପ୍ରଦତ୍ତ ଧାର୍ମିକ ସ୍ୱାଧୀନତାରୁ ବଂଚିତ ରହିଛି । ଅନ୍ୟ ଉପାସନାସ୍ଥଳୀକୁ ସରକାର ଯେଉଁ ଚଷମାରେ ଦେଖୁଛନ୍ତି, ସମସ୍ତ ଧର୍ମପୀଠକୁ ସେହି ଗୋଟିଏ ଚଷମାରେ ଦେଖିବା ଉଚିତ । ମସଜିଦ୍, ଚର୍ଚ୍ଚ ଆଦି ବିଭିନ୍ନ ଉପାସନା ସ୍ଥଳୀର ପରିଚାଳନା, ତାଙ୍କର ସମ୍ପତି ବିକ୍ରି କରିବାରେ ସରକାର ଯେପରି ହସ୍ତକ୍ଷେପ କରୁନାହାଁନ୍ତି, ଠିକ୍ ସେହିପରି ହିନ୍ଦୁମାନଙ୍କ ମଠ, ମନ୍ଦିରକୁ ନିଜ ନିୟନ୍ତ୍ରଣରୁ ମୁକ୍ତ କରନ୍ତୁ ।

**ଗୋଲଖ ଚନ୍ଦ୍ର ଦାସ**
**ଘିଗିଡିଆ, ବାରୁଅ, କେନ୍ଦ୍ରାପଡା,**
**ମୋ-୯୮୬୧୦୨୮୫୫୩**

# ଲିଭର, ବିଦେଶୀ ଷ୍ଟ୍ରେନ୍, ସେରୋ ସର୍ଭେ ଓ ଅକ୍ସିଜେନର ଆବଶ୍ୟକତା

•••••• ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର ••••••



ପ୍ରତିବର୍ଷ ଅପ୍ରେଲ ୧୯ ତାରିଖରେ ଲିଭର ସଚେତନତା ଦିବସ ପାଳନ କରାଯାଏ। ଆସନ୍ତୁ ସର୍ବପ୍ରଥମେ ଜାଣିବା ଯେ ଆମ ଶରୀରରେ ଲିଭରର ଅବସ୍ଥିତି କ'ଣ ? ଏହି ଲିଭରର ଲମ୍ବା ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଳିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଦେଶରେ କରୋନା ସଂକ୍ରମଣ ବଢ଼ାଇବାର କାରଣ ପଛରେ ରହିଛି କରୋନା ଭାଇରସର ନୂଆ ରୂପ 'ଡବଲ ମ୍ୟୁଟେଣ୍ଟ'। ଏହି ମ୍ୟୁଟେଣ୍ଟ ହିଁ ଭାରତରେ ସୃଷ୍ଟି ହୋଇଛି। ବ୍ରିଟେନ୍, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ ଷ୍ଟ୍ରେନ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ଓ ଅଧିକ ଘାତକ। ପୁନେସ୍ଥିତ ନ୍ୟାସନାଲ ଭାଇରୋଲୋଜି ସେଣ୍ଟର ପକ୍ଷରୁ ମହାରାଷ୍ଟ୍ରରୁ ସଂଗୃହୀତ ୩୬୧ ନମୁନା ପରୀକ୍ଷାରୁ ଏହି ଷ୍ଟ୍ରେନ୍ ବିଷୟରେ ଜାଣିବାକୁ ପାଇଥିଲା। ସେହି ନମୁନାରୁ ୬୧ ପ୍ରତିଶତ ଅର୍ଥାତ୍ ୨୨୦ଟିରେ ଡବଲ ମ୍ୟୁଟେଣ୍ଟ ଷ୍ଟ୍ରେନ୍ ମିଳିଥିଲା। ଯାହାକୁ ବିଶେଷଜ୍ଞମାନେ ବି.୧.୬୧୭ ନାମରେ ନାମିତ କରିଛନ୍ତି। ଏହି ଭାରିଆଣ୍ଟରେ ଦୁଇଟି ମ୍ୟୁଟେଣ୍ଟ ଇ୪୮୪କ୍ୟୁ ଏବଂ ଏଲ୪୫୨ଆର ରହିଛି। ଭାଇରସ୍ ଅଧିକ ସମୟ ଧରି ତିଷ୍ଠି ରହିବା ଲାଗି ନିଜର ଜେନେଟିକ ସଂରଚନାକୁ ବାରମ୍ବାର ବଦଳାଉଛି। ଯାହାଫଳରେ ଏହାକୁ ନିପାତ କରିବା କଷ୍ଟକର ହୋଇପଡ଼ିବ। ଦୁଇ ପ୍ରକାର ମ୍ୟୁଟେସନ ଯୋଗୁଁ ଏହି ଭାଇରସ୍ ପୂର୍ବରୁ ସମସ୍ତ ଷ୍ଟ୍ରେନ୍ ଅପେକ୍ଷା ଅଧିକ ବିପଜ୍ଜନକ ତଥା ଘାତକ ବୋଲି କୁହାଯାଉଛି। ସେଥିପାଇଁ ଟିକା ନେଇଥିବା ବ୍ୟକ୍ତି ଏବଂ ପୂର୍ବରୁ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କୁ ମଧ ଏହି ଡବଲ ମ୍ୟୁଟେଣ୍ଟ ସଂକ୍ରମିତ କରୁଛି। ଯାହାକି ବଡ଼ ଚିନ୍ତାର ବିଷୟ ପାଲଟିଛି।

ଭାରତରେ ପରୀକ୍ଷା କରାଯାଇଥିବା ମୋଟ ୧୩,୬୧୪ କରୋନା ଭାଇରସ୍ (କୋଭିଡ଼-୧୯) ନମୁନାରୁ ୧,୧୮୯ଟି ବିଦେଶୀ ଷ୍ଟ୍ରେନ୍ (ରୂପାନ୍ତର) ଚିହ୍ନଟ କରାଯାଇଛି। ସେଥିରୁ ୧୧୦୯ଟି ନମୁନାରେ ବ୍ରିଟେନ ଭାରିଆଣ୍ଟ ରହିଥିଲାବେଳେ ୭୯ଟିରେ ଦକ୍ଷିଣ ଆଫ୍ରିକା ସ ଗୋଟିକରେ ବ୍ରାଜିଲ ଭାରିଆଣ୍ଟ ମିଳିଛି। ଇଣ୍ଡିଆନ ଜେନୋମିକ କନ୍‌ସୋଟିୟମ ଫର କୋଭିଡ଼-୧୯ ପକ୍ଷରୁ ଏହି ପରୀକ୍ଷା କରାଯାଇଥିଲା। ଜେନମ ସକ୍ୟୁଏନ୍ସି




ସଂକ୍ରାନ୍ତ ତଥ୍ୟ ୨୦୨୧ ମାର୍ଚ୍ଚ ୨୬ ତାରିଖ ଠାରୁ ରାଜ୍ୟ ମାନଙ୍କୁ ନିୟମିତ ଭାବେ ସେୟାର କରାଯାଇ ଆସୁଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଭିନ୍ନ ପ୍ରକାର ମ୍ୟୁଟେସନକୁ ଯେଭଳି ଠାବ କରାଯାଇପାରିବ ସେଥିପାଇଁ ବିଦେଶରୁ ଫେରିଥିବା ବ୍ୟକ୍ତି ଓ ସର୍ବାଧିକ ପଜିଟିଭ ଚିହ୍ନଟ ଅଞ୍ଚଳର ଲୋକଙ୍କ ଆରଟି-ପିସିଆର ଟେଷ୍ଟ କରାଯାଉଛି। କୋଭିଡ଼-୧୯ ଲଗାତାର ଭାବେ ତାର ରୂପ ବଦଳାଉଛି ଏବଂ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାରର ରୂପ ଦେଖିବାକୁ ମିଳିଛି। ବ୍ରିଟେନ ଓ ବ୍ରାଜିଲରେ କରୋନାର ୧୭ ଲେଖାଏ ମ୍ୟୁଟେସନ ଦେଖିବାକୁ ମିଳିଥିଲାବେଳେ ଦକ୍ଷିଣ ଆଫ୍ରିକାରେ ୧୨ ମ୍ୟୁଟେସନ ଦେଖାଯାଇଛି। କରୋନାର ଏହି ଭାରିଆଣ୍ଟ ଅଧିକ ସଂକ୍ରମଣ କରୁଛି। ବ୍ରିଟେନରେ ଦେଖାଯାଇଥିବା ଭାରିଆଣ୍ଟ ବ୍ରିଟେନ ସମେତ ୟୁରୋପ, ଏସିଆ ଓ ଆମେରିକାରେ କାୟା ମେଲାଇ ସାରିଲାଣି। ଡବଲ ମ୍ୟୁଟେସନ ଅନ୍ୟ ଏକ ଭାରିଆଣ୍ଟ ଯାହାକି ଅଷ୍ଟ୍ରେଲିଆ, ବେଲଜିୟମ, ଜର୍ମାନୀ, ଆୟରଲ୍ୟାଣ୍ଡ, ନାମ୍ବିଆ, ନ୍ୟୁଜିଲାଣ୍ଡ, ସିଙ୍ଗାପୁର, ବ୍ରିଟେନ ଓ ଆମେରିକା ଭଳି ଅନେକ ଦେଶରେ ଦେଖିବାକୁ ମିଳିଛି। ତେବେ ଏହି ଭାରିଆଣ୍ଟ ଅଧିକ ସଂକ୍ରମଣ କରୁଥିବାର ପ୍ରମାଣ ମିଳିନାହିଁ। ବିଭିନ୍ନ ଦେଶରେ ନୂଆ ଷ୍ଟ୍ରେନ୍ ଦେଖିବାକୁ ମିଳିଥିବାରୁ ସେଠାରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବାକୁ ରାଜ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି। ଇଣ୍ଡିଆନ୍ ଜେନୋମିକ ଜନସୋର୍ଟିୟମ ଫର କୋଭିଡ-୧୯ ପକ୍ଷରୁ ଏଥିପାଇଁ ମାର୍ଗଦର୍ଶିକା ମଧ ଜାରି କରାଯାଇଛି। ଦେଶର କେତେକ ଅଞ୍ଚଳରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବାରୁ ସେସବୁ ଅଞ୍ଚଳରେ ଆକ୍ରାନ୍ତଙ୍କ ଠାରୁ ନମୁନା ସଂଗ୍ରହ କରି ତାର ଜେନମ ସିକ୍ୟୁଏନ୍ସି ପାଇଁ ଏନ୍‌ସିଡିସି (ନ୍ୟାସନାଲ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ)କୁ ପଠାଇବା ଲାଗି ବିଭିନ୍ନ ରାଜ୍ୟକୁ ପରାମର୍ଶ ଦିଆଯାଇଛି। ଦିଲ୍ଲୀ ଓ ପଞ୍ଜାବ ଭଳି କିଛି ରାଜ୍ୟ ନମୁନା ପଠାଇଥିଲା ବେଳେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ କେରଳ ଭଳି ଅଧିକ ସଂକ୍ରମିତ ରାଜ୍ୟ ନମୁନା ପଠାଇ ନଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଜଣେ କୋଭିଡ଼ ଟିକା ନେଇଗଲେ ଯେ ସେ ସଂପୂର୍ଣ୍ଣ ସଂକ୍ରମଣମୁକ୍ତ ତାହା ଭାବିବା ଭୁଲ ହେବ। ଅପରପକ୍ଷେ ଟିକା କେବଳ ରୋଗର ଭୀଷଣତାକୁ କମାଇବା ସହ ଉପଶମ କରିବାରେ ସହାୟକ ହୋଇଥାଏ ବୋଲି ସ୍ୱାସ୍ଥ୍ୟ ଓ ବିକାଶ ଅର୍ଥନୀତିଜ୍ଞ ପ୍ରଫେସର ଅନୁପ ମାଲାନି କହିଛନ୍ତି। ଅବଶ୍ୟ ଟିକା ନେଲେ ମଧ ପୁନଃସଂକ୍ରମଣର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଅପରପକ୍ଷେ, ଦେଶରେ ସମ୍ପ୍ରତି ଦେଖାଦେଇଥିବା ଅହେତୁକ ସଂକ୍ରମଣ ବୃଦ୍ଧି ପାଇଁ ଏପରି ପୁନଃସଂକ୍ରମଣକୁ ସେ ଦାୟୀ କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟ ଓ ସହରରେ ସେରୋ ସର୍ବେକ୍ଷଣ ଚଳାଇଥିବା ତଥା ସିକାଗୋ ବିଶ୍ୱବିଦ୍ୟାଳୟର ଲ'ସ୍କୁଲ ଓ ପ୍ରିଜକର ଭେଷଜ ସ୍କୁଲର ପ୍ରଫେସର ମାଲାନିଙ୍କ ମତରେ ପୂର୍ବର ସଂକ୍ରମଣ ଓ ଟିକା କେବେ ଜଣକୁ ସଂକ୍ରମିତ ହେବାରୁ ରୋକିପାରିବନି। ତେବେ ସଂକ୍ରମଣଜନିତ ମୃତ୍ୟୁ ବା ଅନ୍ୟାନ୍ୟ ଭୟାବହତାକୁ ଟିକା ଦୂରେଇ ଦେଇଥାଏ। ଏଥିସହିତ ଅନ୍ୟକୁ ସଂକ୍ରମିତ କରିବାର ଆଶଙ୍କା ମଧ କମାଇ ଦେଇଥାଏ। ସୁତରାଂ ଟିକା ନେଲେ ପରେ ପୁନଃସଂକ୍ରମଣର ଆଶଙ୍କା ରହିଲେ ବି ତାହା ବେଶୀ କ୍ଷତିକାରକ ହେବନାହିଁ ବୋଲି ସେ କହିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅକ୍ସିଜେନ ଫର୍ମୁଲା ଅନୁସାରେ ୧୦୦ ରୋଗୀଙ୍କ ପାଇଁ ଘଣ୍ଟା ପ୍ରତି ୯୦ କ୍ୟୁବିକ ମିଟର ଅକ୍ସିଜେନ୍ ଜରୁରୀ। ଗତବର୍ଷ ସେପ୍ଟେମ୍ବର ମାସରେ ରାଜ୍ୟର ୮୨୦ଜଣ କରୋନା ରୋଗୀ ଆଇସିୟୁରେ ଥିବାବେଳେ ଘଣ୍ଟାପ୍ରତି ୭୩୮ କ୍ୟୁବିକ ମିଟର ଅନୁସାରେ ଦିନକୁ ୨୩ ମେଟ୍ରିକ ଟନ ଅକ୍ସିଜେନର ଆବଶ୍ୟକତା ପଡୁଥିଲା। ରାଜ୍ୟରେ ଏବେ ଦିନକୁ ସିଲିଣ୍ଡରରେ ୧୨୯.୬୮ ମେଟ୍ରିକ ଟନ୍ ସିଲିଣ୍ଡର ଅକ୍ସିଜେନ ଓ ୩୭୫ ମେଟ୍ରିକ ଟନ୍ ଲିକ୍ୱିଡ ମେଡ଼ିକାଲ ଅକ୍ସିଜେନ (ଏଲଏମଓ) ଉତ୍ପାଦନ ହୋଇପାରୁଛି। ଟିକାକରଣ ଉପରେ ସମସ୍ତେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସାମାଜିକ ଦୂରତା, ମାସ୍କ, ସାନିଟାଇଜର ହେଉଛି ଦ୍ୱିତୀୟ ଟିକା। ଏହାର ବିକଳ୍ପ ନାହିଁ। ଆଜି ବିଶ୍ୱ ଲିଭର ଦିବସ ଅବସରରେ ସର୍ବପ୍ରଥମେ ସାମାଜିକ ଦୂରତ୍ୱ ଅବଲମ୍ବନ ସହ ବାରମ୍ବାର ହାତଧୁଅନ୍ତୁ, ମାସ୍କ ପିନ୍ଧନ୍ତୁ, ବାହାର ଖାଦ୍ୟ ଓ ପାନୀୟ ଠାରୁ ଦୂରେଇ ରୁହନ୍ତୁ। ଟିକା ଜରୁରୀ ଭାବେ ନିଅନ୍ତୁ ଏବଂ ଟିକା ନେଇଥିଲେ ମଧ ବେପରୁଆ ଜୀବନ ବିତାନ୍ତୁ ନାହିଁ। ପ୍ରଶାସନ ଓ ସରକାରଙ୍କ ପରାମର୍ଶ ଗ୍ରହଣ କରନ୍ତୁ ଏହା ହିଁ ବାଞ୍ଛନୀୟ ଓ ଆଜିର ସମୟର ବଡ଼ ଆବଶ୍ୟକତା।

*–ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

## ମହାତ୍ମା ଗାନ୍ଧୀ ସ୍ମାରକୀ ଟ୍ରଷ୍ଟର ୧୦ ତାରିଖ କାର୍ଯ୍ୟକ୍ରମ ବାତିଲ

ଭୁବନେଶ୍ୱର(ପିଏନ୍)-ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ମହାତ୍ମା ଗାନ୍ଧୀ ସ୍ମାରକୀ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ବାପୁଙ୍କ ଓଡିଶା ଗସ୍ତର ଶତବାର୍ଷିକର ଆସନ୍ତା ୧୦ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମ ଭୁବନେଶ୍ୱର ପୌର ନିଗମ କର୍ତୃପକ୍ଷଙ୍କ ନିର୍ଦ୍ଦେଶମତେ ବାତିଲ କରାଯାଇଛି ବୋଲି ଏକ ପ୍ରେସ୍ ବିବୃତିରେ ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଜଣାଇଛନ୍ତି। ଗାନ୍ଧୀ ସମ୍ମାନରେ ସମ୍ବର୍ଦ୍ଧିତ ହେବାକୁ ଥିବା ରଚନାତ୍ମକ ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ, ଅଶୋକ କୁମାର ସାହୁ ଓ ଆର୍ଯ୍ୟଭଟ୍ଟ ମହାନ୍ତିଙ୍କୁ ପରବର୍ତୀ ସମୟରେ ସମ୍ବର୍ଦ୍ଧିତ କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ବୁଦ୍ଧଦେବ ମିଶ୍ର ସୂଚନା ଦେଇଛନ୍ତି।

## ଗୁଲନଗର ବୁଢାଗୋବିନ୍ଦଜୀଉ ମନ୍ଦିରରେ ଭାଗବତ ପାରାୟଣ ଓ ନୂତନ ପଞ୍ଜିକା ପଠନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରତଳି ଗୁଲନଗର ଗ୍ରାମର ବୁଢାଗୋବିନ୍ଦଜୀଉ ମନ୍ଦିର ପରିସରରେ ୪୧ତମ ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଦୋଳ ପୂର୍ଣ୍ଣମା ଅବସରରେ ରାଧାଗୋବିନ୍ଦଜୀଉଙ୍କ ନିକଟରେ ନୂତନ ପାଞ୍ଜିକା ପଠନ କରାଯିବା ପରେ ଶ୍ରୀମଦ୍ ଭଗବତ ଗୀତା ପାଠ ଓ ଘୃତଯଜ୍ଞ କରାଯାଇ ପାରାୟଣ ଉଦ୍‌ଯାପିତ ହୋଇଥିଲା।

## ଆକସ୍ମିକ ଅଗ୍ନିକାଣ୍ଡରେ ୮ବଖରା ଘରପୋଡି



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୌରାଚଂଳ ଅନ୍ତର୍ଗତ ବଡହାଟ (ଇମାମବାଡା)ରେ ଆକସ୍ମିକ ଅଗ୍ନିକାଣ୍ଡରେ ୮ବଖରା ଘର ପୋଡି ପାଉଁଶ ହୋଇଯାଇଛି । ସୂଚନା ଅନୁଯାଇ ବିଦ୍ୟୁତ ସଟସର୍କିଟରୁ ଆକସ୍ମିକ ଅଗ୍ନିକାଣ୍ଡ ଘଟି ବଡହାଟ(ଇମାମବାଡା)ଗ୍ରାମର ଅବସରପ୍ରାପ୍ତ ପୌର କର୍ମଚାରୀ ସ୍ୱର୍ଗତ ମକୁ ଖାଁ, ତାଜୁ ଖାଁ, ସେକ ବାବୁ, ସେକ ସମିରୁଦ୍ଦିନ, ଫକିର ଖାନ, ସେକ ହୋସନ, ଅଫସାନା ବିବି ପ୍ରଭୃତିଙ୍କର ୮ବଖରା ବାସଗୃହ ଚାଳଛପର ଘର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ କେନ୍ଦ୍ରାପଡା ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଁଚିଥିଲେବି ସେତେବେଳକୁ ଘରଗୁଡିକ ସଂପୂର୍ଣ୍ଣ ପୋଡି ସାରିଥିଲା । ସେହି ଅଗ୍ନିକାଣ୍ଡରେ ଘରେ ଶୋଇଥିବା ସେକ ଶୋଭନଙ୍କ ପୁଅ ସେକ ହୋସନ (୨୫), ସେକ ତଫିରୁଦ୍ଦିନଙ୍କ ପୁଅ ସେକ ବାବୁ (୪୮), ସେକ ସମିରୁଦ୍ଦିନଙ୍କ ପନରୀ ଅଫସାନା ବିବି (୨୫), ସେକ ବାବୁଙ୍କ ପୁଅ ସେକ ସମିରୁଦ୍ଦିନ (୨୩) ଓ ସେକ ବାବୁଙ୍କ ପୁଅ ସେକ ସମିମଉଦ୍ଦିନ(୨୩) ପ୍ରଭୃତି ପୋଡିଯାଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି । ଘରପୋଡି ବିପନ୍ନମାନେ ଗରୀବ ଦିନମଜୁରିଆ ସଂପ୍ରଦାୟର ହୋଇଥିବା ବେଳେ ସେମାନଙ୍କ ସମସ୍ତ ଆସବାବପତ୍ର ଓ ଦରକାରୀ କାଗଜପତ୍ର ସବୁ ଅଗ୍ନିକାଣ୍ଡରେ ପୋଡି ପାଉଁଶ ହୋଇଯାଇଛି । ବିପନ୍ନ ପରିବାର ଗୁଡିକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ କାଉନସିଲର ମୁକ୍ତାର ଖାଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ପଚ୍ଚାମୁଣ୍ଡାଇରେ ଶ୍ରୀମାଙ୍କର ସତ୍‌ସଙ୍ଗ କାର୍ଯ୍ୟକ୍ରମ



କେନ୍ଦ୍ରାପଡା (ପିଏନ୍): ମନ୍ତ୍ର ଉପରେ ତଥା ମନ୍ତ୍ରର ଶକ୍ତି ଉପରେ ବିଶ୍ୱାସ ଅନେକ ସମସ୍ୟାକୁ ଦୂର କରିଥାଏ ତଥା ଆର୍ଯ୍ୟଭୂମି ଭାରତବର୍ଷ ହେଉଛି ଋଷିମୁନିଙ୍କ ଦେଶ ଓ ତପସ୍ୟାର ଦେଶ। ଯାହା ନାହି ଭାରତେ ତାହା ନାହି ଜଗତେ ଏଇ ନ୍ୟାୟରେ ଆମେ ସମସ୍ତେ ମିଳିତ କଣ୍ଠରେ ଏକତ୍ରିତ ହୋଇ ମନ୍ତ୍ରର ଶକ୍ତିକୁ ଜପକରିବା। ଦେଶରୁ କରୋନା ମହାମାରୀ ଦୂର ହେଉ ବୋଲି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ପଚ୍ଚାମୁଣ୍ଡାଇସ୍ଥିତ ସୁଜନପୁର ଗ୍ରାମରେ ଅନୁଷ୍ଠିତ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ପରେ ମହାମନ୍ତ୍ର ଧ୍ୱନି ସଂକୀର୍ତନ ଗ୍ରାମ ପରିକ୍ରମା କରି ବିଶ୍ୱରୁ କରୋନା ଦୂର ନିମନ୍ତେ ଶ୍ରୀମାଙ୍କର ବହୁ ଶ୍ରଦ୍ଧାଳୁଙ୍କୁ ଆର୍ଶୀବଚନ ପରେ ତାଙ୍କ ରଚିତ ପୁସ୍ତକ ଦିବ୍ୟକୋସ୍ତବ ଭଜନ ଗାଇଥିଲେ ସ୍ୱାମୀ ରାମଶରଣା ନନ୍ଦ, ସୁଶିଲ ସୂତାର, ସୌଭାଗିନୀ ସୂତାର, ପ୍ରମିଳା, ଶ୍ରୀଧର ରାଉତ, ଶରତ ପାତ୍ର, କେଶବ ଖଟୁଆ, ଅଲେଖ ଖଟୁଆ, କାବୁଲି ଖଟୁଆ, ସୁମିତ୍ରା ଖଟୁଆ, ଦୀନବନ୍ଧୁ ଖଟୁଆ, ଶାନ୍ତିଲତା ବିଶ୍ୱାଳ, ପଦ୍ମାବତୀ ବାରିକ, ଦୀପକ ଖଟୁଆ, ଆଲୋକ ଖଟୁଆ, ତ୍ରିନାଥ ଖଟୁଆ, ପ୍ରେମାନନ୍ଦ ଖଟୁଆ ପ୍ରମୁଖ। ସୁଜନପୁର ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ କରିଥିଲେ।

## ସୌନ୍ଦର୍ଯ୍ୟକରଣରେ ସାମିଲ ହେଲା ଦୁତିଆଳ ସରକାରୀ ଉଚ୍ଚପ୍ରାଥମିକ ସ୍କୁଲ



କେନ୍ଦ୍ରାପଡା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଂଚାୟତ ପକ୍ଷରୁ ସରପଂଚ ପୁଷ୍ପଲତା ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସରକାରଙ୍କ ସ୍କୁଲ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମରେ ଦୁତିଆଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରାଯାଇଛି । ସେହି ସ୍କୁଲର ଶ୍ରେଣୀଗୃହ ଗୁଡିକୁ ଡିଜିଟାଲ ଶ୍ରେଣୀଗୃହରେ ପରିଣତ କରାଯିବା ସହ ସୋଲାର ସିଷ୍ଟମରେ ସ୍କୁଲ ପରିସରକୁ ଆଲୋକିତ କରାଯାଇ ସ୍କୁଲରେ ଟିଭି, ଆକୁଆଗାର୍ଡ,ଗ୍ରୀନବୋର୍ଡ ପ୍ରଭୃତି ଲଗାଯାଇଛି । ସ୍କୁଲ କାନ୍ଥକୁ ବିଭିନ୍ନ ରଙ୍ଗବେରଙ୍ଗରେ ଚିତ୍ରଣ କରାଯିବା ସହ ସ୍କୁଲକୁ ସଂଯୋଗ କରୁଥିବା ରାସ୍ତାରେ ପେଭର ବ୍ଲକ ବିଛାଯାଇଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶରେ ଏବଂ ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦେଶ୍ୟରେ ସଂପୂର୍ଣ୍ଣ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ସ୍କୁଲ ପରିବେଶ ଏବଂ ବାତାବରଣକୁ ଆକର୍ଷଣୀୟ କରାଯାଇଥିବା ସରପଂଚ ଶ୍ରୀମତୀ ସେନାପତି କହିଛନ୍ତି । ସ୍କୁଲର ସୌନ୍ଦର୍ଯ୍ୟକରଣକୁ ଦେଖି ଜିଲ୍ଲାପାଳ ସରପଂଚଙ୍କୁ ବେଶ ପ୍ରଶଂସା କରିଥିବା ଜଣାପଡିଛି । ଏଥିସହିତ ପଂଚାୟତର ପୁରୁଷୋତ୍ତମପୁର ଗ୍ରାମ ଅଧିନ ବଉଳପାଟଣା ପଡାଗ୍ରାମର ୪ଟି ରାସ୍ତାରେ ପେଭର ବ୍ଲକିଂ (ରଙ୍ଗୀନ ଇଟା) ବିଛାଯାଇ ରୋଡକୁ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିବା ବେଳେ ଆଗାମୀ ଦିନରେ ପଂଚାୟତର ଆହୁରି ୨୦ଟି ରାସ୍ତା ଉପରେ ରଙ୍ଗିନ ଇଟା ବିଛାଯିବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ସରପଂଚ ଶ୍ରୀମତୀ ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଓ ପ୍ରଚେଷ୍ଟାରେ ପଂଚାୟତର ଶ୍ୟାମସୁନ୍ଦରପୁର ଠାରେ ମାର୍କେଟ କମ୍ପ୍ଲେକ୍ସ, ପଂଚାୟତ ଭବନ, କଲ୍ୟାଣ ମଣ୍ଡପ ନିର୍ମାଣ ଓ ଦୁତିଆଳ, ମରଡପୁର, ଶ୍ୟାମସୁନ୍ଦରପୁର, ପୁରୁଷୋତ୍ତମପୁର ପ୍ରଭୃତି ଗ୍ରାମରେ ୭ଟି ଅଙ୍ଗନୱାଡିକେନ୍ଦ୍ର ଗୃହ ନିର୍ମାଣ କରାଯାଇ ଉଦଘାଟିତ ହୋଇସାରିଛି । ଏତଦ୍‌ଭିନ୍ନ ଶ୍ୟାମସୁନ୍ଦରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ଦୁତିଆଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧାହ୍ନ ଭୋଜନ ଖାଇବାନିମନ୍ତେ ୨ଟି ଡାଇନିଂହଲ ନିର୍ମାଣ ହୋଇଛି । ଦୁତିଆଳ ଅଙ୍ଗନୱାଡିକେନ୍ଦ୍ରକୁ ଏକ ମଡେଲ ଅଙ୍ଗନୱାଡିକେନ୍ଦ୍ର ଭାବରେ ପ୍ରସ୍ତୁତ କରାଯାଇପାରିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଜୁନ ୨୯**

# ଫଟୋ ରାଜନୀତି

ଏବେ ରାଜନୀତି ଏକ ଭିନ୍ନ ଢଙ୍ଗରେ ଚାଲିଲାଣି । ରାଜନୀତିରୁ ସେବା ଶବ୍ଦଟି କ୍ରମେ ଉଠି ଗଲାଣି । ଧନି ବ୍ୟକ୍ତି ଓ ଅପରାଧୀମାନେ ରାଜନୀତି ଆଡକୁ ଆକୃଷ୍ଟ ହୋଇ ରାଜନୈତିକ ଦଳଗୁଡିକୁ କବଜା କରି ନେଲେଣି । ଫଳରେ ଗୁଣି, ଜ୍ଞାନୀ, ସମାଜସେବିମାନେ ରାଜନୀତିଠାରୁ ଦୂରେଇ ଯାଉଛନ୍ତି । ରାଜନୀତି ନାମରେ ସେବା ଏକ ପ୍ରହସନରେ ପରିଣତ ହୋଇ ଗଣ ମାଧ୍ୟମକୁ ବହୁଳ ଭାବରେ ବ୍ୟବହାର କରାଯାଉଥିବା ଦେଖାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ଆଗଭଳି ଆଉ ବିଶେଷ ପରିଶ୍ରମ କରିବାକୁ ପଡୁନାହିଁ । ଏବେ ସାମାଜିକ ଗଣମାଧ୍ୟମ ପ୍ରଚାର ଓ ପ୍ରସାର ଦିଗରେ ଏକ ପ୍ରମୁଖ ଭୂମିକା ନେଇଛି । ସାମାଜିକ ଗଣ ମାଧ୍ୟମରେ ବିଭିନ୍ନ ପ୍ରକାର ଖବର ବା ଚିନ୍ତାଧାରାକୁ ସାଧାରଣ ଜନତାଟିଏ ପ୍ରକାଶ କରିବାର ଏକ ସୁନ୍ଦର ମାଧ୍ୟମଟିଏ ମିଳିଥିବା ବେଳେ ତାହାକୁ କେତେକ ଉପେଯାଗ କରିବା ଆଳରେ ବିଭିନ୍ନ ପ୍ରକାର ମିଥ୍ୟା, କପୋଳକଳ୍ପିତ ଖବର ଓ ଭାଷାଗତ ଅଶ୍ଳିଳ ଶବ୍ଦ ପ୍ରୟୋଗ କରୁଥିବା ଦେଖାଯାଉଛି । ଯଦିଓ ସାମାଜିକ ଗଣ ମାଧ୍ୟମରେ ସରକାର କିଛିଟା ଅଙ୍କୁଶ ଲଗାଇବାକୁ ଚେଷ୍ଟା କରିଛନ୍ତି ଓ କେତେକାଂଶରେ ତାହାକୁ ବନ୍ଦ କରିବା ପାଇଁ ଆଇନରେ ମଧ୍ୟ କିଛି ସୁଧାର ଆଣିବାକୁ ଚେଷ୍ଟା ଚାଲିଛି । ଆଗେ ଲେଖାକୁ ଗୁରୁତ୍ୱ ଦିଆଯାଉଥିଲା, ବିଭିନ୍ନ ପ୍ରକାର ଦ୍ୱାରା ବିରୋଧକୁ ଆଣିବାର ପ୍ରୟାସ ଫଟୋ ଉଠାଇବା ପାଇଁ ଓ ତାକୁ ଛପାଇବାର ଭାବକୁ ବ୍ୟକ୍ତ କରିବା ପାଇଁ ହୋଇଗଲା । ଦିନକୁ ଦିନ ସହିତ ମୋବାଇଲ ଫୋନ ସଂଯୋଗ ପରଠାରୁ ଫଟୋ ଲାଗିଲାଣି । ଯିଏ ଯେଉଁଠି ଗଣ ମାଧ୍ୟମରେ ତାକୁ କରିପାରୁଛି । ଫଳରେ ବ୍ୟବହାର ଆବଶ୍ୟକ ଦିନକୁ ଲାଗିଲା ଓ ରାଜନୀତିରେ ନେତାମାନଙ୍କୁ ଏହା ଏକ ବ୍ୟବହାର ହେଲା ଓ ଆଗରେ ତାଙ୍କ ନିଜ କରିବାକୁ ଆଗ୍ରହ ବଢିଲା । ଫଟୋ ପାଇଁ ପ୍ରତିଯୋଗିତା


ଗୋପାଳ ଚନ୍ଦ୍ର ନାଥ

ଆନ୍ଦୋଳନକୁ ଲେଖା ସାଧାରଣଙ୍କ ନଜରକୁ କରାଯାଉଥିଲା । କ୍ୟାମେରାର ପ୍ରଚଳନ ଆଧୁନିକିକରଣ କ୍ରମେ ଏକ ପ୍ରମୁଖ ମାଧ୍ୟମ ପରିବର୍ତନ ହେବା ଦ୍ୱାରା କ୍ୟାମେରା ଏକ ବୃତିରୁ ଖସିବାକୁ ପାରିଲା ଫଟୋ ଉଠାଇ ସହଜରେ ପ୍ରସାରଣ ଫଟୋର ବହୁଳ ଦିନ ବଢିବାରେ ମଧ୍ୟ ରାଜନୈତିକ ପ୍ରକୃଷ୍ଟ ପ୍ରମାଣ ପାଇଁ ସାଧାରଣ ଜନତା କାର୍ଯ୍ୟକୁ ପ୍ରସାରଣ ଏଣୁ ରାଜନୀତିରେ ଲାଗିବା ସ୍ୱାଭାବିକ ।

କିନ୍ତୁ କିଛି ବର୍ଷ ହେଲା କେନ୍ଦ୍ର ରାଜ୍ୟ ମଧ୍ୟରେ ଏଇ ଫଟୋ ନେଇ ରୋଚକ ରାଜନୀତି ହେଉଥିବା ଦେଖାଯାଉଛି। କେନ୍ଦ୍ର ଯୋଜନା ପ୍ରଣୟନ କରେ କିନ୍ତୁ ସାଧାରଣ ଜନତା ପାଖକୁ ପହଂଚାଇବା ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ନେବାକୁ ହୋଇଥାଏ । ରାଜ୍ୟ କେନ୍ଦ୍ରର କାର୍ଯ୍ୟ ଖସଡାକୁ ଅନୁଧ୍ୟାନ କରି ସେ ସମସ୍ତ ଯୋଜନା ସବୁକୁ କାର୍ଯ୍ୟକ୍ଷମ କରାଇଥାଏ । ଏଣୁ ଦେଖିବାକୁ ଗଲେ କେନ୍ଦ୍ର ଓ ରାଜ୍ୟର ସମାନ ସହଭାଗିତା ରହି ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଥିବାରୁ ସମାନ ଭାବରେ ଉଭୟ ସରକାର ସମସ୍ତ କାର୍ଯ୍ୟର ସଫଳତା ଓ ବିଫଳତାକୁ ମୁଣ୍ଡକୁ ନେବା କଥା । ଭାରତବର୍ଷରେ ବହୁବାର ଫଟୋକୁ ନେଇ ରାଜନୀତି ହୋଇଥିବାର ଦେଖାଯାଇଛି । ଦେଶରେ ଚାରିଟିକିଆ ରାସ୍ତା ନିର୍ମାଣ ଓ ତାହାର ବାହାଦୁରି ନେବା ପାଇଁ ସେତେବେଳେ ଏନଡିଏ ସରକାର ଭାରତସାରା ସେତେବେଳର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫଟୋକୁ ମାରି ଓହ୍ଲାଇବାକୁ ପଡିଥିଲା । ତାପରେ ବହୁବାର କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଲୋଚକାଳି ଦେଖିବାକୁ ମିଳିଥିଲା । କେନ୍ଦ୍ରର ଉନ୍ନତି ମୂଳକ କାର୍ଯ୍ୟକୁ ରାଜ୍ୟ ସରକାର ହଡପ କରି ନିଜସ୍ୱ ନାମରେ କରୁଥିବାର ବହୁ ନଜିର ଉପା -୧ ଓ ଉପା -୨ ସରକାର ଅଭିଯୋଗ କରୁଥିଲେ । କିନ୍ତୁ ରାଜ୍ୟ ସରକାର କେନ୍ଦ୍ରର ଅବହେଳାକୁ ପ୍ରଚାର କରି ବଳ ପୂର୍ବକ ଖାଦ୍ୟ ସୁରକ୍ଷା ଆଦି କେତେକ ଯୋଜନାକୁ ନିଜ ଆଡକୁ ନେଇ ପ୍ରଚାର କରି ଚାଲିଲେ। କେନ୍ଦ୍ର ରାଜ୍ୟକୁ ସେତେବେଳେ ତିନି ଟଙ୍କାରେ ଚାଉଳ ଯୋଗାଉଥିବା ବେଳେ ରାଜ୍ୟ ଦୁଇ ଟଙ୍କାରେ ଖାଉଟୀଙ୍କୁ ଦେଇ ସେସବୁର ଶ୍ରେୟ ରାଜ୍ୟ ସରକାର ନେଇଗଲେ । ଠିକ୍ ସେହିଭଳି ୧୦୮ ଆମ୍ବୁଲାନ୍ସ ସଂପୁର୍ଣ୍ଣ ରୂପେ ଉପା -୨ ସରକାର କେନ୍ଦ୍ରିୟ ସ୍ୱାସ୍ଥ୍ୟ ମିସନ ଜରିଆରେ ଯୋଗାଇଥିଲେ ମଧ୍ୟ ରାଜ୍ୟ ସରକାର ୨୦୧୪ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ନିଜ ଫଟୋ ଦେଇ ରାଜ୍ୟ ସାରା ଯେଉଁଭଳି ଭାବରେ ପ୍ରଚାର କଲେ, ସେଥିରେ କେନ୍ଦ୍ର ସରକାର ଆଦୌ କୌଣସି ସୁଫଳ ପାଇ ପାରିଲେ ନାହିଁ । ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକୁ ଏବର ଏନଡିଏ ସରକାର ଆଦୌ ଗ୍ରହଣ କଲେ ନାହିଁ, ଫଳରେ ଉଜ୍ଜଳା ଯୋଜନା ରାଜ୍ୟ ସରକାର ଜରିଆରେ ନ କରି ସ୍ୱତନ୍ତ୍ର ଭାବରେ କେନ୍ଦ୍ର ସରକାର ଦଳିୟ ଭିତିରେ ଗ୍ୟାସ ବିତରଣ ସଂସ୍ଥାକୁ ନେଇ ବଂଟନ କଲେ, ଯାହାକି, ଉଜ୍ଜଳା ଯୋଜନା ପ୍ରକୃତ ହିତାଧିକାରୀଙ୍କ ହାତକୁ ଗଲା ନାହିଁ ବୋଲି ପ୍ରଚାର ହେଲା। ଆଜି ବି କେଉଁ ଅଂଚଳରୁ କେତେ ହିତାଧିକାରୀ ଉଜ୍ଜଳା ଯୋଜନା ଅନ୍ତର୍ଗତ ଗ୍ୟାସ ପାଇଛନ୍ତି, ସରକାରଙ୍କ ପାଖରେ ହିସାବ ନାହିଁ । ତାପରେ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ପିଡିଏସ ଚାଉଳ ବଂଟନ ପାଇଁ ମଧ୍ୟ କେନ୍ଦ୍ର ଯୋଜନା କଲା ଓ ରାଜ୍ୟ ସରକାର ଜରିଆରେ ବଂଟନ କରିବାରୁ ସେଠାରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ବ୍ୟବହାର କରିବାରୁ କେନ୍ଦ୍ର ବିରୋଧ କଲା । କେନ୍ଦ୍ର ଦୁଇଟଙ୍କାରେ ଚାଉଳ ଯୋଗାଇଲା ଓ ରାଜ୍ୟ କେବଳ ବଂଟନ ଦାୟିତ୍ୱ ନେଲା, କିନ୍ତୁ କେନ୍ଦ୍ର ସମସ୍ତ ହିତାଧିକାରୀଙ୍କୁ ନ ଯୋଗାଇବା ହେତୁ ରାଜ୍ୟ ନିଜସ୍ୱ ପାଣ୍ଠିରୁ ଅବଶିଷ୍ଟ ହିତାଧିକାରୀଙ୍କୁ ପିଡିଏସ ଚାଉଳ ଓ ଗହମ ଯୋଗାଇ ସମସ୍ତ ଯୋଜନାକୁ ନିଜ ଅକ୍ତିଆରକୁ ନେଇ ନିଜ ଫଟୋ ଦେଇ ପ୍ରଚାର ଓ ପ୍ରସାର କଲେ, ଯାହାକି ଘୋର ବିରୋଧର ସମ୍ମୁଖିନ ହେବାକୁ ରାଜ୍ୟ ସରକାରଙ୍କୁ ପଡିଥିଲା । ଇନ୍ଦିରା ଆବାସ ଯୋଜନାକୁ କେନ୍ଦ୍ର ଦେଇ ଆସୁଥିବା ବେଳେ ରାଜ୍ୟ ସରକାର ସେଥିରେ ମଧ୍ୟ ହଡପ କରି ନିଜ ଆଡକୁ ନେଇ ପ୍ରଚାର କଲେ । ବିଜୁ ପକ୍କାଘର ଯୋଜନାକୁ ଭର୍ତି କରି ସେ ଯୋଜନାକୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଦେଇ ପ୍ରଚାର ଚଳାଇଲେ । କେନ୍ଦ୍ର ସରକାର ଇନ୍ଦିରା ନାମକୁ ହଟାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କଲେ ଓ ପୂର୍ବଭଳି ରାଜ୍ୟ ସରକାର ଉପରୋକ୍ତ ଯୋଜନାକୁ ତାଙ୍କ ନାମରେ ପ୍ରଚାର ପ୍ରସାର କରିବାରୁ କେନ୍ଦ୍ର ସରକାର ସେଥିରେ ହସ୍ତକ୍ଷେପ କରି ବ୍ଳକ ଜରିଆରେ ତା ପରିବର୍ତନ କରିବାରେ ସକ୍ଷମ ହେଲେ । କେନ୍ଦ୍ର ସରକାରଙ୍କ ଆଉ ଗୋଟିଏ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାକୁ ମଧ୍ୟ ରାଜ୍ୟ ସରକାର ହଡପ କରି ତାଙ୍କ ନିଜସ୍ୱ ଯୋଜନାରେ ପରିବର୍ତନ କରି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇ ଆସୁଅଛି । ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ ଯୋଜନା ରାଜ୍ୟରେ ଲାଗୁ କଲାପରେ ଅନୁରୂପ ଭାବେ କେନ୍ଦ୍ର ସରକାର ଏକ ଯୋଜନା ଆୟୁଷ୍ମାନ ନାମରେ ଆରମ୍ଭ କଲେ ଓ ରାଜ୍ୟ ସେ ଯୋଜନାକୁ ଆପଣେଇ ନ ଥିବାରୁ କେନ୍ଦ୍ର ରାଜ୍ୟ ମଧ୍ୟରେ ବିବାଦ ରୋଚକ ସ୍ଥିତିରେ ରହିଛି । କାଳିଆ ଯୋଜନା ରାଜ୍ୟ ସରକାର ନିର୍ବାଚନକୁ ଆଖି ଆଗରେ ରଖି କୃଷକମାନଙ୍କୁ ଆର୍ଥିକ ସହେଯାଗ କରିବା ପାଇଁ ଘୋଷଣା କଲେ ଓ ନିର୍ବାଚନ ବେଳକୁ ଦୁଇଟି କିସ୍ତିରେ କୃଷକଙ୍କୁ ଆର୍ଥିକ ସହଯୋଗ ମିଳିଗଲା । ରାଜ୍ୟ ସରକାରଙ୍କ ଏତାଦୃଶ ଟଙ୍କା ବଂଟା ଦେଖି କେନ୍ଦ୍ର ସରକାର କୃଷକ ମାନଙ୍କୁ କିଷାନ ବିକାଶ ଯୋଜନା ଜରିଆରେ ଆର୍ଥିକ ସହାୟତା ନିର୍ବାଚନକୁ ଆଖି ଆଗରେ ରଖି ଘୋଷଣା କଲେ ଓ କୃଷକମାନଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ମିଳିଲା । ହେଲେ ନିଜ ଯୋଜନାକୁ ପ୍ରଚାର ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯେଭଳି ଭାବରେ ଫଟୋ ରାଜନୀତି ଦୈନିକ ଖବରକାଗଜରେ ପୃଷ୍ଠା ମଣ୍ଡନ କଲା, ତା ପାଠକେ ନିଶ୍ଚିତ ଉପଭୋଗ କରିଥିବେ । ନିକଟରେ କରୋନା ମହାମାରୀରୁ ଦେଶବାସୀଙ୍କୁ ବଂଚାଇବା କେନ୍ଦ୍ର ସରକାରଙ୍କ ପ୍ରଥମ କର୍ତବ୍ୟ ଭାବେ ନେବା ଉଚିତ । ଦେଶବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ ସମସ୍ତ ଜନତାଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ଆବଶ୍ୟକତା ଥିବା ବେଳେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଫଟୋକୁ ନେଇ ଯେଭଳି ପାଲା ଦେଖିବାକୁ ମିଳିଲା, ସେଥିରୁ ସାଧାରଣ ଜନତା ଦେଶରୁ କରୋନା ମହାମାରୀକୁ ସରକାରଙ୍କ ଆନ୍ତରିକତାକୁ ଆକଳନ କରିସାରିଛନ୍ତି । ଦେଶବାସୀଙ୍କୁ ଟିକାକରଣ କରାଯିବ, ଯାହାକି କେନ୍ଦ୍ର ସରକାରଙ୍କ ଦାୟିତ୍ୱ । କେନ୍ଦ୍ର ସରକାର ଟିକାକରଣର ବ୍ୟସ୍ତତାକୁ ଆଖିଆଗରେ ରଖି ରାଜ୍ୟ୫୦ ପ୍ରତିଶତ ଓ କେନ୍ଦ୍ର ୫୦ ପ୍ରତିଶତ ଟିକା ଦେବା ଭଳି ଏକ ଅଜବ ଘୋଷଣା କଲେ । ରାଜ୍ୟ ସରକାରମାନଙ୍କ ସମ୍ବଳକୁ କେନ୍ଦ୍ର ସରକାର ନ ଦେଖି ବ୍ୟବସାୟ ଭିତିରେ ଘୋଷଣା କରିଦେଲେ ଓ ରାଜ୍ୟମାନେ ନିଜ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଇ ଟିକା ପାଇଁ ବାର ଦୁଆର ଶୁଙ୍ଘିପିଣ୍ଡା ହେଲେ । ଦେଶରେ ଟିକା ଉତ୍ପାଦନକାରୀ ସଂସ୍ଥା ସମସ୍ତଙ୍କ ଆବେଗାନୁସାରେ ଟିକା ଯୋଗାଇବାକୁ ଅସମର୍ଥ ଦେଖି ଗ୍ଲୋବାଲ ଟେଣ୍ଡର କଲେ, ହେଲେ ବିଦେଶରୁ ଆସିବାକୁ ଥିବା ଟିକା ଦେଶର କେନ୍ଦ୍ରିୟ ସରକାରଙ୍କ ବିନା ଆଦେଶ ବା ଘୋଷଣାରେ ଦେବାକୁ ଅସମର୍ଥ ବୋଲି ପ୍ରକାଶ କରିବା ସହ ଟେଣ୍ଡରର ପ୍ରକ୍ରିୟାକୁ ସାମାନ୍ୟ ପରିବର୍ତନର ଆବଶ୍ୟକ ରହିଛି ବୋଲି ଜଣାଇବାରେ ଆଉଥରେ ଟେଣ୍ଡରର ସମୟ ଘୋଂଚାଇବାକୁ ରାଜ୍ୟ ସରକାର ବାଧ୍ୟ ହେଲେ, ଯାହାକି ସମୟ ବିଳମ୍ବର ଏକ ଆଭାସ ମଧ୍ୟ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ହେଲା । ଫଳରେ ରାଜ୍ୟ ମୁଖିଆ ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଚିଠି ଲେଖିଲେ ଓ କେନ୍ଦ୍ର ଟିକା କିଣି ରାଜ୍ୟମାନଙ୍କୁ ଯୋଗାଇବାକୁ ଅନୁରୋଧ କଲେ । ଠିକ୍ ସେହି ସମୟରେ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବିଦ୍ୟୁତିକ ଓ ପ୍ରିଂଟ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳିକୁ ସମାଲୋଚନା ହେଲା, ସର୍ବୋଚ୍ଚ ନ୍ୟାୟାଳୟ ଟିକାକରଣ ପାଇଁ କେନ୍ଦ୍ରର ସମସ୍ତ କାର୍ଯ୍ୟକୁ ସମିକ୍ଷା କରିବା ପାଇଁ ତାଗିଦା କଲା, ଫଳରେ ବାଧ୍ୟ ହୋଇ କେନ୍ଦ୍ର ସରକାର ଟିକା ମାଗଣା ଦେବାକୁ ବାଧ୍ୟହେଲେ । ସେତେବେଳକୁ ରାଜ୍ୟ ସରକାର ଟିକାକରଣ ପାଇଁ ଭାଡି ବାନ୍ଧି ଫଟୋ ଲଗାଇ ସାରିଥିଲେ । ରାଜ୍ୟକୁ ଟିକା ନ ଆସୁଣୁ, ନଈ ନ ଦେଖି ଲଙ୍ଗଳା ଭଳି ନଭଶ୍ଚୁମ୍ବି ମଣ୍ଡପମାନ ତିଆରି କଲେ ଓ ଫଟୋରେ ସମଗ୍ର ପରିବେଶକୁ ଏକ ରାଜ୍ୟମୟ କରିଦେଲେ । ଯାହାକି ରାଜ୍ୟ ଉପରେ କେନ୍ଦ୍ରର ରୋଷକୁ ଦ୍ୱିଗୁଣିତ କଲା । କେନ୍ଦ୍ର ସରକାର ଟିକା କିଣି ରାଜ୍ୟକୁ ଯୋଗାଇବା ସହ ବିତରଣର ଖସଡା ପ୍ରସ୍ତୁତ କରିଥିଲେ, ଏଭଳି ପରିସ୍ଥିତି କୌଣସି ପ୍ରକାରେ ସୃଷ୍ଟି ହୋଇ ନଥାନ୍ତା । କେନ୍ଦ୍ର ସରକାରର ଅର୍ଥ ଅଭାବ ହେଉ ବା ଟିକା ଉତ୍ପାଦନକାରୀ ସଂସ୍ଥା ଆବଶ୍ୟକ ମତେ ଟିକା ଯୋଗାଇବାରେ ଅକ୍ଷମ ହେଉ, ସେ ଯାହେଉନା କାହିଁକି କେନ୍ଦ୍ରର ବ୍ୟବସ୍ଥାରେ ତୃଟି ଜନିତ ଫଟୋ ଲଗାଇବାରେ ବ୍ୟତିକ୍ରମ ହୋଇଛି । ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ ହୋଇ ପାରିଥାନ୍ତା, କିନ୍ତୁ ବିରୋଧ କରିବା ହେତୁ ଦେଶବାସୀଙ୍କ ପାଖକୁ ଫଟୋ ନେଇ ରାଜନୀତି ଏକ ଖରାପ ଆଭାଷ ଦେଉଛି । ରାଜ୍ୟ, କେନ୍ଦ୍ର ମଧ୍ୟରେ ସଂଘିୟ ବ୍ୟବସ୍ଥାକୁ ସୁଦୃଢ ରଖିଲେ ଭବିଷ୍ୟତରେ ଏଭଳି ଦୃଶ୍ୟ ଦେଖିବାକୁ ପଡିବ ନାହିଁ ।

ଅନୁଗୋଳ, ମୋ- ୯୪୩୭୨୯୦୬୬୨

# ମହାନ୍ ବିପ୍ଳବୀ-ବାଘା ଯତୀନ୍


ଅକ୍ଷୟ କୁମାର ରାଉତ

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରହିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ। ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ। ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍‌କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ। ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ। ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ। ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟାସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍ନଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।

ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ.- ୯୯୩୭୬୯୧୪୭୫

# ୟୁ ଟ୍ୟୁବ ପାଠପଢା:- କେତେ ସଫଳ କେତେ ବିଫଳ


ଉମା ଶଙ୍କର ପ୍ରସାଦ

ଶିକ୍ଷା ବିଭାଗର ଏକ ବିଚାର ମଣ୍ଡଳି ବିଭିନ୍ନ ବିଶେଷଜ୍ଞ ଙ୍କ ମତାମତକୁ ନେଇ ୟୁ ଟ୍ୟୁବରେ ପାଠପଢା ଚଳିତ ଜୁନମାସ ୨୧ ତାରିଖରୁ ଆରମ୍ଭ ହୋଇଛି। ଏହି ୟୁ ଟ୍ୟୁବର ଅଭିନବ ଶିକ୍ଷା ସମଗ୍ର ରାଜ୍ୟରେ ଛାତ୍ର ମାନଙ୍କୁ କେତେ ସୁବିଧା ଦେବାସହ ଫଳପ୍ରଦ ହେବ ତାହା ଆଜି ସନ୍ଦିହାନ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭ ଜୁଲାଇ ଓ ୯ବମରୁ ୧୦ ମ ଶ୍ରେଣୀ ପ୍ର୍ୟନ୍ତ ଛାତ୍ର,ଛାତ୍ରୀଙ୍କୁ ୩୧ ଜୁଲାଇ ପର୍ଯ୍ୟନ୍ତ ୟୁଟ୍ୟୁବ ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯିବା ପାଇଁ ରାଜ୍ୟ ସରକାର ଆଦେଶନାମା ଜାରି କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେଉଁ ଶିକ୍ଷା ବିଭାଗର ବିଶେଷଜ୍ଞ ମାନେ ଏହି ବୈଦୁତିକ ମାଧ୍ୟମ ୟୁ ଟ୍ୟୁବକୁ ଚୟନକରି ଛାତ୍ର, ଛାତ୍ରୀ ଙ୍କ ଭବିଷ୍ୟତ ଗଠନ କରିବାର ବିବେଚନା କଲେ ପ୍ରଥମେ ସେମାନଙ୍କୁ ଅତ୍ୟନ୍ତ ପକ୍ଷେ ଏହି ମାଧ୍ୟମକୁ ତନ୍ନ ତନ୍ନ କରିନିଜର ଜ୍ଞାନ କୋଷରେ ଉତାରିବା ସହ ଏହି ମାଧ୍ୟମର ସଫଳ ଓ ବିଫଳରୂପାୟନ ବିଷୟରେ ବିଶେଷ ଭାବରେ ବିବେଚନା କରିବାର ଥିଲା। ଯାହା ପରିସଂଖ୍ୟାନ କହେ ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୭ ଲକ୍ଷରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଛନ୍ତି। ମାତ୍ର ସରକାରଙ୍କର ଏହି ଅଭିନବ ପାଠପଢା ପ୍ରଣାଳୀ ସହ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏହି ପ୍ରଣାଳୀକୁ ଆପଣେଇ ପାରି ନାହାଁନ୍ତି। କାରଣ ଉପାନ୍ତ ଅ□ଳର ପିଲାମାନେ ଏହାକୁ ସ୍ୱପ୍ନ ବୋଲି ବର୍ଣ୍ଣନା କରିଛନ୍ତି ।ଯେଉଁଠି ବୈଦୁତିକ ସରବରାହର ଅଭାବ ଏବଂ ଦିନକୁ ପ୍ରାୟ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଲାଇନ କଟାଯାଉଛି ସେଠାରେ ଏହି ପ୍ରକ୍ରିୟା କିପରି ଫଳପ୍ରଦ ହେବ ? ଅନ୍ୟ ସମସ୍ୟା ହେଲା ସ୍ମାର୍ଟ ଫୋନ ଯାହା ମାଧ୍ୟମରେ ଏହି ୟୁଟ୍ୟୁବ ଶିକ୍ଷା ପ୍ରଣାଳୀ ସୁଗମ ହୋଇଥାଏ ମାତ୍ର ଏହି ସ୍ମାର୍ଟ ଫୋନ ଟିଏ ପାଇଁ ଅତିକମରେ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ। ତେବେ ଗରୀବ ଛାତ୍ର, ଛାତ୍ରୀମାନଙ୍କ ପକ୍ଷରେ ଏହା କେତେଦୂର ସମ୍ଭବ ହେବ ଶିକ୍ଷା ବିଭାଗର ବାବୁମାନେ ଏହି ପ୍ରଣାଳୀକୁ ଚୟନ କରିଲାବେଳେ ବିଚାର କରିଥିଲେକି ? କେବଳ ସ୍ମାର୍ଟ ଫୋନ ହେଲେ ହେବନି ତା ସାଙ୍ଗକୁ ଇଣ୍ଟରନେଟର ସଂଯୋଗ ନିତ୍ୟାନ୍ତ ଅବଶ୍ୟକ ଯାହା ଗ୍ରାମାଂଚଳ ପାଇଁ ଏକ ବଡ ସମସ୍ୟା। ଦୃତ ଇଂଟରନେଟ ବିନା ୟୁ ଟ୍ୟୁବ ଚାଲେନାହିଁ। ଏବଂ ଯେଉଁ ଶିକ୍ଷକମାନେ ଏହି ପ୍ରଣାଳୀରେ ପିଲା ମାନଙ୍କୁ ଶିକ୍ଷା ପ୍ରଦାନ କରିବେ ପ୍ରଥମେ ସେମାନଙ୍କୁ ଶିକ୍ଷାନେବା ଦରକାର। ଗୁରୁ ଯଦି ନିଜେ ପୂର୍ଣ୍ଣକ୍ଷମ ନହୁଏ ସେ ଅନ୍ୟକୁ ଶିକ୍ଷା ଦେବ କିପରି !। ଉଜ୍ୱଳ, ଉତ୍‌ଥାନ, ଓ ଉତ୍କର୍ଷ ଏହି ତିନଟି ସ୍ତରରେ ସିଧାସଳଖ ପାଠ୍ୟ ପୁସ୍ତକରୁ ବ୍ୟବସ୍ଥା କରିଛନ୍ତି। ମାତ୍ର ଏଥିରେ ମଧ୍ୟ ସରକାରଙ୍କର ପକ୍ଷପାତିତା ପଦାରେ ପଡିଛି। ସରକାରୀ ଉଚ୍ଚବିଦ୍ୟାଳୟ ର ଛାତ୍ର,ଛାତ୍ରୀ ମାନଙ୍କୁ ଉତ୍କର୍ଷ ପାଠ୍ୟବହି ପ୍ରଦାନ କରାଯାଇଥିବା ବେଳେ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଏହା ପ୍ରଦାନ କରା ଯାଇନାହିଁ। ସରକାରଙ୍କର ଏହି ହାଇଟେକ୍ ଶିକ୍ଷାପ୍ରଣାଳୀ ଫଳପ୍ରଦ ହେଲାଭଳି ମନେ ହେଉନାହିଁ। ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ ଏହା ଅତ୍ୟାଧୁନିକ ପାଠପଢା। ଅତିତର ଅବଧାନଙ୍କ ଚାଟଶାଳୀ ପାଠ ଓ ଗୁରୁ ଗୃହ ଶିକ୍ଷାର ଆଜି ବିଲୟ ଘଟିବାସହ ଅତ୍ୟାଧୁନିକ ଅନ୍‌ଲାଇନ ପାଠପଢା ଚାଲିଛି। ସେତେବେଳର ସମୟର ଜ୍ଞାନ ଆଜିର ଛାତ୍ର ଛାତ୍ରୀ ମାନଙ୍କ ପାଖରେ ନାହିଁ। ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଚାଟକୁ ଆଉ ଚାଟଶାଳୀରେ ଯାଇ ହାଜର ହେବାକୁ ପଡୁନି କି ସାରଙ୍କ ପାଖେ ଚାଟକୁ ଫଳା ଡାକିବା ସହ ବର୍ଣ୍ଣମାଳା ଘୋଷିବାକୁ ପଡୁନି। ଆଜିକାଲି ସ୍ମାର୍ଟ ପ୍ରଣାଳୀରେ ଆମ ଓଡିଆ ଭାଷା, ଭାବ, ବର୍ଣ୍ଣ ସବୁ ଚୁଲିକି ଗଲାଣି। ସେତେବେଳର ଅବଧାନେ ଓ ଗୁରୁ ଅର୍ଥଲୋଭି ନଥିଲେ। ମାତ୍ର ଆଜିର ଆଧୁନିକ ପ୍ରଣାଳୀର ଶିକ୍ଷକ ଏତେ ଅର୍ଥଲୋଭି ଯେ ଛାତ୍ରର ପାଠ ହେଲେ କେତେ ନହେଲେ କେତେ ମାସ ଶେଷକୁ ଲକ୍ଷାଧିକ ଟଙ୍କା ମୁଣାକୁ ନଆସିଲେ ହରତାଳର ଧମକ୍। ଏ ମହାମାରୀ କରୋନା ଆଜିର ଶିକ୍ଷକ ସମାଜ ପାଇଁ "କଚେ ପୁଅ ବାର"। ଅଧଘଣ୍ଟା ଅନ୍ ଲାଇନ ରେ ପାଠ ପଢାଇ ମାସ ଶେଷକୁ ମୋଟାଅଙ୍କ। ଠିକ୍‌ଭାବେ ନିଜର କର୍ମକୁ ସୁଚାରୁ ଭାବେ ସମ୍ପାଦିତ ନକରି କିପରି ସେମାନଙ୍କୁ ଏହି ଅର୍ଥ ପ୍ରାପ୍ୟ ହେଉଛି ଈଶ୍ୱରଙ୍କୁ ଜଣା। ଏହି ଆଧୁନିକ ପ୍ରଣାଳୀରେ ପାଠ ପଢିବା ପାଇଁ ଓ ପଢାଇବା ପାଇଁ ପ୍ରଥମେ ପଢିଲାବାଲା ସକ୍ଷମ ହେବା ଦରକାର ଏବଂ ପଢାଇଲା ବାଲା ମଧ୍ୟ ଏହି ପ୍ରଣାଳୀ ଶିକ୍ଷାଦେବାରେ ଧୂରିଣ ହେବା ଦରକାର ମାତ୍ର ଏହି ଦୁଇଟିଯାକ ପ୍ରକ୍ରିୟା ଆଜି ଦୁର୍ବଳ। ତେବେ ପଢିଲା ବାଲା ବର୍ତ୍ତମାନ ଏହି ପାଠପଢିବା ପାଇଁ କେଉଁ ମାଧ୍ୟମକୁ ଆପଣେଇବେ ତାହା ପ୍ରଥମେ ଚୟନ କରିବା ଦରକାର। ସ୍ମାର୍ଟ ଫୋନ, ଡେକ୍ସଟପ, ଲାପଟପ ଓ ଆଣ୍ଡ୍ରଏଡ ଟିଭି। ବର୍ତ୍ତମାନ ଆସନ୍ତୁ ଜାଣିବା ଗୋଟିଏ ସ୍ମାର୍ଟଫୋନର ଦାମ ୧୦ ହଜାର ଟଙ୍କା, ଲାପଟପର ଦାମ ୩୦ ହଜାର, ଆଣ୍ଡ୍ରଏଡ ଟିଭିର ଦାମ୪୦ ହଜାର ଟଙ୍କା ତେବେ ହେ ମୋର ସୁଧି ପାଠକେ ବିଚାର କରନ୍ତୁ ଯେଉଁମାନେ ସରକାରଙ୍କର ହାତଟେକା ଅନୁଦାନ ଚାଉଳ, ଗହମ, ଡାଲି ଉପରେ ନିଜର ଜୀବନ ନିର୍ବାହ କରୁଛନ୍ତି ତାଙ୍କ ପିଲାଙ୍କ ପକ୍ଷରେ ଏହା କେତେଦୁର ସମ୍ଭବ ? ଇଏତ ଗଲା ପଢିବା ବାଲାଙ୍କ କଥା ତେବେ ଆସନ୍ତୁ ବର୍ତ୍ତମାନ ପଢାଇଲା ବାଲାଙ୍କ କଥା ବିଚାର କରିବା। ଏହି ଅନଲାଇନ ମାଧ୍ୟମରେ ପଢାଇଲା ବାଲା ଆଜି ମଧ୍ୟ ପଛୁଆ। ସେମାନେ ସ୍ମାର୍ଟଫୋନ,ଲାପଟପ, ଆଣ୍ଡ୍ରଏଡ ଟିଭି ଠିକଭାବେ ଚଳାଇବା ଶିଖିନାହାଁନ୍ତି। ସେମାନେ ତେବେ କିପରି ଏହି ମାଧ୍ୟମରେ ଛାତ୍ର, ଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିବେ ତାହା ପ୍ରଶ୍ନବାଚୀ।

ସିଏ ଯାହା ହେଉନା କାହିଁକି ବର୍ତ୍ତମାନର କରୋନା କାଳରେ ସରକାର ଜୀବନକୁ ପ୍ରଥମସ୍ଥାନଦେଇ ପାଠପଢାର ଏ ପ୍ରକାର ବ୍ୟବସ୍ଥାକୁ ଆପଣେଇଛନ୍ତି। ଅଜିର ଶିଶୁ କାଲିର ଭବିଷ୍ୟତ ନାଗରିକ। ମାତ୍ର ସରକାର ଜୀବନ ସହିତ ଜୀବିକାର ମାଧ୍ୟମକୁ ମଧ୍ୟ ଦୃଷ୍ଟିଦେବାର ଅଛି। ସରକାରଙ୍କର ଆପଣେଇ ଥିବା ଆଜିର ଅଭିନବ ଶିକ୍ଷା ପ୍ରଣାଳୀରେ ଛାତ୍ର ଛାତ୍ରୀ ମାନେ କେତେଦୁର ସଫଳ ତାହା ସମୟ କହିବ। ଏଇ ସଦ୍ୟ ପ୍ରକାଶିତ ମାଟ୍ରିକ ପରିକ୍ଷାରେ ୯୭ ପ୍ରତିଶତରୁ ଉର୍ଦ୍ଧ ଛାତ୍ର,ଛାତ୍ରୀ ଉତ୍ତିର୍ଣ୍ଣ ହୋଇଛନ୍ତି ଯାହା ଆମ ରାଜ୍ୟପାଇଁ ଗର୍ବ ଓ ଗୌରବର ବିଷୟ। ମାତ୍ର ଉତ୍ତିର୍ଣ୍ଣ ଛାତ୍ର ଛାତ୍ରୀ ମାନେ ଏହି କରୋନା ସମୟରେ କି ପ୍ରକାର ପାଠପଢି ଏପରି ସଫଳତା ପାଇଲେ ତାହା ବିଚାର ଯୋଗ୍ୟ। ଚଳିତ ବର୍ଷ ମଧ୍ୟ ଗତ ବର୍ଷପରି ନବମ,ଦଶମ ଶ୍ରେଣୀରେ ପାଠ୍ୟକ୍ରମକୁ ୩୦ ପ୍ରତିଶତ ହ୍ରାସ କରିଛନ୍ତି। କରୋନା ସମୟରେ ପିଲାମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଯୋଗୁ ଏହି ପଦକ୍ଷେପ ସ୍ୱାଗତ ଯୋଗ୍ୟ। ମାତ୍ର ପିଲାମାନଙ୍କର ଜ୍ଞାନର ପରିସୀମାରୁ ହ୍ରାସ ପାଇବା ଶୁଭଲକ୍ଷଣ ନୁହେଁ। ତେଣୁ ଅନେକ ବିଜ୍ଞ,ପ୍ରାଜ୍ଞଙ୍କ ମତରେ ଏହି ଅନଲାଇନ ୟୁ ଟ୍ୟୁବରେ ପାଠପଢା ନିଶ୍ଚିତ ଭାବେ ଫଳପ୍ରଦ ନହେବାର ଆଶଙ୍କା। ତେଣୁ ସରକାର ବିଦ୍ୟାଳୟ ଖୋଲି ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ପାଠ ପଢାର ସମ୍ପର୍କ ସ୍ଥାପନ କରିବା ସହ ସାମାଜିକ ଦୂରତା ରକ୍ଷାକରି ଶିକ୍ଷାଦାନ କରାଇ ପାରିଲେ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ୱଳ ହେବାସହ ଦୀର୍ଘ ଦୁଇବର୍ଷଧରି ବସିଥିବା ଶିକ୍ଷକ ମାନଙ୍କର ମଧ୍ୟ ଶୈକ୍ଷିକ ଜ୍ଞାନର ବୃଦ୍ଧିହେବ। ନଚେତ ଏହି ଅନଲାଇନ ୟୁଟ୍ୟୁବ ସରକାରଙ୍କର ଅଭିନବ ପ୍ରଣାଳୀର ଶିକ୍ଷା ବ୍ୟବସ୍ଥା ଭବିଷ୍ୟତରେ ଛାତ୍ର ଛାତ୍ରୀଙ୍କ ପାଇଁ ଫଳଶୂନ୍ୟ ହେବ ଏଥିରେ ସନ୍ଦେହ ନାହିଁ।

ଖୋର୍ଦ୍ଧା
୬୩୭୦୬୭୫୫୬୨

# କାଶ୍ମୀର ପାଇଁ ଆଶା ସଂଚାର


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କେନ୍ଦ୍ରଶାସିତ ଅଂଚଳ ଜାମ୍ମୁ-କଶ୍ମୀରରେ ରାଜନୈତିକ ପ୍ରକ୍ରିୟା ପୁନଃ ପ୍ରତିଷ୍ଠା କରିବା ପାଇଁ ସେଠାକାର ରାଜନୈତିକ ଦଳଗୁଡିକର ୧୪ଜଣ ବରିଷ୍ଠ ରାଜନେତାଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆଲୋଚନା ନିଶ୍ଚିତ ଭାବେ ଏକ ସକରାତ୍ମକ ଏବଂ ସାଂପ୍ରତିକ ସମୟର ଆବଶ୍ୟକତା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଗତ ୨୦୧୯ ମସିହା ଅଗଷ୍ଟ ୫ ତାରିଖ ଦିନ ଜାମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ସହ ରାଜ୍ୟମାନ୍ୟତା ରଦ୍ଧ କରି ଦୁଇଟି କେନ୍ଦ୍ରଶାସିତ ଅଂଚଳ (ଜାମ୍ମୁ-କଶ୍ମୀର ଓ ଲଦାଖ) ରେ ବିଭାଜିତ କରିବାର ଦୁଇବର୍ଷ ପରେ ଉପତ୍ୟକାର ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ଆନୁଷ୍ଠାନିକ ବୈଠକ। ୩୭୦ ଧାରା ଉଚ୍ଛେଦ ଏବଂ ବିଭାଜନ ସମୟରେ ଯେଉଁ ନେତାମାନଙ୍କୁ ଗିରଫ କରାଯାଇଥିଲା, ସେହି ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ସରକାରଙ୍କର ଏକ ଉଚ୍ଚସ୍ତରୀୟ ସରକାରୀ ପ୍ରତିନିଧି ଦଳର ଦୀର୍ଘ ୩ ଘଂଟା ଧରି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଆଲୋଚନା ନିଶ୍ଚିତ ଭାବେ ଏକ ନୂତନ ଆଶାର ପଥ ପ୍ରଦର୍ଶକ ହୋଇଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ୩୭୦ ଧାରା ଉଚ୍ଛେଦକୁ କେବଳ ବିଜେପି ବ୍ୟତୀତ ଉପତ୍ୟକାର ଅନ୍ୟ ସମସ୍ତ ରାଜନୈତିକ ଦଳ ଦୃଢ ବିରୋଧ କରିଥିବା ବେଳେ ଏବେ ୩୭୦ ଧାରା ଆଲୋଚନାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିନାହିଁ। ଯଦି ୩୭୦ ଧାରା ନେତାମାନଙ୍କ ମନରେ ବସାବାନ୍ଧିଥାନ୍ତା, ତେବେ ଆଲୋଚନା ବୈଠକକୁ ହୁଏତ ସେମାନେ ବର୍ଜନ କରିଥାନ୍ତେ। ମାତ୍ର ସେପରି କିଛି ହୋଇନଥିବା ବେଳେ ଆଲୋଚନା ଫଳପ୍ରଦ ହୋଇଥିବା ନେତମାନେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୩୭୦ ଧାରା ଉଚ୍ଛେଦ ନେଇ ମାମଲା ଏବେ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଂଚରେ ବିଚାରାଧୀନ ଥିବା ବେଳେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସମସ୍ତେ ମାନିନେବେ ବୋଲି ଦେଇ ସମ୍ମତି ନିଶ୍ଚିତ ଭାବେ ସକରାତ୍ମକ ଏବଂ ସ୍ୱାଗତଯୋଗ୍ୟ। କେନ୍ଦ୍ରଶାସିତ ଅଂଚଳ ଜାମ୍ମୁ-କଶ୍ମୀର ପାଇଁ ଏକ ବିଧାନସଭା ଥିବାବେଳେ 'ଲଦାଖ' ପାଇଁ ବିଧାନସଭା ନାହିଁ। ଆଲୋଚନା ବେଳେ ଜାମ୍ମୁ-କଶ୍ମୀରରେ ରାଜନୈତିକ ପ୍ରକ୍ରିୟା ପୁନଃ ପ୍ରତିଷ୍ଠା ତଥା ବିଧାନସଭା ନିର୍ବାଚନ ଯଥା ଶୀଘ୍ର କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାବେଳେ ସମସ୍ତ ରାଜନୈତିକ ଦଳଗୁଡିକ ନିର୍ବାଚନ ପାଇଁ ଦୃଢମତ ଦେଇଛନ୍ତି। ଅବଶ୍ୟ ୩୭୦ ଧାରା ଉଚ୍ଛେଦ ଓ ରାଜ୍ୟ ମାନ୍ୟତା ରଦ୍ଧ ପରେ ଜାମ୍ମୁ-କଶ୍ମୀରରେ ଏହା ପ୍ରଥମ ନିର୍ବାଚନ ପ୍ରକ୍ରୀୟା ନୁହେଁ। ପୂର୍ବରୁ ସରପଂଚ ଓ ଜିଲ୍ଲା ଉନ୍ନୟନ ପରିଷଦ (ଡିସିସି) ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା। ନିର୍ବାଚନରେ ରାଜ୍ୟର ପୁରାତନ ରାଜନୈତିକ ଦଳ ଜାତୀୟ ସମ୍ମିଳନୀ (ଏନସି) ଏବଂ ପିଡିପି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ଡିସିସି ନିର୍ବାଚନ ପରେ ରାଜ୍ୟରେ ୪ଜି ସେବା ପୁନଃ ପ୍ରତିଷ୍ଠା ଗତ ଫେବୃୟାରୀ ମାସରୁ ହୋଇଛି। ଏହା ସତ୍ୟ ଯେ, ସୀମା ପାର ଆତଙ୍କବାଦ, ଏବଂ ସୀମାନ୍ତରେ ପାକିସ୍ତାନର ବାରମ୍ବାର ଅସ୍ତ୍ରବିରତି ଉଲଂଘନ ଯୋଗୁଁ କାଶ୍ମୀରରେ ଶାନ୍ତି ଉଭେଇ ଯାଇଛି। କିନ୍ତୁ ଏହା ନିଶ୍ଚିତ ଯେ, ୨୦୧୯ର ପରିସ୍ଥିତି ଏବେ ନାହିଁ। କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି ଫେରିଥିବା ବେଳେ ପରିସ୍ଥିତି ଏବେ ସ୍ୱାଭାବିକ ରହିଛି। ତେଣୁ ବିଧାନସଭା ନିର୍ବାଚନ ଯଥାସମ୍ଭବ ଶୀଘ୍ର କରାଇବାର ଆବଶ୍ୟକତା ରହିଛି। ଅବଶ୍ୟ ବିଭାଜନ ଜାମ୍ମୁ-କଶ୍ମୀରର ୧୧୪ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭା ରହିଛି। ଯେଉଁ ଆସନ ମଧ୍ୟରୁ ୯୦ଟି ନିର୍ବାଚନ ହେଉଥିବା ବେଳେ ୨୪ଟି ପାକିସ୍ତାନ ଅଧିକୃତ କାଶ୍ମୀର(ପିଓକେ) ପାଇଁ ସଂରକ୍ଷିତ ରହିଛି। ତେବେ ବିଭାଜନ ପରେ ଏବେ ଜାମ୍ମୁ-କଶ୍ମୀର ଅଂଚଳରେ ୯୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରୀୟା ଜାରି ରହିଛି। ସୀମା ନିର୍ଦ୍ଧାରଣ ଶେଷ ପରେ ଆସନ୍ତା ଡିସେମ୍ବର କିମ୍ବା ୨୦୨୨ ମାର୍ଚ୍ଚ ସୁଦ୍ଧା ବିଧାନସଭା ନିର୍ବାଚନ ହେବା ସମ୍ଭାବନା ରହିଛି। କହିବା ବାହୁଲ୍ୟ ଯେ, ଜାମ୍ମୁ-କଶ୍ମୀରକୁ ରାଜ୍ୟମାନ୍ୟତା ପୁନଃ ପ୍ରଦାନ ପାଇଁ ସମସ୍ତ ରାଜନୈତିକ ଦଳ ଦାବି କରିଛନ୍ତି। ଏହା କରାଯିବା ଜରୁରୀ ମଧ୍ୟ। ଯେତେଶୀଘ୍ର ରାଜ୍ୟମାନ୍ୟତା ସହ ବିଧାନସଭା ନିର୍ବାଚନ ହେବ, ଅଶାନ୍ତ କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା ସହ ବିକାଶ ସମ୍ଭବ ହୋଇପାରିବ। ଯାହାକି ଭାରତର 'ଭୂସ୍ୱର୍ଗ' ଭାବେ ପରିଚିତ କାଶ୍ମୀରର ଦୃତ ଗୌରବକୁ ଫେରାଇ ଆଣିପାରିବ। କେନ୍ଦ୍ର ସରକାର ମଧ ଶିଳ୍ପବିହିନ କାଶ୍ମୀରରେ ଶିଳ୍ପ ପ୍ରତିଷ୍ଠା ପାଇଁ ୨୮,୪୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ଘୋଷଣା କରିଛନ୍ତି। ୩୭୦ ଧାରା ଉଚ୍ଛେଦ ବେଳେ କେନ୍ଦ୍ର ସରକାର ଏହା ଘୋଷଣା କରିଥିଲେ। କେନ୍ଦ୍ରର ଏହା ଏକ ବୃହତ ସଂକଳ୍ପ ନିଶ୍ଚିତ। ତେବେ ଗଣତନ୍ତ୍ରରେ ଏଭଳି ବ୍ୟୟର ତଦାରଖ ନିର୍ବାଚିତ ସରକାରଙ୍କ ଉପରେ ନ୍ୟସ୍ତ ରହିବା ଉଚିତ୍। ତେଣୁ ଜାମ୍ମୁ-କଶ୍ମୀରକୁ ରାଜ୍ୟପାହ୍ୟ ପ୍ରଦାନ ସହ ଯଥାଶୀଘ୍ର ନିର୍ବାଚନ କରି ଗଣତନ୍ତ୍ର ପୁନଃ ପ୍ରତିଷ୍ଠା କରିବା ଆବଶ୍ୟକ। ଯାହାକି ଭାରତର ଗଣତନ୍ତ୍ର ପାଇଁ ଶୁଭଙ୍କର।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ
ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ -୯୪୩୭୯୯୪୩୭୯




# ନନ୍ଦନକାନନ, ଚୁଡ଼ଙ୍ଗଗଡ଼ ଓ ଚନ୍ଦକା ଅଭୟାରଣ୍ୟର ବିକାଶ ପାଇଁ ଦାବି



ମଲ୍ଲିକ ଗାର୍ଡେନ : ନୂଆଂଚଳିକ ବିକାଶ କମିଟିନ୍ତ ପକ୍ଷରୁ ଆଜି ମଲ୍ଲିକ ଗାର୍ଡେନ, ନନ୍ଦନକାନନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜଟଣୀ ବିଧାୟକ ତଥା ନୂଆଂଚଳିକ ବିକାଶ କମିଟିନ୍ତର ମୁଖ୍ୟ ଉପଦେଷ୍ଟା ଶ୍ରୀ ସୁରେଶ କୁମାର ରାଉତରାୟ କହିଲେ ଯେ ବିଶ୍ୱପ୍ରସିଦ୍ଧ ନନ୍ଦନକାନନକୁ ଅଧିକ ଆକର୍ଷଣୀୟ କରିବାପାଇଁ ଏବଂ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ଏହାର ସୌନ୍ଦର୍ଯ୍ୟକରଣର ବୃଦ୍ଧି ନିତାନ୍ତ ଆବଶ୍ୟକୀୟ ହୋଇପଡ଼ିଛି । ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ନନ୍ଦନକାନନ ପ୍ରତି ରାଜ୍ୟ ସରକାର ସଠିକ୍ ଦୃଷ୍ଟି ଦେଉନାହାନ୍ତି ବୋଲି ଶ୍ରୀ ରାଉତରାୟ ଅଭିଯୋଗ କରିଛନ୍ତି । ଅନେକ ସମୟରେ ଏଠାରେ ପଶୁ ଓ ପକ୍ଷୀ ମଡ଼କକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ତୁରନ୍ତ ତତ୍ପରତା ପରିଲକ୍ଷିତ ହେଉନାହିଁ । ସେମାନଙ୍କ ତୁରନ୍ତ ଚିକିତ୍ସା ପ୍ରତି ସରକାର ସଚେତନ ରୁହନ୍ତୁ । ନୂତନ ପଶୁପକ୍ଷୀ ଓ ସରିସୃପ ଏବଂ ସର୍ପ ଅଣାଯାଇ ସେମାନଙ୍କର ରହିବା ନିମନ୍ତେ ଅଧିକ ଘର, ବିଦ୍ୟୁତ କରଣ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଉ । ଐତିହାସିକ ଚୁଡ଼ଙ୍ଗଗଡ଼କୁ ନନ୍ଦନକାନନ ପରିସରଭୁକ୍ତ କରାଯାଉ ଏବଂ ଏହାର ସୌନ୍ଦର୍ଯ୍ୟକରଣ କରାଯାଉ । ନନ୍ଦନକାନନ ହ୍ରଦ ନନ୍ଦନକାନନର ଶୋଭାବର୍ଦ୍ଧନ କରେ ଏବଂ ଏହା ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଆକର୍ଷଣୀୟ କେନ୍ଦ୍ର ଥିଲା । ଏହାର ପୁନଃରୁଦ୍ଧାର କରାଯାଇ ବୋଟ ଚଲାଯାଉ ଏବଂ ରୋପୱେକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଉଛି । ଟୟ ଟ୍ରେନ ମଧ୍ୟ ଅଚଳ ହୋଇପଡ଼ିଛି । ଏହାକୁ କାର୍ଯ୍ୟକ୍ଷମ କରାଯାଉ । ଚନ୍ଦକା ଏଲିଫ୍ୟାଣ୍ଟ ସ୍ୟାଙ୍କଚୁରିର ପାଚେରୀକୁ ଉଚ୍ଚ କରାଯାଉ ଏବଂ ତାକୁ ଦୃଢ଼ କରାଯାଉ । କାରଣ ହାତୀ ବାହାରି ସ୍ଥାନୀୟ ଅନ୍ଧାରୁଆ, ଘଙ୍ଗାପାଟଣା, ଜାମୁଝରି ଓ କଂଟାବାଡ଼ ପ୍ରଭୃତି ଗାଁରେ ପଶୁଛନ୍ତି । ଚନ୍ଦକା ରିଜର୍ଭ ଫରେଷ୍ଟକୁ ଅଧିକ ଆକର୍ଷଣୀୟ କରିବାକୁ ବ୍ୟାପକ ବୃକ୍ଷରୋପଣ କରାଯାଉ । ମୁଖ୍ୟ କଥା ଏହିକିଯେ ଦାରୁଠେଙ୍ଗରେ ରହିଥିବା ଡଂପିଂୟାର୍ଡ଼ରୁ ମାତ୍ର ୨୦ ପ୍ରତିଶତ ଖାଲି କରାଯାଇଛି । ଏହିବର୍ଷ ଶେଷସୁଦ୍ଧା ସଂପୂର୍ଣ୍ଣ ଡଂପିଂୟାର୍ଡ଼କୁ ସରକାର ସ୍ଥାନାନ୍ତରଣ କରିବାକୁ କମିଟି ପକ୍ଷରୁ ଦାବି କରାଯାଉଛି । ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏଠାରେ ଏକ ବଗିଚା କରାଯାଉ । ଏହି କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ପ୍ରଭାତ ମଲ୍ଲିକ, ଉପାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ସଂପଂଦକ ତପନ କୁମାର ବଳିଆରସିଂ, କୋଷାଧ୍ୟକ୍ଷ ଅଭୟ ସାମନ୍ତରାୟ, ମନ୍ମଥ ରାଉତରାୟ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଲିଙ୍ଗରାଜ ସାହୁ, ଦୁଃଶାସନ ସ୍ୱାଇଁ, ଅନ୍ତର୍ଯ୍ୟାମୀ କୁଅଁର, ସୁବାସ ପାତ୍ର, କବିରାଜ ବିଧାର, ନୃସିଂହ ରାଉତ, ଡାକ୍ତର ବେହେରା, ପ୍ରତାପ ରାଉତ, ଗନ୍ଧର୍ବ ବେହେରା, ସଂଗ୍ରାମ ରାଉତରାୟ ,କାର୍ତ୍ତିକ ବେହେରା, ନଗେନ ସିଂ, ବିଜୟ ଗଡ଼ବାଡ, ଗୋକୁଳି ସାମନ୍ତରାୟ , ରବି ହରଚିନ୍ଦନ, ଭାସ୍କର ସେନାପତି ଧନେଶ୍ୱର ରାଉତରାୟ, ଦିଲ୍ଲୀପ କୁମାର ପ୍ରଧାନ, ଅଜିତ ଶ୍ରୀଚନ୍ଦନ, ସରୋଜ ନାୟକ, ଧନୁର୍ଦ୍ଧର ସୁନ୍ଦରାୟ, ବିରଜା ସାମନ୍ତରାୟ, ଅକ୍ଷୟ ପାହାଡ଼ସିଂ, ଅମୀୟ ରନ ସ୍ୱାଇଁ , ସୁକୁରି କୁମାର ସ୍ୱାଇଁ, କୃଷ୍ଣ ସୁନ୍ଦରାୟ, ଲିଟୁ ପ୍ରଧାନ, ମନମଥ ଛୋଟରାୟ, ଶ୍ରୀପତି ବଡ଼ଜେନା, କୃଷ୍ଣ ବେହେରା, ପ୍ରଶାନ୍ତ ରାଉତରାୟ, ଅବିନାଶ ଭୋଇ, ସଚ୍ଚି ଚୌଧୁରୀ, କୁନା ନାୟକ, ପ୍ରଦୀପ ବଳିଆରସିଂ, ରାଜା ପ୍ରଧାନ, ଶିବାଶିଷ ନରେନ୍ଦ୍ର, ତାପସ କୁମାର ନରେନ୍ଦ୍ର, ଦେବାଶିଷ ନରେନ୍ଦ୍ର, ପ୍ରଫୁଲ୍ଲ ସାହୁ, ସାର ବେହେରା, ଗଗନ ଜେନା, ପ୍ରମୋଦ ବଡ଼ଜେନା, ଜ୍ୟୋତିର୍ମୟୀ ଛୋଟରାୟ, ଛେନୁ ପଟ୍ଟନାୟକ, ସୁଧାଂଶୁ ମହାରଣା, ସୁନିଲ ରାଉତରାୟ, ରଶ୍ମିତା ନାୟକ, ରଶ୍ମିରନ ପାଟ୍ଟଶାହାଣୀ, ସାକିରା ଆବ୍ରାର, ବାବୁଲି ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବଶିଷ୍ଟଗୁଡ଼ିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତ୍ତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତ୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତ୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ଦେଶୀ ମଦ ଜବତ, ବେପାରି ଗିରଫ

କୋରେଇ :ପାଣିକୋଇଲି ପୁଲିସ ପକ୍ଷରୁ ଚୋରା ଦେଶୀ ମଦ ଜବତ ହେବା ସହ ବେପାରୀକୁ ଗିରଫ କରାଯାଇଛି । ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ପ୍ରକାଶଯେ ଏହି ଥାନା ଅନ୍ତର୍ଗତ ବଡବିରୁହାଁ ପଂଚାୟତର ସୋଲପଟା ଗ୍ରାମରେ ଚୋରା ଦେଶୀ ମଦ ବେପାରର ଖବର ପାଇ ପୁଲିସ ଚଢାଉ କରିଥିଲା । ଚଢାଉ ସମୟରେ ସୋଲପଟା ଗ୍ରାମର ରବିନ୍ଦ୍ର ମଲିକଙ୍କ ପୁଅ ରାଜେନ୍ଦ୍ର (୩୦)ଙ୍କ ନିକଟରୁ ୨୫ ବୋତଲ ଦେଶୀ ମଦ ଆସ୍କା ଫର୍ଟି ଜବତ କରିଥିଲା । ମଦ ଜବତ ସହ ରାଜେନ୍ଦ୍ରକୁ ଗିରଫ କରାଯାଥିଲା ।

# ପତ୍ରପୁର ପଂଚାୟତରେ ସରକାରୀ ରିଲିଫ ବଂଟନରେ ଅନିୟମିତତା ଅଭିଯୋଗ



କେନ୍ଦ୍ରାପଡା, (ପିଏନ)- ଆଜି ବ୍ଲକ ଅନ୍ତର୍ଗତ ପତ୍ରପୁର ଗ୍ରାମପଂଚାୟତର ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନେ ଆଜି ବିଜେପି ନେତା ତଥା ଆଇନଜୀବି ନେହେରୁ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି ଯେ ଚଳିତବର୍ଷ ପ୍ରଳୟଙ୍କରୀ ବନ୍ୟା ଓ ପ୍ରବଳ ବର୍ଷା ବିପ୍ୱାତ ଯୋଗୁଁ ଦୁର୍ବିସହରେ ପଡି ଯନ୍ତ୍ରଣା ଜନିତ ଜୀବନ ବିତାଉଥିବା ବେଳେ ସରକାରୀ ରିଲିଫ ଓ ଆର୍ଥିକ ସହାୟତରୁ ସେମାନଙ୍କୁ ବଂଚିତ କରାଯାଇଛି । ପତ୍ରପୁର ପଂଚାୟତର ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଜି.ଆର.ଏସ.ମିଳିତ ଭାବେ ସେମାନଙ୍କୁ ଅଣଦେଖା କରି ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ କରିଛନ୍ତି । ସେମାନେ ପଂଚାୟତ ଠାରୁ ଆରମ୍ଭକରି ଆଜି ବ୍ଲକର ବିଡିଓଙ୍କୁ ମଧ୍ୟ ଏସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେବି ସେମାନଙ୍କୁ ରିଲିଫ ପ୍ରଦାନ କରାଯାଇନାହିଁ । ଏଣୁ ଏହି ଅଭିଯୋଗର ତଦନ୍ତ କରାଯାଇ ସେମାନଙ୍କୁ ରିଲିଫ ଯୋଗାଇଦେବାକୁ କ୍ଷତିଗ୍ରସ୍ତମାନଙ୍କ ପକ୍ଷରୁ ସୁନିଲ କୁମାର ରାଉତ, ହରିହର ମହାରଣା, ହିମାଂଶୁ ଶେଖର ପରିଡା,ରତ୍ନାକର ବେହେରା, ସୁରେଶ ରାଉତ, ଭାଗବତ ପରିଡା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

## ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଯୁବ ଉପଭୋକ୍ତାଙ୍କ ବିରୋଧ

ଧର୍ମଶାଳା: ଯାଜପୁର ଜିଲା କୁଆଖିଆ ନେସ୍କୋ ଅଧିନରେ ବିଭିନ୍ନ ଅଂଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଛି । ଯାହାକୁ ନେଇ ଉପଭୋକ୍ତାମାନେ ଏହାକୁ ଘୋର ବିରୋଧ କରିବା ସହ ଆଗକୁ ଏହି ବିରୋଧକୁ ଦୃଢ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ନେସ୍କୋ କାର୍ଯ୍ୟାଳୟ ଅଧିନରେ ଥିବା ବ୍ରହ୍ମବରଦା,ମହେଶ୍ୱରପୁର,ବନ୍ଧଡିହ, ଅରାବଳ,ଝାଲପଡା ଆଦି ପଂଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି । ଯାହାକୁ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଯୁବକମାନେ ପ୍ଲାକାର୍ଡ ଧରି ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତସ୍ଥ ବାଲିଗୁଡା ଗ୍ରାମ ପରିକ୍ରମା କରି ଉପଭୋକ୍ତାମାନଙ୍କୁ ସଚେତନ କରିଛନ୍ତି । ଅଘୋଷିତ ବିଦ୍ୟୁତ୍ କାଟ,ବିଦ୍ୟୁତ୍ ବିଲ ବୃଦ୍ଧି ଓ ଅଂଚଳର ବହୁ ବିଜୁଳି ସମସ୍ୟା ନେଇ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଏହି ବିରୋଧକୁ ଦୃଢ କରାଯିବ ବୋଲି ବନମାଳୀ ସାହୁ,ସୁକାନ୍ତ ସାହୁ, ପ୍ରଶାନ୍ତ ସର, ରମେଶ ଚନ୍ଦ୍ର ରଣା, ଦୁଃଖୀଶ୍ୟାମ ସର, ବିଚିତ୍ର ସାମଲ, ପିତାମ୍ବର ସାହୁ,ଶଶିଭୂଷଣ ରଣା, ଉଦକର ସାହୁ,ଜନାର୍ଦ୍ଦନ ସାହୁ, ପଙ୍କଜ ମିଶ୍ର,ଅଶୋକ ରଣା,ସୁନାଶିର ସର ଓ ସୁଧାଂଶୁ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଶ୍ରୀ ମଙ୍ଗରାଜଙ୍କ ବିୟୋଗରେ ଆନନ୍ଦପୁରରେ ସାମ୍ବାଦିକ ଶୋକସଭା

ଆନନ୍ଦପୁର: ସଡକ ଦୁର୍ଘଟଣାରେ ବରିଷ୍ଠ ସାମ୍ବାଦିକ ଜିମୁତ ମଙ୍ଗରାଜଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି । ସେ ଖୋର୍ଦ୍ଧା ନିକଟସ୍ଥ ନିଜ ଗ୍ରାମ ଜଙ୍କିଆରୁ ତାଙ୍କ ସ୍କୁଟର ଯୋଗେ ଭୁବନେଶ୍ୱର ଫେରୁଥିବା ବେଳେ ଯାଆଁଳା ହସ୍ପିଟାଲ ନିକଟ ଓଭରବ୍ରିଜ ଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥଲା । ଘଟଣାସ୍ଥଳଟି ଅନ୍ଧାର ଓ ସଟ୍‌ଡାଉନ୍ ଯୋଗୁଁ ଶୁନଶାନ ଥିବାରୁ ଏହି ଖବର ପାଇବାରେ ବିଳମ୍ବ ହୋଇଥିଲା । ମଙ୍ଗରାଜଙ୍କ ମୃତ୍ୟୁ ଖବର ପ୍ରସାରିତ ହେବାପରେ ସମସ୍ତ ରାଜ୍ୟ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି । ବହୁ ସାମ୍ବାଦିକ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ହସ୍ପିଟାଲକୁ ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ । ଆଜି ଆନନ୍ଦପୁର ଦଳେଇସାହି ଶିବମନ୍ଦିର ଠାରେ ଶ୍ରୀ ମଙ୍ଗରାଜଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ନିରାକାର ଦଳେଇଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସମସ୍ତ ସାମ୍ବାଦିକମାନେ ଜିମୁତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିବା ସହ ଶ୍ରୀ ମଙ୍ଗରାଜଙ୍କ ଆତ୍ମାର ସଦଗତ ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ସମସ୍ତେ ଶ୍ରୀ ମଙ୍ଗରାଜଙ୍କ ଆତ୍ମକାହାଣୀ ଉପରେ ଆଲୋଚନା କରିଥିଲେ । ଶ୍ରୀ ମଙ୍ଗରାଜ ସାମ୍ବାଦିକତା, ଗଣ ଯୋଗାଯୋଗ ଓ ସମାଜସେବା ଉପରେ ବଗେଷଣା କରି ଡକ୍ଟରେଟ ଲାଭ କରିଥିଲେ । ସାମ୍ବାଦିକତାରୁ ଅବ୍ୟାହତ ନେବାପରେ 'ନେତା' ନାମରେ ଏକ ରାଜନୈତିକ ପତ୍ରିକା ପ୍ରକାଶ କରିଥିଲେ ଯାହାକି ତାଙ୍କୁ ବେଶ ଲୋକପ୍ରିୟତା କରାଇବା ସହ ପତ୍ରିକାଟି ମଧ୍ୟ ବେଶ୍ ଆଦୃତ ହୋଇଥିଲା । ବିଜୁବାବୁଙ୍କ ଉପରେ ମଧ୍ୟ ସେ ଏକ ଉପାଦେୟ ପୁସ୍ତକ ରଚନା କରିଥିଲେ । ସେ ସଚିବାଳୟର ସାମ୍ବାଦିକ ସଂଘର ସଭାପତି ଭାବେ ନେତୃତ୍ୱ ନେଇଥିଲେ । ତାଙ୍କର ଉତ୍ତମ ବ୍ୟବହାର ତାଙ୍କୁ ସବୁ ମହଲରେ ଗ୍ରହଣୀୟ କରିଥିଲା । ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ଶତ୍ରୁଘନ ସାହୁ, ନିରାକାର ଦଳେଇ, ସନ୍ତୋଷ କୁମାର ରାଉତ, ଲଲାଟେନ୍ଦୁ ଧୀର, ହରେକୃଷ୍ଣ ପାତ୍ର, ଯୁବ ସାମ୍ବାଦିକ ନିର୍ମଳ ଚନ୍ଦ୍ର ରାଉଳ, ଅଭିନ୍ନ କୁମାର ରଣା, ଅନିଲ କୁମାର ସାହୁ, ସୟ କୁମାର ସୁତାର, ରୁଦ୍ରନାରାୟଣ ପରିଡା, ଦେବୀପ୍ରସାଦ ଜେନା ଏବଂ ଅନେକ ଯୁବ ସାମ୍ବାଦିକ ଉପସ୍ଥିତ ରହି ଶ୍ରୀ ମଙ୍ଗରାଜଙ୍କ ପରିବାରକୁ ସମବେଦନା ଜଣାଇବା ସହ ସଭା ଶେଷ କରିଥିଲେ ।

# ବିଜୁଜନତା ଦଳର ପଂଚାୟତସ୍ତରୀୟ କର୍ମୀବୈଠକ

ବାରିପଦା: ଜୁନ ୨୭ ପୂର୍ବାହ୍ନରେ ବାରିପଦା ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ପ୍ରଥମ ଥର ବିଜୁ ଜନତା ଦଳର ପଂଚାୟତସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାରିପଦା ବ୍ଲକର ହାତିକୋଟ୍ ଗ୍ରାମପଂଚାୟତରେ ଓଡିଶା ଖଦି ଓ ଗାମ୍ୟ ଉଦ୍ୟୋଗ ବୋର୍ଡର ସଦସ୍ୟ ସରୋଜ କୁମାର ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଆଗାମୀ ପଂଚାୟତ ନିର୍ବାଚନର କାର୍ଯ୍ୟପନ୍ଥା ଓ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ପ୍ରତ୍ୟେକ ପଂଚାୟତରେ ୱାର୍ଡସ୍ତରୀୟ କର୍ମୀମାନଙ୍କୁ ସୁସଂଗଠିତ କରି ମୁଖ୍ୟମନ୍ତ୍ରୀଙ୍କର ଉନ୍ନୟନ ମୂଳକ ଯୋଜନା ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ଆଲୋଚନା କରାଯାଇଥିଲା । ତତ୍‌ସହିତ ବାରିପଦା ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ପ୍ରସ୍ତାବ ପାରିତ ହୋଇଥିଲା । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଜିଲ୍ଲାର ସମସ୍ତ ୫୬ଟି ଯାକ ଆସନ ଯେପରି ବିଜୁ ଜନତା ଦଳ ବିଜୟ ଲାଭ କରିବ ତାହା ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହୋଇଥିଲା । ଏହି ବୈଠକରେବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଧାନସଭାର ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡାକ୍ତର ଦେବାଶିଷ ମାର୍ଣ୍ଡି, ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ବାରିପଦା ବ୍ଲକ ଅଧ୍ୟକ୍ଷା ପାର୍ବତୀ ହେମ୍ବ୍ରମ୍, ଉପାଧ୍ୟକ୍ଷ ରବିନ୍ଦ୍ର ମହାନ୍ତ, ହାତିକୋଟ ପଂଚାୟତର ସମିତି ସଦସ୍ୟ ସାମଲ ମାଝି, ବାରିପଦା ବ୍ୟବସାୟୀ ସଂଘର ସାଙ୍ଗଠାନିକ ସମ୍ପାଦକ ପୂର୍ଣ୍ଣାନନ୍ଦ ପରିଡା, ବାରିପଦା ବ୍ଲକ ଛାତ୍ର ସଭାପତି ଭୀଷ୍ମ ମହାନ୍ତ, ପୂର୍ବତନ ସରପଂଚ ମଧୁସୁଦନ ସିଂ, ଅଜିତ ଭକ୍ତା, ସନିଆ ସିଂଙ୍କ ସେମତ ଶତାଧିକ ଦଳୀୟ କର୍ମୀ ଏହି ବୈଠକରେ ଉପସ୍ଥିତ ଥିଲେ । ଶେଷରେ ବାରିପଦା ବ୍ଲକର ସଂଗଠକ ଦିଲ୍ଲୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରି କରିଥିଲେ ।

# ମହଙ୍ଗା ଭତା ନ ଦେଇ ଅର୍ଥନୀତିକୁ ଅଧିକ ଦୁର୍ବଳ କରାଯାଉଛି : କଂଗ୍ରେସ ନେତା ପଂଚାନନ କାନୁନଗୋ

ଭୁବନେଶ୍ୱର : ବଜାରର ଦର ହୁ ହୁ ବଢୁଥିବା ଓ ମୁଦ୍ରାସ୍ଫିତି ନିୟନ୍ତ୍ରଣ ହରାଇଥିବା ସମୟରେ କେନ୍ଦ୍ର ସରକାର ୨୦୨୦ ଜାନୁଆରି ଠାରୁ କରୋନାର ଆଳ ନେଇ ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ମହଙ୍ଗା ଭତା ଦେବା ବନ୍ଦ କରି ଦେଇଛନ୍ତି । ତତ୍ ସହିତ ଓଡ଼ିଶା ସମେତ ଅନେକ ରାଜ୍ୟ ମଧ୍ୟ ଭତା ଦେବା ବନ୍ଦ କରି ରଖିଛନ୍ତି । ଦେଶ ଓ ରାଜ୍ୟରେ ପାଖାପାଖି ୪ କୋଟି ସରକାରୀ କର୍ମଚାରୀ ଓ ପେନସନଭୋଗୀମାନେ ୧୪ % ବର୍ଦ୍ଧିତ ଭତାରୁ ବଂଚିତ ହୋଇଛନ୍ତି । ୨୦୨୦ ଜାନୁଆରୀରେ ୪%, ଜୁଲାଇ ମାସରେ ୩% ୨୦୨୧ ଜାନୁଆରୀ ରେ ୩% ଓ ଜୁଲାଇରେ ୪% ଏହିପରି ମୋଟ ୧୪% ପ୍ରାପ୍ୟ ଭତା ବନ୍ଦ ରହିଛି । ଏହା ସତ୍ୟ ଯେ କେନ୍ଦ୍ର ଓ ରାଜ୍ୟରେ ଅର୍ଥନୀତି ପ୍ରାୟତଃ ଦୁର୍ବଳ ହୋଇଛି ଏହି ସମୟରେ ବ୍ୟୟ ଓ ଅପବ୍ୟୟ ଭିତରେ ପରଖିବା ଓ ତତ୍‌କାଳୀନ ଆବଶ୍ୟକତା ଅନୁସାରେ ବ୍ୟୟବରାଦ ଅତି ଜରୁରୀ । ଲୋକଙ୍କୁ ହାତକୁ ରୋଜଗାର ଯାହାକି ବଜାରକୁ ଚଳଚଂଚଳ କରିଥାଏ । ବଜାର ଚଳଚଂଚଳ ହେଲେ ଉତ୍ପାଦନକାରୀ ଉତ୍ପାଦନ ବଢ଼ାନ୍ତି ଓ ଅଧିକନ୍ତୁ ନିଯୁକ୍ତି ସୃଷ୍ଟି ହୁଏ । ଅପବ୍ୟୟର ଦୁଇଟି ସ୍ୱରୂପ ଦେଖାଯାଏ । ଗୋଟିଏ ଦିଗରେ କୌଣସୀ ଉତ୍ପାଦନ ଆୟକାରୀ ବ୍ୟବସ୍ଥା ସୃଷ୍ଟି କରେ ନାହିଁ ଓ ଅଯଥା ଖର୍ଚ୍ଚ ବଢ଼ାଏ । ଅନ୍ୟଭାବରେ ଦେଖିଲେ ଯଦି ଯର୍ଥାଥ ଭାବରେ ବ୍ୟୟ ବରାଦ ହୋଇଥାଏ ତାହା ବଜାରର କାମନରେ ଆସେ । ଓ ସେଥିରୁ ଗୋଟିଏ ଅଂଶ ଟିକସ ଆକରେ ରାଜ୍ୟ ବା ଦେଶ ପାଇଥାଏ । ମହଙ୍ଗା ଭର୍ତ୍ତା ଦିଆଯାଇଥିଲେ ତାହାର ଗୋଟିଏ ଅଂଶ କେନ୍ଦ୍ର ଆୟକର ଭାବରେ ଓ ଅନେକ ଅଂଶ ଜି.ଏସ୍.ଟି ଭାବରେ ରାଜ୍ୟ ପାଇଥାନ୍ତି । ତାହା ଘଟୁ ନାହିଁ । ରାଜ୍ୟ ଓ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି । ଏବେ ଯେଉଁ ଜିଏଷ୍ଟି ବୃଦ୍ଧିର ୪ ମାସରେ ଦେଖାଦେଉଛି ଯାଇଛି ତାହା କେବେ କରୋନା ଜନିତ ସ୍ୱାସ୍ଥ୍ୟ ସୁରକ୍ଷା (ହେଲଥ କେୟାର) ଯଥା ଅକ୍ସିଜେନ, ଅକ୍ସିମିଟର, ବ୍ଲଡ ପ୍ରେସର ମାପକ, ସାନିଟାଇଜର ମେସିନ ଓ ସାବୁନ, ସାନିଟାଇଜର ଆଦିର କ୍ରୟ ପ୍ରାୟ ୧୦୦% ଅର୍ଥାତ ଦୁଇଗୁଣ ଏହି ସବୁ ବ୍ୟବସାୟ ଗତ ଚାରି ମାସ ଭିତରେ ହୋଇଥିବା ହେତୁ ଘଟିଛି । ଅପରପକ୍ଷରେ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ (ଏଫ.ଏମ.ସିଜି) ର କ୍ରୟ ବିକ୍ରୟ ପରିଣାମ ହ୍ରାସ ପାଇଛି । ଏହାକ'ଣ ସରକାରଙ୍କ ନିଯୁକ୍ତ ମାର୍କେଟ ଇଂଟିଲିଜେନ୍ସ ବିଭାଗ ତଥ୍ୟ ଦେଇ ନାହିଁ । ଯେଉଁବର୍ଗର ଅର୍ଥରେ ସବୁପ୍ରକାର ବଜାର ଚଳଚଂଚଳ ହୋଇଥାଏ ସେମାନଙ୍କର ଆୟ ସଂକୁଚିତ କଲାବେଳେ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶିଷ୍ଟ ଅର୍ଥନିତିଜ୍ଞ ମନମୋହନ ସିଂହ ସରକାର ଙ୍କ ଲାଗୁ କରିଥିବା ୬ଷ୍ଠ ଅର୍ଥ କମିଶନ ସୁପାରିଶ କୁ ଲକ୍ଷ୍ୟ କରିବାର ଅଛି । ଏହା ଲାଗୁକରି ତଳକୁ ଖସି ଯାଉଥିବା ଅର୍ଥନୀତିକୁ ସଜାଡ଼ି ରଖିବା ଓ ଦେଶକୁ ଉଦ୍ଧାର କରିବା କଥାଟିକୁ ଏ ସରକାର ଶିଖିଲେ ନାହିଁ । ଅପରପେକ୍ଷରେ ବଡ଼ ବଡ଼ କମ୍ପାନୀକୁ ଟିକସ ରିହାତି (ଟାକ୍ସ ସୋପ) ଏବଂ ଆର୍ଥିକ ସହାୟତା (ଲସକ୍ସମବକ୍ଷ ୱ୍ୱସଙ୍କଙ୍କକ୍ଷବକ୍ସର) ଦେବାର ଉଦ୍ୟମ କରିବା ଅର୍ଥନୀତିକୁ ବଡ଼ ଖରାପ ସ୍ଥିତି ଆଣିଦେଇଛି ଏବଂ ଅର୍ଥନୀତିରେ ଅସମାନତା ସୃଷ୍ଟି ହୋଇଛି ବୋଲି କଂଗ୍ରେସ ନେତା ପଂଚାନନ କାନୁନଗୋ ପ୍ରକାଶ କରିଛନ୍ତି । ଦେଶ ଓ ରାଜ୍ୟ ଅର୍ଥନୀତିକୁ ଦୁର୍ବଳ କରିବାରେ କରୋନା ଯେତେ କ୍ଷତି ନ ପହଁଚାଇଛି ସରକାରଙ୍କର ତୃଟିପୂର୍ଣ୍ଣ ଅର୍ଥନୀତି ତା ଠାରୁ ଅଧିକ କ୍ଷତି କରିଛି । ଆୟ ହରାଇଥିବା ପରିବାର ପିଛା ମାସିକ ୭,୫୦୦ ଟଙ୍କା ନ ଦେଇ ସରକାର ଅକ୍ଷମଣୀୟ ଅପରାଧ କରିଛନ୍ତି ଏବେ ମହଙ୍ଗାକାଳରେ ମହଙ୍ଗାଭତା ବନ୍ଦକରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ଦୁରବସ୍ଥାକୁ ଅଧିକ ଦୃଢ଼ କରୁଛନ୍ତି ବୋଲି କଂଗ୍ରେସ ନେତା ଶ୍ରୀ କାନୁନଗୋ ଅଭିଯୋଗ କରିଛନ୍ତି ।

## ଆର୍ଟ କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଚିତ୍ରଶିଳ୍ପିମାନଙ୍କର ଅସନ୍ତୋଷ

ବାଲେଶ୍ୱର: ବିବିଧ କେଳେଙ୍କାରୀରେ ଛନ୍ଦି ହୋଇ ଚର୍ଚ୍ଚାର ପରିସରକୁ ଆସିଥିବା ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଏବେ ସ୍ୱର ଉତ୍ତଳନ ପାଇଁ ସାହାସ ବାନ୍ଧିଛନ୍ତି । ଏହା ମଧ୍ୟରେ ଛାତ୍ରୀ ଅସଦାଚରଣ ମାମଲାରେ କଲେଜର ପୂର୍ବତନ ଅଧ୍ୟାପକ ଶଶାଙ୍କ ଶେଖର ଦାସଙ୍କୁ ପୁଲିସ ଗିରଫ କରିଛି । ଛାତ୍ର ଛାତ୍ରୀଙ୍କୁ ଶାରିରୀକ, ମାନସିକ ଏବଂ ଆର୍ଥିକ ଶୋଷଣ ଅଭିଯୋଗରେ ଛନ୍ଦି ହୋଇଥିବା ଅଧ୍ୟକ ନିକୁଞ୍ଜ ବିହାରୀ ଦାସଙ୍କ ଗିରଫ ଦାବି ମଧ୍ୟ ଜୋର ଧରିଛି । ଅଧ୍ୟକ୍ଷଙ୍କ କାର୍ଯ୍ୟ କଳାପ ସମ୍ନାକୁ ଆସିବା ପରେ ଚିତ୍ର ଶିଳ୍ପି ମହଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେମାନ ଅଧ୍ୟକ୍ଷ ଶ୍ରୀ ଦାସଙ୍କୁ କଡ଼ା ଭାଷାରେ ନିନ୍ଦା କରିବା ସହ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଚିତ୍ରକଳା ପ୍ରତି ରୁଚି ରହିଥିବା ଏବଂ କ୍ୟାରିୟର କରି ଚାହୁଁଥିବା ଛାତ୍ର ଛାତ୍ରୀଙ୍କ ପାଇଁ ଏକ ମହତ ଉଦ୍ଦେଶ ରଖି ଦିବଂଗତ ଶିଳ୍ପପତି ହିମାଂଶୁ ଦାସ ଏବଂ ବାଲେଶ୍ୱରର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା । ହେଲେ ଶିକ୍ଷାନୁଷ୍ଠାନ ଭଳି ପବିତ୍ର ସ୍ଥାନରେ ଅଧ୍ୟକ୍ଷ ଏବଂ ଅଧ୍ୟାପକମାନେ ଛାତ୍ର ଛାତ୍ରୀମାନଙ୍କ ସହ ଯେଉଁ ଭଳି ଅଶାଳିନ ବ୍ୟବହାର ରଖି ଚଳାଇଥିବା ଲୋକ ଲୋଚନକୁ ଆସିଛି, ତାହା ଅତ୍ୟନ୍ତ ନିନ୍ଦନୀୟ ।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।




# ଯକ୍ଷ୍ମାରୋଗର ଭୟାବହତା



**ବ୍ୟା**କ୍ଟେରିଆରୁ ହିଁ ଯକ୍ଷ୍ମାରୋଗ ଆରମ୍ଭ ହୋଇଥାଏ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରେ ହୋଇଥାଏ। ଏହା ବାୟୁବାହିତ ରୋଗ ହୋଇଥିବାରୁ ଜଣଙ୍କ ପାଖରୁ ଅନ୍ୟ ଜଣଙ୍କ ପାଖକୁ ବ୍ୟାପିଥାଏ। ଯକ୍ଷ୍ମା ରୋଗୀ କାଶିବା, ଛିଙ୍କିବା ଏବଂ ଛେପ ପକାଇଲେ ସେଥିରେ ଥିବା ଜୀବାଣୁ ବାୟୁଦ୍ୱାରା ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ହୋଇ ଏହି ରୋଗ ବ୍ୟାପିଥାଏ। ପୃଥିବୀର ଏକ ତୃତୀୟାଂଶ ବ୍ୟକ୍ତି ଯକ୍ଷ୍ମା ରୋଗରେ ପୀଡ଼ିତ। ସେମାନଙ୍କୁ ୧୦ ଶତକଡ଼ା ଯକ୍ଷ୍ମା ହୋଇଥିବାବେଳେ ସେମାନେ ପ୍ରାୟ ଯକ୍ଷ୍ମା ବ୍ୟାକ୍ଟେରିଆରେ ସଂକ୍ରମିତ ହୋଇଥାନ୍ତି। ଏଚ୍‌ଆଇଭି, ପୋଷଣକମ୍ ଥିବା ଲୋକ ଏବଂ ଟବାକୋ ଖାଉଥିବା ଲୋକଙ୍କ ପ୍ରତିରକ୍ଷା ପ୍ରଣାଳୀ କମ୍ ଥିବାରୁ ସେମାନଙ୍କଠାରେ ଯକ୍ଷ୍ମା ରୋଗ ଅଧିକ ପରିମାଣରେ ଦେଖାଯାଇଥାଏ। ଯକ୍ଷ୍ମା ରୋଗୀଙ୍କ ସହ ଅତି ଘନିଷ୍ଠ ଭାବେ ମିଶୁଥିବା ଲୋକ ଜୀବାଣୁ ଦ୍ୱାରା ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ସେମାନେ ଠିକ୍ ଭାବେ ଚିକିତ୍ସିତ ନ ହେଲେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ୧୯୯୫ ମସିହା ପରଠୁ ୨୨ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ବଞ୍ଚାଯାଇଛି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ୫୬ ଲକ୍ଷ ଲୋକ ଚିକିତ୍ସା ଦ୍ୱାରା ଭଲ ହୋଇପାରିଛନ୍ତି। ଭାରତରେ ପ୍ରାୟ ୨-୩ ଲକ୍ଷ ଲୋକ ଯକ୍ଷ୍ମା ରୋଗରେ ପଡ଼ୁଛନ୍ତି। ଏହା ବିଶ୍ୱର ସବୁଠୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ୨୦୧୧ ମସିହାରେ ଭାରତରେ ୨.୩ ନିୟୁତ ଯକ୍ଷ୍ମା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କାନ୍ନାଡ଼ା ଅପେକ୍ଷା ପ୍ରତିବର୍ଷ ଭାରତରେ ୧୬୦୦ ନୂଆ ନୂଆ ଯକ୍ଷ୍ମା ରୋଗୀଙ୍କୁ ଦେଖିବାକୁ ମିଳୁଛି। ବର୍ତ୍ତମାନ ଏହା ସବୁଠୁ ବଡ଼ ସମସ୍ୟା ରୂପେ ଠିଆ ହୋଇଛି। ତେବେ ଏହାକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଚେଷ୍ଟା କରାଯାଉଛି। ଆଗାମୀ ଅପ୍ରେଲ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ଇସ୍ତାହାରରେ, ଯକ୍ଷ୍ମା ନିରାକରଣକୁ ସ୍ଥାନ ଦେବା ପାଇଁ ଜାତୀୟ ଯକ୍ଷ୍ମା ଫୋରମ୍ ଗତ ସପ୍ତାହରେ ଦେଶର ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ନିକଟକୁ ପତ୍ର ଲେଖିଛି। ଦେଶରେ ଯକ୍ଷ୍ମା ସଂପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଫୋରମ ଗଠନ କରାଯାଇଛି। ଭାରତରେ ଯକ୍ଷ୍ମା ନିରାକରଣ ପାଇଁ ଦେଖାଦେଇଥିବା ସମସ୍ୟା ଓ ମୁକାବିଲା ଦିଗରେ ପଦକ୍ଷେପ ଗ୍ରହଣ ଉଦ୍ଦେଶ୍ୟରେ ଏହି ଫୋରମ୍ ପ୍ରତିଷ୍ଠା କରାଯାଇଛି। ଭାରତର ନିରବ ଘାତକ ଭାବେ ବିବେଚିତ ଯକ୍ଷ୍ମାରେ ପ୍ରତି ୨ ମିନିଟ୍‌ରେ ଜଣେ ଭାରତୀୟ ପ୍ରାଣ ହରାଉଛନ୍ତି। ଯକ୍ଷ୍ମା ଦେଶରେ ଦାରିଦ୍ର୍ୟର ଅନ୍ୟତମ କାରଣ ବୋଲି ବିବେଚନା କରାଯାଉଛି। ଏକ ସୁସ୍ଥ ଭାରତବର୍ଷ ଆମ ସମସ୍ତଙ୍କ କାମ୍ୟ ବୋଲି ସେ କହିଛନ୍ତି। ଯକ୍ଷ୍ମା ନିୟନ୍ତ୍ରଣ ଓ ନିରାକରଣ ପାଇଁ ଜାତୀୟ ଫୋରମ ଗତବର୍ଷ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। ତେବେ ଏବେ ଆସନ୍ତୁ ଜାଣିବା ଯକ୍ଷ୍ମା କିପରି ବ୍ୟାପେ। ଯକ୍ଷ୍ମା ବ୍ୟାକ୍ଟେରିଆକୁ ଶରୀରର ପ୍ରତିରକ୍ଷା ପ୍ରଣାଳୀ ଯଦି ରୋକି ପାରେନି ତେବେ ଏହା ସକ୍ରିୟ ହୋଇ ଶରୀରରେ ରହେ। ଏହାଦ୍ୱାରା ବ୍ୟକ୍ତି ଅସୁସ୍ଥ ହୋଇଥାଏ। ଦିନକୁ ଦିନ ବାୟୁ ପ୍ରବାହରେ ଏହି ରୋଗ ବ୍ୟାପି ଥାଏ। ଶରୀରର ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ ଥିଲେ ଏବଂ ଏଚ୍‌ଆଇଭି ସଂକ୍ରମଣ ଥିବା ଲୋକଙ୍କ ପାଖକୁ ଏହା ଶୀଘ୍ର ବ୍ୟାପିଯାଇଥାଏ। ଏହି ରୋଗର ପ୍ରତିକାର ଲୋକର ରୋଗ ଏବଂ ସଂକ୍ରମଣ ଉପରେ ନିର୍ଭର କରିଥାଏ। ଯଦି ଆପଣ ଯକ୍ଷ୍ମା ସଂକ୍ରମଣ ହୋଇଥାନ୍ତି କିନ୍ତୁ ଯକ୍ଷ୍ମା ରୋଗ ସକ୍ରିୟ ହୋଇନଥାଏ ତେବେ ଆପଣ ପ୍ରାଥମିକ ନିବାରଣ ଚିକିତ୍ସା କରିପାରିବେ। ଏହି ଚିକିତ୍ସା ଜୀବାଣୁମାନଙ୍କୁ ମାରି ଦେଇଥାଏ। ଏହା ଶରୀରେ କୌଣସି କ୍ଷତି କରିବାକୁ ଦେଇ ନଥାଏ। ଏହି ଚିକିତ୍ସା ମାଧ୍ୟମରେ ୬-୯ମାସ ପ୍ରତ୍ୟହ ଆଇସୋନିୟାଜିଡ୍ ମାତ୍ରା ଦିଆଯାଏ। ଯଦି ଆପଣଙ୍କର ଯକ୍ଷ୍ମା ରୋଗ ସକ୍ରିୟ ଥାଏ। ତେବେ ବିଭିନ୍ନ ଔଷଧର ମିଶ୍ରଣ ୬-୧୨ ମାସ ପର୍ଯ୍ୟନ୍ତ ନେବାକୁ ପଡ଼ିବ। ଏହାଛଡ଼ା ଆପଣଙ୍କୁ ହସ୍ପିଟାଲରେ କିଛି ଦିନ ରହି ଘରେ ଦୈନିକ ଔଷଧ ନେବାକୁ ପଡ଼ିବ। କିଛି ସପ୍ତାହ ପରେ ସାଧାରଣ ଲୋକଙ୍କ ପରି ଆପଣ ଦୈନିକ ଜୀବନଯାପନ କରିପାରିବେ। ଯକ୍ଷ୍ମା ପାଇଁ ସାଧାରଣ ଆଇସୋନିୟାଜିଡ଼ ପ୍ଲସ୍ ୨-୩ ପାନ ଔଷଧ ନିଅନ୍ତୁ। ଏହାସହ ରିଫାମ୍ପନ, ପାୟରାଜିନାମାଇଡ଼ ଏବଂ ଏଥେମ୍‌ବୁଟୋଲ୍ ଔଷଧ ନିଅନ୍ତୁ। ଦେଖିବେ କିଛି ସପ୍ତାହ ମଧ୍ୟରେ ଆପଣ ନିଜକୁ ଟିକେ ସୁସ୍ଥ ଅନୁଭବ କରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଆପଣଙ୍କୁ ଔଷଧ ଠିକ୍ ଭାବେ ନେବାକୁ ପଡ଼ିବ। ସମ୍ପୂର୍ଣ୍ଣ ଭଲ ହେବା ପର୍ଯ୍ୟନ୍ତ ଔଷଧ ନେବା ଦରକାର। କୌଣସି କାରଣ ବଶତଃ ମଝିରୁ ଔଷଧ ନେବା ଛାଡ଼ି ଦେବେ, ତାହାଲେ ଅଧିକ ଅସୁସ୍ଥ ହୋଇପଡ଼ିବେ। ଏହାସହ ଅନ୍ୟମାନେ ମଧ୍ୟ ଆପଣଙ୍କ ଦ୍ୱାରା ରୋଗର ସଂକ୍ରମଣ ହେବେ। ଏଥିପାଇଁ ଉପଯୁକ୍ତ ଚିକିତ୍ସାରେ ରହି ସୁସ୍ଥ ରୁହନ୍ତୁ। ଏଚ୍‌ଆଇଭି ସଂକ୍ରମଣ ହୋଇଥିବା ଲୋକ। ମଦ୍ୟପାନ କରୁଥିବା ଲୋକ। ମଧୁମେହ ରୋଗରେ ଆକ୍ରାନ୍ତ ଲୋକ। କିଡ଼ନୀ ରୋଗୀ। କମ୍ ଓଜନଥିବା ଲୋକ। ଅଙ୍ଗ ପ୍ରତ୍ୟାରୋପଣ। ମୁଣ୍ଡ ଏବଂ ବେକ କର୍କଟ ହୋଇଥିବା ଲୋକ। ଗୋଟିଏ ଲୋକ ପାଖରୁ ଅନ୍ୟ ଲୋକ ପାଖକୁ ଏହା ବ୍ୟାପିଥାଏ। ବାୟୁରେ ବ୍ୟାକ୍ଟେରିଆ ଦ୍ୱାରା ବ୍ୟାପିଥାଏ। ଯକ୍ଷ୍ମା ରୋଗୀର କାଶ, ଛେପ, ଛିଙ୍କରେ ଥିବା ଜୀବାଣୁ ବାୟୁ ସଂସ୍ପର୍ଶରେ ଆସି ରୋଗୀର ପାଖ ଲୋକକୁ ଶୀଘ୍ର ଆକ୍ରାନ୍ତ କରିଥାଏ। ରୋଗୀ ସହ ହାତ ମିଳାଇଲେ। ଖାଦ୍ୟ ଏବଂ ପାନୀୟ ରୋଗୀ ସହ ଏକାଠି ଖାଇଲେ। ବିଛଣା ଏବଂ ଟାୱେଲକୁ ସ୍ପର୍ଶ କଲେ। ଏକା ବ୍ରଶରେ ଘଷିଲେ। ଚୁମ୍ବନ କଲେ। ଶରୀରେ ବ୍ୟାକ୍ଟେରିଆର ମାତ୍ରା ବଢ଼ିବା ନେଇ ରୋଗର ଲକ୍ଷଣ ଜଣାପଡ଼େ। ସାଧାରଣତଃ ଫୁସ୍‌ଫୁସ୍‌ରୁ ଏହି ରୋଗ ବ୍ୟାପିଥାଏ। ତିନି ସପ୍ତାହ କିମ୍ବା ଏହାଠୁ ଅଧିକ ଦିନ ଧରି କାଶ ଲାଗିରହିବା। ଛାତିରେ ଯନ୍ତ୍ରଣା। ରକ୍ତ କାଶ ହେବା, ଦୁର୍ବଳ ଏବଂ କ୍ଳାନ୍ତି ଲାଗିବା, ଓଜନ ହ୍ରାସ, ଭୋକ ନ ଲାଗିବା, ଥଣ୍ଡା ଲାଗିବା, ଜ୍ୱର, ରାତ୍ରିରେ ଝାଳ ବୋହିବା। ଚିକିତ୍ସା ଶାସ୍ତ୍ର ଅନୁସାରେ ଶରୀରରେ ପ୍ରତିରକ୍ଷା ପ୍ରଣାଳୀ କମ୍ ଥିଲେ ଏହି ରୋଗ ବ୍ୟାପିବାର ସମ୍ଭାବନା ଅଧିକ।

**ଡାକ୍ତର କାନ୍ତୀ ନାୟକ**, ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅରର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, ଦୂରଭାଷ : ୯୪୩୭୬୬୬୪୫୩

# ମହିଳାଙ୍କ ଥାନା ଘେରାଉ




ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ନନ୍ଦିପଦା ଗ୍ରାମର ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନେ ଗତ ରବିବାର ଦିନ ଏକ ମିଟିଂରେ ଯୋଗ ଦେବାକୁ ଓରାଳି ପଂଚାୟତକୁ ଯାଇଥିଲେ। ଉକ୍ତ ମିଟିଂଟି ଏସ୍‌ଏଚ୍‌ଜି ମହାସଂଘର ସମ୍ପାଦକ ସାବିତ୍ରୀ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନନ୍ଦିପଦା ଏସ୍‌ଏଚଜି ଗ୍ରୁପର ମହିଳାମାନେ ମିଟିଂ ସ୍ଥଳରେ ପହଂଚିବା ପରେ ସମ୍ପାଦକ ସେମାନଙ୍କୁ ଜାତିଆଣ ଆକ୍ଷେପ କରିବା ସହ ମିଟିଂରେ ବସିବାକୁ ସୁଯୋଗ ଦେଇନଥିଲେ। ଫଳରେ ମହିଳାମାନେ ଅସନ୍ତୋଷ ପ୍ରକାଶ କରି ମିଟିଂ ସ୍ଥଳରୁ ଫେରି ଆସି ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରି ସମ୍ପାଦକ ସାବିତ୍ରୀ ସାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନଥିବା ବେଳେ ଥାନା ଘେରାଉ ହଟି ନଥିଲା। ତାଙ୍କ ବିରୁଦ୍ଧରେ ଏହା ଏକ ମିଥ୍ୟା ଅଭିଯୋଗ ଏବଂ ସେ କୌଣସି ଜାତିଆଣ ଆକ୍ଷେପ କରିନାହାଁନ୍ତି କିମ୍ବା କାହାରିକୁ ଅସମ୍ମାନ କରିନାହାଁନ୍ତି ବୋଲି ସମ୍ପାଦକ ସାବିତ୍ରୀ ସା ପ୍ରକାଶ କରିଛନ୍ତି।

## ମା' ଶ୍ୟାମଳାଇ କେୟାର ଏଣ୍ଡ କ୍ୟୁର୍ ହସ୍ପିଟାଲ ଉଦଘାଟିତ

ହିଞ୍ଜିଳିକାଟୁ (ପିଏନ୍) : ସ୍ଥାନୀୟ ମେଇନ୍ ରୋଡସ୍ଥିତ ପୁରୁଣା ସିନେମା ହଲ ଛକରେ ମା ଶ୍ୟାମଳାଇ କେୟାର ଏଣ୍ଡ କ୍ୟୁର୍ ହସ୍ପିଟାଲ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାରତ ବର୍ଷର ବିଶିଷ୍ଟ ଭେଷଜବିତ୍ ପ୍ରଫେସର ଡ଼ା. ପି.ସି. ସାହୁ ଯୋଗଦେଇ ହସ୍ପିଟାଲ ଉଦଘାଟନ କରିବା ସହ ହିଞ୍ଜିଳିକାଟୁ ଅଞ୍ଚଳରେ ଅତ୍ୟାଧୁନିକ ଚିକିତ୍ସା ଓ ପରୀକ୍ଷା ସୁବିଧା ଥିବା ଏହି ହସ୍ପିଟାଲ ପ୍ରଥମ ଓ ଅଞ୍ଚଳର ବହୁ ରୋଗୀ ବିଶେଷ ଉପକୃତ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ପ୍ରଫେସର ଡ଼ା. ସାହୁ ହସ୍ପିଟାଲର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଉଦ୍ୟୋକ୍ତାମାନଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ହସ୍ପିଟାଲର ନିର୍ଦ୍ଦେଶକ ଆଡଭୋକେଟ ଲକ୍ଷ୍ମୀ ନାରାୟଣ ଦାଶ ହସ୍ପିଟାଲ ସମ୍ପର୍କରେ ସୂଚନା ଦେବା ସହ ଆଗାମୀ ଦିନରେ ଏହାକୁ ଏକ ପ୍ରତିଷ୍ଠିତ ହସ୍ପିଟାଲରେ ପରିଣତ କରାଯିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଛି ବୋଲି କହିଥିଲେ। ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ତଥା ପୁରାତନ ସମ୍ବାଦପତ୍ର 'ନବୀନ'ର ସମ୍ପାଦକ ରବି ରଥ ଯୋଗଦେଇ ତାଙ୍କ ଭାଷଣରେ ଉଦ୍ୟୋକ୍ତାମାନେ ରୋଗୀସେବା ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ଆଗାମୀ ଦିନରେ ଏହି ହସ୍ପିଟାଲ ଅଞ୍ଚଳବାସୀଙ୍କ ପାଇଁ ବେଶ ସହାୟକ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣେଲ ଡ଼ାକ୍ତର ଅମର ଦାଶ, ଶିଶୁ, ପ୍ରସୂତି, ଅସ୍ଥିଶଲ୍ୟ, ମଧୁମେହ ଏବଂ ବିଭିନ୍ନ ଜଟିଳ ରୋଗର ଚିକିତ୍ସିକଙ୍କ ସମେତ ନିର୍ଦ୍ଦେଶକ ସଦାଶିବ ପାଣିଗ୍ରାହୀ, ଆଡଭୋକେଟ ପ୍ରଣବ କୁମାର ପାଢ଼ୀ, ଲକ୍ଷ୍ମୀ ନାରାୟଣ ଦାଶ, ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଓ ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ



ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେ କୌଣସି ଦେଶ ତୁଳନାରେ ସର୍ବାଧିକ ହୋଇଥିବ ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିବ ୨୯। ତା ଅର୍ଥ ଆଉ ଚାରି ବର୍ଷ ତଳେ ଭାରତର ଯୁବଶକ୍ତି ଏକ ବିଶାଳ ବାହିନୀରେ ପରିଣତ ହୋଇଯିବେ। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

**(ସୌଜନ୍ୟ: ଡାକ୍ତର ନୀଳମାଧବ ପୃଷ୍ଟି, ଭୀମସାର, ବୁର୍ଲା, ଦୂରଭାଷ: ୯୪୩୯୪୮୨୫୨୬)**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ

ଯାଜପୁର (ପିଏନ୍): ଯାଜପୁର ସଦର ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ ସଂଘ କାର୍ଯ୍ୟାଳୟରେ ସଭାପତିଙ୍କ ଅନୁପସ୍ଥିତିରେ ବରିଷ୍ଠ ସଭ୍ୟ ଶ୍ରୀ ହାଡିବନ୍ଧୁ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅସୁସ୍ଥତା କାରଣ ବଶତଃ ସଭାପତି ଶ୍ରୀ ଗୋଲକ ପ୍ରସାଦ ସାହୁ ଏବଂ ସଂପାଦକ ଶ୍ରୀ ଅକ୍ଷୟ କୁମାର ବିଶ୍ୱାଳ ଇସ୍ତଫା ପତ୍ର ପ୍ରଦାନ କଲେ। ଆଜିର ବୈଠକ ଇସ୍ତଫା ପତ୍ର ସମୟରେ ବିଭିନ୍ନ ଦିଗ ଉପରେ ବିଚାର ବିମର୍ଶ କରାଯାଇ କାର୍ଯ୍ୟ ନିର୍ବାହି ସମିତି ସଭାପତି ଓ ସଂପାଦକ ଇସ୍ତଫା ଗ୍ରହଣ କଲେ ଏବଂ ଆସନ୍ତା ତା୧୧/୦୪/୨୦୨୧ ରିଖ ହେବାକୁ ଥିବା ସାଧାରଣ ବୈଠକରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବାକୁ ସ୍ଥିର କରାଗଲା। ସଂଘର ସହସଂପାଦକ ଶ୍ରୀ ରବିନାରାୟଣ ନାୟକ ଅବଶିଷ୍ଟ ସମୟ କାର୍ଯ୍ୟଭାର ସଂପାଦନ ନିମନ୍ତେ ଅନିଚ୍ଛା ପ୍ରକାଶ କରିବାରୁ ସଭ୍ୟ ଶ୍ରୀ ପ୍ରଦିପ କୁମାର ଦାସଙ୍କୁ ନୂତନ କର୍ମକର୍ତ୍ତା ନିର୍ବାଚନ ହେବା ପର୍ଯ୍ୟନ୍ତ ସଂପାଦକ କାର୍ଯ୍ୟଭାର ଗ୍ରହଣ କରି ସାଧାରଣ ବୈଠକ ଓ ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ ନିମନ୍ତେ ସର୍ବସମ୍ମତିକ୍ରମେ ସ୍ଥିର କରାଗଲା। ସଂଘର ସମସ୍ତ କାଗଜପତ୍ର ଯଥାଶୀଘ୍ର ଶ୍ରୀ ଦାସଙ୍କୁ ହସ୍ତାନ୍ତର କରାଯିବାକୁ ଶ୍ରୀ ଅକ୍ଷୟ କୁମାର ବିଶ୍ୱାଳଙ୍କୁ ଅନୁରୋଧ କରାଗଲା। ଉକ୍ତ ବୈଠକରେ ଶ୍ରୀ ନିର୍ମଳଚନ୍ଦ୍ର ମହାନ୍ତି, ଗଦାଧର ରାଉତ, ପ୍ରବୋଧ କୁମାର ନାୟକ, ନାରାୟଣ ଚନ୍ଦ୍ର ଧଳ, ଲକ୍ଷ୍ମୀନାରାୟଣ ପତି, କାମେଶ୍ୱର ପଣ୍ଡା, ଦର୍ପନାରାୟଣ ନାୟକ, ନନ୍ଦ କିଶୋର ସାମନ୍ତ, ମଧୁସୁଧନ ମହାନ୍ତି, ଅକ୍ଷୟ ମିଶ୍ର, ବୃନ୍ଦାବନ ମିଶ୍ର, ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଶ୍ରୀ କ୍ଷିରୋଦ ଚନ୍ଦ୍ର ପାଠି ଧନ୍ୟବାଦ ଅର୍ପଣ କରିଥିଲେ।

## କାରକୁ ଧକ୍କା ଦେଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ପରିବାର



ଆନନ୍ଦପୁର (ପିଏନ୍): ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଦନା ଛକରେ କାରକୁ ଧକ୍କା ଦେଇଛି ଟ୍ରକ୍। ଏହି ଦୁର୍ଘଟଣାରୁ କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ଅଂଚଳର ଏକ ପରିବାର ଅଳ୍ପକେ ରକ୍ଷାପାଇଯାଇଛନ୍ତି। ଉକ୍ତ ପରିବାର ଓଡି୩୪ଡି-୪୨୨୦ନଂ ବିଶିଷ୍ଟ ଇଣ୍ଡିକା କାର ଯୋଗେ ଘଟଗାଁ ମା'ତାରିଣୀ ଦର୍ଶନ ସାରି ଫେରୁଥିବା ବେଳେ ପଦନା ଛକ ରାସ୍ତାରେ ଏକ ଗାଈ କାର ଆଗକୁ ଚାଲି ଆସିବାରୁ ଗାଈକୁ ବଂଚାଇବାକୁ ଯାଇ ହଠାତ୍ ଚାଳକ ଗାଡି ଅଟକାଇ ଦେଇଥିଲେ। କେନ୍ଦୁଝରରୁ ଓଡି୦୯-୦୧୩୫ନଂ ଏକ ଲୁହାପଥର ବୋଝେଇ ଟ୍ରକ୍ ସେହି ସମୟରେ ପଛରେ ଆସୁଥିବା ବେଳେ କାରକୁ ଧକ୍କା ଦେଇଥିଲା। ଏଥିରେ କାରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ପରିବାର ଲୋକେ ବଂଚି ଯାଇଛନ୍ତି। ରାମଚନ୍ଦ୍ରପୁର ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି। ୨୦ନଂ ଜାତୀୟ ରାଜପଥ ପଦନା ବଜାରର ଜନଗହଳିପୂର୍ଣ୍ଣ ରାସ୍ତା ଉପରେ ଅବାଧରେ ଗାଈଗୋରୁ ବିଚରଣ କରୁଛନ୍ତି। ଦୈନିକ ଲୁହାପଥର ପରିବହନ କରୁଥିବା ଟ୍ରକ୍‌ଗୁଡିକ ପାର୍କିଂ କରୁଛନ୍ତି। ଯଦ୍ୱାରା ପଦନା-ରାମଚନ୍ଦ୍ରପୁର ଡାଇଭର୍ସନ ଦୂରରୁ ଦିଶୁ ନଥିବାରୁ ବିପରୀତ ଦିଗରୁ ଆସୁଥିବା ଗାଡି ସହ ରାସ୍ତା ପାର ହେଉଥିବା ଗାଡି ଓ ବ୍ୟକ୍ତିବିଶେଷ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଗତ ଦିନରେ ପଦନା ଡାଇଭର୍ସନରେ ଏହି କାରଣକୁ ଅନେକ ଦୁର୍ଘଟଣା ଘଟିଥିଲେ ମଧ୍ୟ ଏଥିପ୍ରତି କେହି ସତର୍କ ହେଉନାହାଁନ୍ତି। ବଜାର ଭିତରେ ଗାଡି ପାର୍କିଂ ପାଇଁ ବାରଣ ସତ୍ତ୍ୱେ ଏହାକୁ କୌଣସି ଗାଡି ଚାଳକ ମାନୁନାହାଁନ୍ତି। ଏବେ ପଦନା ବଜାର ଏକ ଗାଡି ପାର୍କିଂ ସ୍ଥଳ ସହ ଦୁର୍ଘଟଣା ଜୋନରେ ପରିଣତ ହେବାକୁ ବସିଲାଣି।

## ରାସ୍ତା ଖୋଳି ଠିକାଦାର ଛୁ, ଲୋକେ ହଟହଟା



ଆନନ୍ଦପୁର (ପିଏନ୍): ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଆନନ୍ଦପୁର ଉପଖଣ୍ଡର ସମସ୍ତ ବ୍ଲକରେ ପାଇପ୍ ବିଛା କାର୍ଯ୍ୟ ଚାଲୁଥିବା ବେଳେ ପାଇପ୍ ବିଛା ପାଇଁ ଗ୍ରାମାଞ୍ଚଳର ରାସ୍ତାକୁ ଖୋଳା ଯାଉଛି। ପରେ ଏହାକୁ ଉପଯୁକ୍ତ ମରାମତି ନକରି ତାକୁ ସେହିପରି ଛାଡି ଦିଆଯାଉଥିବାରୁ ଏହାକୁ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ର କରି ଘଷିପୁରା ବ୍ଲକର ବିଭିନ୍ନ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଠିକା ସଂସ୍ଥା ନିଜେ କାମ ନକରି ଛୋଟ ଛୋଟ ଠିକାଦାରଙ୍କୁ ଏଥିପାଇଁ ନିଯୋଜିତ କରିଛି। ପାଇପ୍ ବିଛାଇବା ବେଳେ କଂକ୍ରିଟ୍ ରାସ୍ତାକୁ ମେସିନ୍ ସାହାଯ୍ୟରେ ତାଡି ଦିଆଯାଉଛି। ପାଇପ୍ ପକା ଯିବା ପରେ ଆଉ ମରାମତି କରାଯାଉ ନାହିଁ। ମାଟି ଢାଙ୍କି ଦେଇ ଠିକାଦାରମାନେ ଚାଲି ଯାଉଛନ୍ତି। ଦୁଇଦିନ ବର୍ଷା ହେବାରୁ ବଳରାମପୁର ପଂଚାୟତ ଝାଡକୁଣ୍ଡି ଗ୍ରାମରେ କଂକ୍ରିଟ୍ ରାସ୍ତାରେ କାଦୁଅ ଜମିଥିଲା। ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହୋଇଥିଲା। ସେହିପରି ବସନ୍ତପୁରା ଗ୍ରାମରେ କିଛିମାସ ତଳେ ହୋଇଥିବା କଂକ୍ରିଟ୍ ରାସ୍ତାକୁ ତାଡି ଦିଆଯିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାରୀ ନିୟମ ଅନୁସାରେ ପାଇପ୍ ବିଛା ଯିବା ପରେ ରାସ୍ତା ମରାମତି କରାଯିବା କଥା। ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀମାନେ କାମ ତଦାରଖ କରୁନଥିବାରୁ ଅନେକ ଗ୍ରାମରେ ଠିକାଦାରମାନେ ରାସ୍ତାଘାଟ ଖୋଳି ମରାମତି କରୁନଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବୈତରଣୀ ସେତୁରେ ରଙ୍ଗ ମାରିବାର ଏକ ସପ୍ତାହ ପରେ ରଙ୍ଗ ଫିକା



ଆନନ୍ଦପୁର (ପିଏନ୍): ଆନନ୍ଦପୁର ବୈତରଣୀ ସେତୁରେ ପୂର୍ତ୍ତ ବିଭାଗ ପକ୍ଷରୁ ରଙ୍ଗ ମରାଯାଇଥିବା ବେଳେ ଏହି ରଙ୍ଗମରା କାର୍ଯ୍ୟକୁ ଏକ ସପ୍ତାହ ପୂରିବା ପୂର୍ବରୁ ରଙ୍ଗ ଫିକା ପଡିଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ପୂର୍ତ୍ତ ବିଭାଗ ପକ୍ଷରୁ ବୈତରଣୀ ସେତୁର ଦୁଇପାର୍ଶ୍ୱ ବାହାରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦରେ ଧଳା ରଙ୍ଗ ମରାଯାଉଥିବା ବେଳେ ଚଳିତ ବର୍ଷ ମରାଯାଇଥିବା ରଙ୍ଗର ମାନ ନିମ୍ନମାନର ହୋଇଥିବାରୁ ଏକ ସପ୍ତାହ ମଧ୍ୟରେ ରଙ୍ଗର ଉଜ୍ଜ୍ୱଳତା କମିଯାଇଥିବା ଦେଖିବାକୁ ମିଳିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ରଙ୍ଗ ମରାଯାଉଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀମାନଙ୍କର ଅଣଦେଖା ଯୋଗୁଁ ଠିକାଦାରମାନେ ଏପରି ନିମ୍ନମାନର ରଙ୍ଗ ମାରୁଥିବା ସାଧାରଣରେ ଅଭିଯୋଗ ହେବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଓଡ଼ିଶୀ ସଂଗୀତ କର୍ମଶାଳା

ଭୁବନେଶ୍ୱର (ପିଏନ୍): ଓଡିଶୀ ସଂଗୀତର ଅଧିକ ପ୍ରଚାର ପ୍ରସାର ନିମନ୍ତେ ଓଡିଶୀ ଗବେଷଣା କେନ୍ଦ୍ର ସତତ କାର୍ଯ୍ୟରତ। ସେହି କ୍ରମରେ ଗତକାଲି ଦିନ ୩ଟାରୁ ୬ଟା ପର୍ଯ୍ୟନ୍ତ ଓଡିଶୀ ବାଦନ ଏବଂ ହିନ୍ଦୁସ୍ଥାନୀ ବାଦନ (ବେହେଲା)ଶୈଳୀ ଉପରେ ଗୋଟିଏ ଲେକ୍‌ଚର-ଡେମୋନଷ୍ଟ୍ରେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ବେହେଲା ବାଦକ ଶ୍ରୀ କୈଳାସ ପାତ୍ର (ଟପ୍ ଗ୍ରେଡ), ମୁମ୍ବାଇ ଆକାଶ ବାଣୀ ଷ୍ଟାଫ୍ କଳାକାର, ବହୁତ ସୁନ୍ଦର ପ୍ରସ୍ତୁତି ରଖିଥିଲେ। କଟକ ଭୁବନେଶ୍ୱରର ଅନେକ କଳାକାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତବଲା ସହଯୋଗିତା କରିଥିଲେ ଶ୍ରୀ ବିଶ୍ୱରଂଜନ ନନ୍ଦ। ମୁଖ୍ୟନିର୍ବାହୀ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ। ପ୍ରକାଶ ଥାଉକି କେନ୍ଦ୍ର ପକ୍ଷରୁ ଏଇମାସ ୨୩ ତାରିଖରେ 'ଉତ୍କଳ ରଙ୍ଗମଂଚ'ରେ, ଓଡ଼ିଶୀ ଆସର ଅନୁଷ୍ଠିତ ହେବ। ଦିନବେଳେ ପ୍ରତିଭାଦୀପ୍ତ ଓଡିଶୀ କଣ୍ଠଶିଳ୍ପୀ (୧୬ ବର୍ଷରୁ ନିମ୍ନ)ଙ୍କର ପରିବେଷଣ ତଥା ସନ୍ଧ୍ୟାବେଳେ ପଣ୍ଡିତ ଡକ୍ଟର ଦାମୋଦର ହୋତା, ଶ୍ରୀମତୀ ସଂଗୀତା ପଣ୍ଡା, ଗୁରୁ ନିମାକାନ୍ତ ରାଉତରାୟ ତଥା ଶ୍ରୀ ମୁରଲୀଧର ସ୍ୱାଇଁଙ୍କର ଓଡ଼ିଶୀ ଗାୟନ ଓ ବାଦନ ରହିଛି। ଏଇ ମାସ ୩୦ ତାରିଖରେ ବାଲେଶ୍ୱରର ଗାନ୍ଧି ସ୍ମୃତି ଭବନରେ ଓଡ଼ିଶୀ ସଂଗୀତ ଉତ୍ସବ ତଥା ଏପ୍ରିଲ ମାସ ୧୪ତାରିଖରେ ଭବାନୀପାଟଣା ଠାରେ ଓଡ଼ିଶୀ ସଂଗୀତ ଉତ୍ସବ ଅନିଷ୍ଠିତ ହେବ ବୋଲି ମୁଖ୍ୟନିର୍ବାହୀ ଡଃ ସଂଗୀତା ଗୋସାଇଁ ସୂଚନା ଦେଇଥିଲେ।




# ଲକ୍ ଡାଉନ୍, ସଟ୍ ଡାଉନ୍ କଟକଣାକୁ ଫୁ : ସକାଳେ ଓ ସଂନ୍ଧ୍ୟାରେ ଚା' ପାନ ଦୋକାନ ଆଗରେ ଭିଡ଼ ଜମୁଛି

ସାକ୍ଷିଗୋପାଳ: କରୋନାର ଦ୍ୱିତୀୟ ଲହରରେ ପୁରୀ ଜିଲ୍ଲାରେ ପଜିଟିଭଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଥିବା ବେଳେ ବିଶେଷ କରି ସାକ୍ଷିଗୋପାଳ ବଡ଼ ବଜାର/ଗେଟ୍ ବଜାର ଅଂଚଳରେ ଶନିବାର ଓ ରବିବାର ସଟ୍ ଡାଉନ୍ ସତ୍ୱେ ପାନ ଦୋକାନ ଓ ଚା ଦୋକାନ ସାମ୍ନାରେ ସକାଳେ ସଞ୍ଜେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ତନ୍ମଧ୍ୟରେ ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ରହୁନି । ଏପରି ସ୍ଥିତିରେ ସାମାଜିକ ଦୂରତା କଟକଣାକୁ ପଚାରେ କିଏ । ଖୋଲା ଖୋଲି ଗପସପ । ଚା ପିଆ, ସିଗାରେଟ୍ ଟଣାର ମଜା । ଏହା ବ୍ୟତୀତ ସଟ୍ ଡାଉନ୍ ସମୟରେ କେବଳ ମେଡିସିନ୍ ଦୋକାନ ଖୋଲିବାକୁ ସରକାରୀ ଅନୁମତି ରହିଥିବା ବେଳେ ବଡ଼ବଜାର ଓ ଗେଟ୍ ବଜାର ଅଂଚଳରେ ଅଧିକାଂଶ ଦୋକାନ ଦରଜା ଅଧା ଆଉଜା ରଖି କାରବାର ଜାରୀ ରଖିଛନ୍ତି ଦୋକାନୀ । କେତେକ ଦୋକାନୀ ଦୋକାନର ତାଲା ଖୋଲି ଦୋକାନ ଦରଜା ବନ୍ଦ କରି ଦୋକାନ ଆଗରେ ଚକ୍କର କାଟୁଛନ୍ତି । ଗ୍ରାହକଙ୍କୁ ଦେଖିଲେ ଦୋକାନ ଭିତରକୁ ଯାଇ କାରବାର କରୁଛନ୍ତି । ସପ୍ତାହନ୍ତ ସଟ୍ ଡାଉନ୍ ରେ ବସଷ୍ଟାଣ୍ଡ ଠାରୁ ମନ୍ଦିର ପର୍ଯ୍ୟନ୍ତ ସ୍ଥିତି ପ୍ରାୟ ଏଭଳି ରହିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଥାନା ଠାରୁ ମାତ୍ର ୩୦୦ ରୁ ୪୦୦ ମିଟର ଦୂରତା ମଧ୍ୟରେ ଏଭଳି ବେପାର ବଣିଜ ସ୍ୱାଭାବିକ୍ ଢ଼ଙ୍ଗରେ ଚଳାଇବାକୁ କିଛି ବ୍ୟବସାୟୀ ଉଦ୍ୟମ ଚଳାଇଥିବା ବେଳେ ପୋଲିସ ଜାଣିଶୁଣି ସଂନ୍ଧ୍ୟା ସମୟରେ ପାଟ୍ରୋଲିଂ ବନ୍ଦ ରଖିଛି । ଏପରିକି ବିଳମ୍ବିତ ରାତି ପର୍ଯ୍ୟନ୍ତ କେତେକ ଅସାମାଜିକ ଯୁବକ ମଦ୍ୟପାନ କରି ପାନ ଗୁଟଖା ସିଗାରେଟ୍, ଗଞ୍ଜେଇ ଟାଣି ନିଶାସକ୍ତ ଅବସ୍ଥାରେ ଖଟି କରୁଥିବା ବେଳେ ସ୍ଥାନୀୟ ଯୁବକ ଓ କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଓ ଚିହ୍ନା ମୁହଁ ଦେଖି ପୋଲିସ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । କାଁ ଭାଁ ପୋଲିସ କେତେକଙ୍କୁ ତାଗିଦ୍ କରୁଥିବା ବେଳେ ଦୋକାନ ସିଲ୍ କରି ରେକର୍ଡ଼ ମେଂଟେନ କରୁଛି । ଯଦି ସ୍ଥିତି ଏଭଳି ରହେ ସତ୍ୟବାଦୀ ବ୍ଲକ୍ ଅଂଚଳରେ କରୋନା ଗ୍ରାଫ୍ ପୁଣି ଥରେ ଉପର ମୁହାଁ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଅନ୍ୟପକ୍ଷରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନିଶାସକ୍ତଙ୍କ ଆଡ୍ଡା ଯୋଗୁଁ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ସତ୍ୟବାଦୀ ଥାନା ସମ୍ମୁଖ ଫ୍ଲାଏ ଓଭର ବ୍ରିଜ୍ (ଜୟପୁର ଛକ ଠାରୁ ସାନ କାଞ୍ଜିଆ ଛକ ପର୍ଯ୍ୟନ୍ତ) ରାସ୍ତାରେ ଅନେକ ସମୟରେ ଲୁଟ୍ ପାଟ୍, ଚୋରୀ, ଛିନତାଇ ଭଳି ଅପରାଧ ବଢି ଚାଲିଥିବା ବେଳେ ସତ୍ୟବାଦୀ ପୋଲିସ ଆଖି ବୁଜି ବସିଛି । ଯଦି ଥାନା ସାମ୍ନାରେ ସ୍ଥିତି ଏପରି ତେବେ ବ୍ଲକ୍ ର ଗାଁ ଗହଳି ଅଂଚଳରେ ବାସ୍ତବ ସ୍ଥିତି କ'ଣ ରହିଥିବ ତାହା ସହଜେ ଅନୁମେୟ । ବିଶେଷ କରି ଜୟପୁର, ବୀରଗୋବିନ୍ଦପୁର, ସାନକାଞ୍ଜିଆ, ବଡ଼ କାଞ୍ଜିଆ, ମଠ ସାହି ଓ ମନ୍ଦିର ପାଖ ଅଂଚଳର କେତେକ ଅସାମାଜିକ ଯୁବକ ଗ୍ୟାଙ୍ଗ ଗଠନ କରି ଏସବୁ ଅପରାଧରେ ସମ୍ପୃକ୍ତ ରହିଛନ୍ତି । ଅନେକ ସମୟରେ ସ୍ଥାନୀୟ ପୋଲିସ ଚିହ୍ନା ମୁହଁ ଦେଖି କେବେଳ ତାଗିଦ୍ କରି ସେମାନଙ୍କୁ ଛାଡୁଥିବା ପରିଲକ୍ଷିତ ହୋଇଛି । ଗୋଟିଏ ପଟେ ଅଂଚଳରେ ବେକାରୀ ସମସ୍ୟା ବୃଦ୍ଧି, ନିଶା କାରବାର ଅପରାଧିଙ୍କ ନେଟୱ୍ୱାର୍କ ବଢାଇବା ଦିଗରେ ସହାୟ ହୋଇଥିବା ବେଳେ ପୋଲିସ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଲୋକଙ୍କ ଧନ ଜୀବନ ସୁରକ୍ଷା ନେଇ ବୁଦ୍ଧିଜିବୀ ଚିନ୍ତା ବ୍ୟକ୍ତ କଲେଣି । ଅପରପକ୍ଷରେ ମଠ ସାହିର ଖଜୁରେଶ୍ୱର ମନ୍ଦିର ପଛପାର୍ଶ୍ୱରେ ସକାଳ ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଶାସକ୍ତଙ୍କ ଆଡ୍ଡା ଜମୁଛି । ଖୋଲାଖୋଲି ଭାବେ ଆସ୍କା ଫଟି ସାଙ୍ଗକୁ ଗଞ୍ଜେଇ ଧୂଆଁ ଉଡୁଛି । ନିଶାରେ ଚୁର୍ ଯୁବକ ମାନେ ନିଜ ନିଜ ମଧ୍ୟରେ ଗାଳିଗୁଲଜ କରିବା ସେଠାକାର ଭାକ୍ତିକ ପରିବେଶକୁ ଏକ ପ୍ରକାର ନଷ୍ଟ କରୁଛି । ମନ୍ଦିରର ପୂଜାରୀ ଓ ସ୍ଥାନୀୟ ଲୋକେ ମଧ ଏହାକୁ ବିରୋଧ କରିବାକୁ ଭୟ କରୁଛନ୍ତି । ଯାହାକୁ ନେଇ ମହିଳା ଭକ୍ତ ମନ୍ଦିରକୁ ଯିବାକୁ ଭୟ କଲେଣି । ଏପରିକି ଏମାନଙ୍କ ଦୌରାତ୍ମ୍ୟରେ କଲୋନୀ ବାସୀ ତ୍ରାହି ତ୍ରାହି ଡାକିଲେଣି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡଃ. କନୱ୍ୱର ବିଶାଲ ସିଂହ ଏ ଦିଗରେ ଦୃଷ୍ଟି ଦେବା ସହ ଏସବୁ ଅଂଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ନବରଙ୍ଗପୁର ଆଇଟିଡିଏର ପ୍ରକଳ୍ପସ୍ତରୀୟ ବୈଠକ : ଦୁଇବର୍ଷ ହେଲା ସରକାରୀ ଅନୁଦାନ ଆସୁନଥିବାରୁ ଉଦ୍‌ବେଗ

ନବରଙ୍ଗପୁର: ଦୀର୍ଘ ଦୁଇବର୍ଷର ବ୍ୟବଧାନ ପରେ ନବରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ୭୬ତମ ପ୍ରକଳ୍ପସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଗୁଗୁଲମିଟରେ ଆୟୋଜିତ ବୈଠକରେ ଜିଲାପାଳ ଡଃ.ଅଜିତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ବିଗତ ଦୁଇବର୍ଷ ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥୀକ ବର୍ଷରେ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଆୟବ୍ୟୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଅନୁମୋଦିତ କରାଯାଇଥିଲା । ଏଥିରେ ଉପସ୍ଥିତ ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁନ୍ନା ଖାନ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ,ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ , ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ସମସ୍ତ ବ୍ଲକର ଅଧ୍ୟକ୍ଷ ଅଧ୍ୟକ୍ଷା ଓ ବରିଷ୍ଠ ସଦସ୍ୟ ସୋମନାଥ ବିଷୋୟୀ ଗତଦୁଇ ବର୍ଷର ସ୍ୱଳ୍ପ ଅନୁଦାନ ରାଶି ବିଷୟନେଇ ଉଦବେଗ ପ୍ରକାଶ କରିଥିଲେ । ଉପରିସ୍ଥ ଅଧିକାରୀଙ୍କର ସହ ଯୋଗାଯୋଗ କରି ପାଣ୍ଠି ଆସିବା ବ୍ୟବସ୍ଥା କରିବା ପାଇଁ ମତାମତ ଦେଇଥିଲେ । ବିଗତ ଦୁଇ ବର୍ଷରେ ପ୍ରାପ୍ତ ହୋଇଥିବା ପାଣ୍ଠି ଧାରା ୨୭୫ (୧) ଏସସିଏ ଟୁ ଟିଏସପି , ରାଜ୍ୟ ଯୋଜନା, ଅଣ ଯୋଜନା, ଓ ମିଶନ ସୁବିଦ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ବିଗତ ଦୁଇବର୍ଷରେ ରାସ୍ତା ଓ ଯୋଗାଯୋଗ ପାଇଁ କୌଣସି ପାଣ୍ଠିରୁ ଅନୁଦାନ ମିଳିନଥିବାରୁ ସମସ୍ତେ ତିବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଦକ୍ଷତାବିକାଶ ତାଲିମ ତଥା ଜୀବୀକା ମିଶନର ଖସଡା ପ୍ରସ୍ତୁତ କରିବା ପୂର୍ବରୁ ସମସ୍ତ ଲୋକ ପ୍ରତିନିଧି ମାନଙ୍କୁଯୋଗଯୋଗକରି ମତାମତ ନେବାକୁ କହିଥିଲେ । ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ଆର୍ଥୀକ ସ୍ୱାବଲମ୍ବୀ କରିବା ସକାଶେ ମତ ରଖିଥିଲେ । ଏହି ପରିପ୍ରେକ୍ଷୀରେ ମିଶନଜୀବିକା ଯୋଜନା ଅଧିନରେ କୃଷି ଅନ୍ତର୍ଗତ ସୂର୍ଯ୍ୟମୁଖୀ ,ମକା, ମାଣ୍ଡିଆ, ବାସମତୀଧାନ ଚାଷ ନିମନ୍ତେ ପ୍ରୋତ୍ସାହନ ଓ ଉଦ୍ୟାନ କୃଷି ଅନ୍ତର୍ଗତ କାଜୁଚାଷ ,ଲେମ୍ବୁ ଘାସ, ପିଆଜ ସାଇତା ଗୃହ ,ଶୀତଳ ଭଣ୍ଡାର ଓ ପନିପରିବା ଚାଷ ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ନିଷ୍ପତି ନିଆଯାଇଥିଲା ଏହା ବ୍ୟତୀତ ଆଦିବାସୀ ଲୋକଙ୍କର ଜୀବନ ଧାରଣର ମାନଉନ୍ନତ କରିବା ପାଇଁ ଦୀର୍ଘମିଆଦି ଯୋଜନା ଯଥା ଆଡିବନ୍ଧ ନିର୍ମାଣ, ଗଭୀର ନଳ କୂପ ଖନନ, ଉଠାଜଳସେଚନ ଏବଂ କୁଅର ବ୍ୟବସ୍ଥା କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଆଦିବାସୀଲୋକଙ୍କର ନିମନ୍ତେ କୁକୁଡା ପାଳନ ଓ ମାଛଚାଷ ନିମନ୍ତେ ଆବଶ୍ୟକ ଉପକରଣ ଏବଂ ତାଲିମ ଦେବା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ଉପସ୍ଥିତ ଥିବାବେଳେ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ପ୍ରଶାସକ ପବିତ୍ର ମୋହନ ପ୍ରଧାନ ପରିଚାଳନା କରିଥିଲେ । ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ ।

## କଂଟିଘାଇ ସମସ୍ୟାର ସମାଧାନ ପାଇଁ ନବନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ ଡାକରା

ଭଦ୍ରକ:ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କଂଟିଘାଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଚୁଡାନ୍ତ ଆନ୍ଦୋଳନ ଡାକରା ଦିଆଯାଇଛି । ରାଜ୍ୟ ଆବାହକ ଅକ୍ଷୟ କୁମାର ଆଜି ସଙ୍ଗଠନର ରାଜ୍ୟ ପ୍ରମୁଖ ଡାକ୍ତର କୁଳମଣୀ, ମୟୁରଭଞ୍ଜ ଜିଲ୍ଲା ପ୍ରଭାରୀ ବିଜୁ ଦାସ, ବିପ୍ଳବୀ ଦିବାକର ଦାସ, ଚକ୍ରଧର ରାଉତ, ନନ୍ଦକିଶୋର ବେଉରିଆ ପ୍ରମୁଖଙ୍କ ସହ ସରଜମିନ ଅନୁଧାନ କରି ରାଜ୍ୟ ସରକାର କଂଟିଘାଇ ସମସ୍ୟାର ସମାଧାନ ବଦଳରେ ପ୍ରତାରଣା କରିଥିବା ଅଭିଯୋଗ କରିଛନ୍ତି । କଂଟିଘାଇ ଉପରେ ନିର୍ମିତ କଂକ୍ରିଟ ପାଦଚଲା ଗ୍ରାମ୍ୟ ରାସ୍ତା ସଦୃଶ । ନଦୀପଠା ଠାରୁ ଅପେକ୍ଷାକୃତ ନିମ୍ନ ଉଚ୍ଚତାରେ ନିର୍ମାଣ କରାଯାଇଥିବାରୁ ଏହି କଂକ୍ରିଟକରଣର ବନ୍ୟାଜଳ ପ୍ରତିରୋଧ କ୍ଷମତା ଆଦୌ ନାହିଁ । ପୁନଶ୍ଚ କଂଟିଘାଇର ପ୍ରସ୍ଥ ୨୭୦ ମିଟର ହୋଇଥିବା ବେଳେ ୫୨୦ ମିଟର ପ୍ରସ୍ଥରେ ବନ୍ୟାଜଳ ପ୍ରବେଶ ପ୍ରତାରଣା ବ୍ୟତୀତ ଅନ୍ୟ କିଛି ନୁହେଁ । ବନ୍ୟା ସମୟରେ ନଦୀରେ ପ୍ରବାହିତ ଜଳ ମଧ୍ୟରୁ ତିନିଚତୁର୍ଥାଂଶ ବନ୍ୟାଜଳ କଂଟିଘାଇ ମଧଦେଇ ପ୍ରବେଶ କରି ଚାଷଜମି ବାଲି ଚର କରିବା, ଘରଦ୍ୱାର ଭସାଇନେବା, ରାସ୍ତାଘାଟ ନଷ୍ଟ କରିବା ସହ ଫସଲ ଉଜୁଡିଯିବା ବିଭୀଷିକାର ପ୍ରତିକାର ସରକାର କେବେ କରିବେ ବୋଲି ଅକ୍ଷୟ କୁମାର ପ୍ରଶ୍ନ କରିଛନ୍ତି । କଂଟି ଏକ ଘାଇ ହୋଇଥିଲେ ବି ତାହାକୁ ଏସକେପ ବୋଲି ସରକାରୀ ନଥିପତ୍ରରେ କାହିଁକି ଦର୍ଶାଯାଇଛି ବୋଲି ଅକ୍ଷୟ କୁମାର ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ । କେବଳ ଆ ଲିକତାବାଦ କାରଣ ଯୋଗୁଁ କ ିଘାଇ ସମସ୍ୟାକୁ ସମାଧାନ କରାଯାଉ ନାହିଁ ବୋଲି ସେ ଆକ୍ଷେପ କରିବା ସହ ସ୍ଥାନୀୟ ବିଧାୟକଙ୍କ ନିଷ୍କ୍ରିୟତାକୁ ମଧ ସମାଲୋଚନା କରିଥିଲେ । ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ କରାଯାଇଥିବା ମାମଲାରେ ଅନୁପ୍ରାଣିତ ହୋଇ ଶ୍ରୀ କୁମାର ଗତ ବନ୍ୟା ବିଭୀଷିକା ପରେ କ ଘାଇର ସ୍ଥିତି ଓ ଏହାର ନିରାକରଣ ଦିଗ ସମ୍ପର୍କରେ ଅନୁଧାନ କରିବା ସହ ପ୍ରତିକାର ରୂପରେଖ ପ୍ରସ୍ତୁତ କରିଥିଲେ ।

# ନିର୍ଦ୍ଦୋଷରେ ମାଡ ଖାଇ ଜେଲ ଗଲେ ବସ କର୍ମଚାରୀ : ବସ୍ କର୍ମଚାରୀଙ୍କୁ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ୍

କନ୍ଧମାଳ : କନ୍ଧମାଳ ଜିଲାରେ ରୋଜଗାର ଅଭାବ ଯୋଗୁଁ ପ୍ରତ୍ୟେକ ଦିନ ଜିଲାରୁ ବହୁ ସଂଖ୍ୟାରେ ଯୁବକ ଓ ଯୁବତୀ ମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ବେଳେ ଗତ ଦିନିତିନ ତଳେ କ,ନୂଆଗାଁ ବ୍ଲକ ଅନ୍ତର୍ଗତ ଚାଂଚେଡି ପଂଚାୟତର ଓ ଆଖ ପାଖ ଅଂଚଳର କିଛି ଯୁବକ ଓ ଯୁବତୀ କେରଳରୁ ଆସିଥିବା ଏକ ସ୍ୱତନ୍ତ୍ର ଗାଡ଼ିରେ ଯିବା ବେଳେ ଖବର ପାଇ ଅଧାବାଟରେ ଗାଡିକୁ ଅଟକାଇ ଗାଡ଼ିକର କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖାଯାଇଛି । ତେବେ ସେମାନଙ୍କୁ ମାଡ ମାରିବା ପରେ ଜଣେ ସେହି ଅଂଚଳର ଲୋକ ପ୍ରତିନିଧି ଜଣକ ସାରଙ୍ଗଡ଼ ଥାନାରେ ଏକଲା ଦେଇଛନ୍ତି । ଏତଲା ପ୍ରକାରେ ପୁଲିସ୍ ଏକ ମାମଲା ରୁଜୁ କରି ଗାଡ଼ିକୁ ଜବତ କରିବା ସହିତ ଗାଡ଼ିର ତିନିଜଣ କର୍ମଚାରୀଙ୍କୁ ବିଭିନ୍ନ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି । ତେବେ ଗତ ୩ ଦିନ ତଳେ ଲୋକ ପ୍ରତିନିଧିଙ୍କୁ ମାଡ଼ ମରାଯାଇଥିବା ନେଇ ଯେଉଁ ଅଭିଯୋଗ ହୋଇଥିଲା ତାହାକୁ ଅନେକ ଯୁବକ ଓ ଯୁବତୀ ବିରୋଧ କରିଛନ୍ତି । ବାସ୍ତବିକ ବାଟରେ ଗାଡ଼ି ଅଟକାଇ ନିଜେ ଲୋକ ପ୍ରତିନିଧି ଓ ତାଙ୍କର କିଛି ସମର୍ଥକ ଗାଡ଼ିର ତିନିଜଣ କର୍ମଚାରୀଙ୍କ ନିସ୍ଥୁକ ମାଡ଼ ମାରିଥିବାର ଅଭିଯୋଗ କରିଛନ୍ତି । ସୂଚନା ପ୍ରଦାନକାରୀ ଜଣକ ନିଜର ନାମ ଗୋପନ ରଖିବା ସର୍ତରେ ଏହି ସୂଚନା ଦେଇଥିବା ବେଳେ ବାସ୍ତବିକ ଲୋକ ପ୍ରତିନିଧି ଓ ଅନ୍ୟମାନେ ଗାଡ଼ିର କର୍ମଚାରୀ ମାନଙ୍କୁ ଯେଉଁଭଳି ଭାବେ ମାଡ଼ ମାରୁଛନ୍ତି ତାହାର ଭିଡ଼ିଓ ଏବେ ଏ ମୋବାଇଲରୁ ସେ ମବୋଇଲ୍ ବେସ୍ ଭାଇରାଲ୍ ହେବାରେ ଲାଗିଛି । ତେବେ ଏଥିରେ ଗାଡ଼ିର ତିନିଜଣ କର୍ମଚାରୀଙ୍କ ଭୁଲ୍ କଣ ବୋଲି ବହୁ ସଚେତନ ନାଗିରକ ପ୍ରଶ୍ନ କରିଛନ୍ତି । କାମଧନ୍ଦା ଅଭାବ ଯୋଗୁଁ ପ୍ରତ୍ୟେକ ଦିନ ଏହି ଲକ୍‌ଡ଼ାଉନ୍ ଓ ସଟ୍‌ଡ଼ାଉନରେ ମଧ୍ୟ ବହୁ ସଂଖ୍ୟରେ ଯୁବକ ଓ ଯୁବତୀ ରାଜ୍ୟ ବାହାରକୁ ଯାଉଛନ୍ତି । ଏଭଳି ସ୍ଥଳେ କେରଳର ଏକ କମ୍ପାନିରେ ପୂର୍ବରୁ କାର୍ଯ୍ୟକରୁଥିବା କିଛି ଯୁବକ ଓ ଯୁବତୀଙ୍କ ଅନୁରୋଧ ପ୍ରକାରେ କମ୍ପାନି ପକ୍ଷରୁ ଏକ ଗାଡ଼ି ପଠାଯାଇଥିଲା । ପରେ ରୋଜଗାର ପାଇଁ ବହୁ ଯୁବକ ଓ ଯୁବତୀ କେରଳ ଯାଉଥିବା ବେଳେ ଅଧାବାଟରେ ଗାଡ଼ିର କର୍ମଚାରୀ ମାନଙ୍କୁ ଯେଉଁଭଳି ଭାବେ ମାଡ଼ ମରାଯାଇଛି ତାହାକୁ ଅନେକ ନିନ୍ଦା କରିଛନ୍ତି । କେବଳ ସେତିକି ନୁହେଁ , ନିଜେ ଲୋକପ୍ରତିନିଧି ବେଲ୍ଟ ଦ୍ୱାରା ମଧ୍ୟ ମାଡ଼ ମାରୁଥିବାର ଫୋଟୋ ଏବେ ବେସ୍ ଭାଇରାଲ୍ ହେଉଛି । ତେବେ ଭାଷାଗତ ସମସ୍ୟା ଯୋଗୁଁ ଗାଡ଼ିର କର୍ମଚାରୀ ମାନେ ସେମାନଙ୍କୁ ବୁଝାଇ ପାରିନଥିବା ବେଳେ ସାରଙ୍ଗଡ ଥାନା ପକ୍ଷରୁ ମଧ୍ୟ କୌଣସି ପ୍ରକାର ତଦନ୍ତ କରା ନଯାଇ କେବଳ ଏକତରଫା ଭାବେ ଲୋକ ପ୍ରତିନିଧିଙ୍କ ଏତଲାକୁ ଭିତିକରି ଗାଡ଼ିର କର୍ମଚାରୀ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେଠାରେ ଥିବା ଯୁବକ ଓ ଯୁବତି ପ୍ରଶ୍ନ କରିଛନ୍ତି । ଗୋଟିଏ ପଟେ ପ୍ରଶାସନ ଓ ପଂଚାୟତ ପକ୍ଷରୁ କୌଣସି ପ୍ରକାର ରୋଜଗାର ଯୋଗାଇ ଦିଆଯାଇ ପାରୁନଥିବା ବେଳେ ଅନ୍ୟପଟେ ରୋଜଗାର ପାଇଁ ସେମାନଙ୍କ ଅନୁରୋଧ ପ୍ରକାରେ କମ୍ପାନି କର୍ତ୍ତୃପକ୍ଷ ପଠାଇଥିବା ଗାଡ଼ିରେ ଯିବା ବେଳେ ବାଟରେ ଅଟକାଇ ମାଡ଼ମରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ମଧ୍ୟ ପ୍ରଶ୍ନ ହୋଇଛି । କନ୍ଧମାଳ ଏସ୍.ପି ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମଧ୍ୟ ସେମାନେ ଦାବୀ କରିଛନ୍ତି ।

# ଧାମରା ରାଜସ୍ୱ ନିରୀକ୍ଷକଙ୍କ ଅଫିସରେ ପଲିଥିନ ବଂଟନକୁ ନେଇ ଗଣ୍ଡଗୋଳ, ଅଧାରୁ ବଂଟନ ବନ୍ଦ, ବିନା ତଦନ୍ତରେ ବଂଟନ ହେଉଛି ପଲିଥିନ, ସାଧାରଣରେ ଅଭିଯୋଗ

ଭଦ୍ରକ: ୟାଶ ସମୟରେ ଧାମରା ଅଂଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ରାଜସ୍ୱ ନିରୀକ୍ଷକ ମାନେ ପାତର ଅନ୍ତର କରି ପଲିଥିନ ବଂଟନ କରୁଥିବା ଅଭିଯୋଗ ହୋଇଛି ।ଦୀର୍ଘ ୧ମାସ ବିତିଯାଇଥିବା ବେଳେ ୟାଶ କ୍ଷୟକ୍ଷତିରେ ନିଜର ଘର ସଂପୂର୍ଣ ଭାବରେ ହରାଇଥିବା ସାଧାରଣ ଜନତା ଟିଏ ପଲିଥିନ ଟିଏ ପାଉନଥିବା ବେଳେ ଧାମରା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଆଗରେ ୪ଚକିଆ ଗାଡି ନେଇ ପଲିଥିନ ପାଇଁ ଆସୁଥିବା ବଡବଡିଆ ଲୋକଙ୍କୁ ବଂଟନ ହେଉଛି ପଲିଥିନ ।ଏହି ପଲିଥିନ ବଂଟନରେ ବ୍ୟାପକ ଅନିୟମିତତା ଲାଗି ରହିଥିବା ବେଳେ ପ୍ରକୃତ ତଦନ୍ତ କରାଯାଇ ପଲିଥିନ ବଂଟନ କରିବାକୁ ଗତ ୨୨ତାରିଖ କଂଗ୍ରେସ ପକ୍ଷରୁ ଧାମରା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଆଗରେ ଗଣାଧାରଣା ଦିଆଯାଇଥିଲା । ଆଗାମୀ ଦିନରେ ଏହି ତଦନ୍ତରେ କୌଣସି ସମସ୍ୟା ହେବ ନାହିଁ ବୋଲି ମଧ୍ୟ ଚାନ୍ଦବାଲି ତହସିଲ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ଏହାକୁ ସଂପୂର୍ଣ ଭାବରେ ଅବହେଳା କରି ଆଜି ଧାମରା ରାଜସ୍ୱ ନିରୀକ୍ଷକ ଧାମରା ପଂଚାୟତ ପାଇଁ ପଲିଥିନ ବଂଟନ କରାଯାଉଥିଲା । ମାତ୍ର ପ୍ରଶାସନ ପକ୍ଷରୁ ଥିବା ଲିଷ୍ଟରେ ବ୍ୟାପକ ଅନିୟମିତତା ଅଛି ବୋଲି ଗୋଟିଏ ଦଳ ଅସନ୍ତୋଷ ପ୍ରକାଶ କରିଥିଲା ।ଏ ନେଇ ସଂପୃକ୍ତ ଅଭିଯୋଗ ଆଣିଥିବା ଦଳ ତଦନ୍ତ କରି ପଲିଥିନ ବଂଟନ କରିବାକୁ ଅଡି ବସିଥିଲା । ମାତ୍ର ଏହି କଥାକୁ ନେଇ ଅନ୍ୟ ଦଳର ଲୋକ ଆସି ଅଭିଯୋଗ ଆଣିଥିବା ଦଳର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ ।ପରେ ଧାମରା ରାଜସ୍ୱ ନିରୀକ୍ଷକ ଏ ନେଇ ଧାମରା ଥାନାଧିକାରୀଙ୍କୁ ଖବର ଦେଇଥିଲେ । ଧାମରା ଥାନାଧିକାରୀ ଆସି ସଠିକ ଲିଷ୍ଟ ବାହାର କରି ସଂପୃକ୍ତ ଲୋକ ମାନଙ୍କୁ ପଲିଥିନ ବଂଟନ କରିବାକୁ ଆଦେଶ ଦେଇଥିଲେ । ପରେ ଗଣ୍ଡଗୋଳର ଆଶଙ୍କା କରି ଧାମରା ରାଜସ୍ୱ ନିରୀକ୍ଷକ ପଲିଥିନ ବଂଟନ ବନ୍ଦ କରି ଦେଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଧାମରା ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାଯାଇଛି ।ୟାଶ କ୍ଷୟକ୍ଷତିରେ ଧାମରା ରାଜସ୍ୱ ନିରୀକ୍ଷକ ଘରଭଙ୍ଗା ତଦନ୍ତ ଦାୟିତ୍ୱ ପ୍ରଥମେ ଅଂଚଳର ଓାର୍ଡମେମ୍ବର ମାନଙ୍କୁ ଦେଇଥିଲେ । ଏହି ଓାର୍ଡମେମ୍ବର ମାନେ କେବଳ ନିଜ ଲୋକଙ୍କ ଲିଷ୍ଟ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରଦାନ କରିଥିଲେ, ଫଳରେ ବହୁ ସାଧାରଣ ଜନତା ଏହି ଲିଷ୍ଟରୁ ବାଦ ପଡିଯାଇଥିଲେ । ପରେ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଅଂଚଳର ଅନ୍ୟ ଜନ ପ୍ରତିନିଧି ମାନଙ୍କୁ ପଲିଥିନ ବଂଟନ ପାଇଁ ଟୋକନ ପ୍ରଦାନ କରିଥିଲେ ବୋଲି ମଧ୍ୟ ଅଭିଯୋଗ ହୋଇଛି । କେଉଁ ପରିସ୍ଥିତିରେ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଧାମରା,ଜାଗୁଳା,ଦୋସିଙ୍ଗା ପଂଚାୟତର ଦାୟିତ୍ୱ ନିଜେ ନ ନେଇ ତଦନ୍ତ ଭାର ଅନ୍ୟକୁ ଦେଇ ଏହି ପ୍ରିୟାପ୍ରିତୀ ତୋଷଣ କଲେ ସେ ନେଇ ତଦନ୍ତ ହେବା ଜରୁରୀ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଗାମୀ ଦିନରେ ଏନେଇ ପୁନଶ୍ଚ ଜନ ଆନ୍ଦୋଳନ ସୃଷ୍ଟି ହେବ ବୋଲି ସାଧାରଣ ଜନତା ଚେତାବନୀ ଦେଇଥିବା ବେଳେ ପଲିଥିନ ବଂଟନରେ ଅନିୟମିତତା ଆଣୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବୀ ହୋଇଛି ।

# ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ରଥଯାତ୍ରା ପରେ ପୁର୍ଣ୍ଣାଙ୍ଗ କମିଟି ଗଠନ ନିଷ୍ପତି

ବୌଦ୍ଧ: ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଏକ ଜରୁରୀ ବୈଠକ ଉପଜିଲ୍ଲାପାଳ ତଥା ଦେବୋତର ଅଧିକାରୀ ଅଶ୍ୱିନୀ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦେବ ସ୍ନାନ ପୂର୍ବରୁ ମନ୍ଦିର ପରିସରରେ ଅନେକ ଦେବାଦେବୀଙ୍କ ମନ୍ଦିର ନିର୍ମାଣ ଓ ମୂର୍ତି ସ୍ଥାପନ କରାଯାଇଥିବାବେଳେ ଏହି ସବୁ ମନ୍ଦିରର ପୂଜାବିଦ୍ଧି ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ପୂର୍ବରୁ ମନ୍ଦିର ପରିସର ବାହାରେ ଶନି ମନ୍ଦିର କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଉଥିବାବେଳେ ବର୍ତମାନ ମନ୍ଦିର ବେଢାରେ ହିଁ ନବଗ୍ରହଙ୍କ ମନ୍ଦିର ନିର୍ମାଣ କରାଯାଇ ପୂର୍ବ ବିଗ୍ରହ ସହ ନୂତନ ବିଗ୍ରହ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଫଳରେ ମନ୍ଦିର ପରିସର ବାହାରେ ଆଉ ପୂଜାର୍ଚ୍ଚନାର କୌଣସି ଆବଶ୍ୟକତା ନଥିବାରୁ ନବଗ୍ରହ ମନ୍ଦିରରେ ପୂର୍ବପରି ପୂଜାର୍ଚ୍ଚନା କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ତେବେ ମନ୍ଦିର ଭିତରେ ବିଭିନ୍ନ କମିଟି କାର୍ଯ୍ୟକାରି ନକରି ସମସ୍ତଙ୍କୁ ନେଇ ଗୋଟିଏ ପରିଚାଳନା କମିଟି ଗଠନ କରାଯିବାକୁ ଆଲୋଚନା କରାଯାଇ ସର୍ବସମ୍ମତ ନିଷ୍ପତି ଗ୍ରହଣ କରାଯାଇଥିଲା । ରଥଯାତ୍ରା ପରେ ପୁର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ କର୍ମକର୍ତା ଚୟନ କରାଯିବାକୁ ସହମତି ପ୍ରକାଶ ପାଇଥିବାବେଳେ ବର୍ତମାନ ବେଢାରେ ପୂଜା ପାଉଥିବା ସମସ୍ତ ଦେବାଦେବୀ ମନ୍ଦିରରେ ଭୋଗ ଓ ଅନ୍ୟ ପୂଜା ନିତି କାର୍ଯ୍ୟକାରୀ କମିଟି ଦ୍ୱାରା ଚାଲୁ ରଖାଯିବାକୁ ଉପଜିଲ୍ଲାପାଳ ଶ୍ରୀମେହେର ପରାମର୍ଶ ଦେଇଥିଲେ । ସେହିପରି ଶ୍ରୀଜଗନ୍ନାଥଙ୍କ ମନ୍ଦିର ବେଢାରେ ସ୍ଥାପିତ ନବଗ୍ରହ ମନ୍ଦିରରେ ଶନିମେଳା ଆୟୋଜନ ନେଇ ମନ୍ଦିର କମିଟି ଓ ଶନି ମନ୍ଦିର କମିଟି ମଧ୍ୟରେ ରହିଥିବା ଦ୍ୱନ୍ଦ ସଂପର୍କରେ ବ୍ରାହ୍ମଣ ସମାଜ ଓ ପଣ୍ଡିତମାନଙ୍କର ମତାମତ ନିଆଯିବା ପରେ ସମସ୍ତେ ଏହାକୁ ସ୍ୱିକୃତୀ ପ୍ରଦାନ କରିଥିଲେ । ଫଳରେ ନବଗ୍ରହ ମନ୍ଦିରରେ ଶନି ଉତ୍ସବ ଓ ପୂଜାବିଦ୍ଧି ପାଇଁ ରହିଥିବା ଦ୍ୱନ୍ଦ ସମାପ୍ତ ହୋଇଥିବାବେଳେ ସମସ୍ତ କମିଟି କର୍ମକର୍ତା ମିଶି ପୂଜାର୍ଚ୍ଚନା କରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏଥିସହିତ ଚଳିତ କୋଭିଡ କଟକଣା ଯୋଗୁଁ ରଥଯାତ୍ରା ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇସାରିଥିବାବେଳେ ମନ୍ଦିର ମଧ୍ୟରେ ସମସ୍ତ ଦେବନିତୀ କରିବାକୁ ଉପଜିଲ୍ଲାପାଳ କହିଥିଲେ । ତେଣୁ ବ୍ରାହ୍ମଣ ସମାଜ ଓ ମନ୍ଦିର କମିଟି କର୍ମକର୍ତା ଶୃଙ୍ଖଳାର ସହିତ ଆସନ୍ତା ରଥଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବ୍ରାହ୍ମଣ ସମାଜ ସଭାପତି ଗୁରୁ ପ୍ରସାଦ ଦାଶ,ସଂପାଦକ ଦେବାଶିଷ ପୁରୋହିତ, ମନ୍ଦିର ପରିଚାଳନା କମିଟି ସଂପାଦକ ବିଶ୍ୱଜିତ ମିଶ୍ର, ଶଙ୍କର ପ୍ରସାଦ ପୁରୋହିତ, ଶଶାଙ୍କ ଶେଖର ମିଶ୍ର, ନିରୋଜ କୁମାର ମିଶ୍ର, ଆଶୁତୋଷ ମହାପାତ୍ର, ସମ୍ପଦ କୁମାର ଅଗ୍ରୱାଲା, କ୍ଷଷ କୁମାର ପୁରୋହିତ, ସୂର୍ଯ୍ୟ ଶତପଥି, ସଜନ କୁମାର ଅଗ୍ରୱାଲା ଓ କାହ୍ନୁ ଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ପୂର୍ବ ପାକିସ୍ତାନ ସ୍ୱାଧୀନତା ଯୁଦ୍ଧର ଅନନ୍ୟ ସେନାନୀ ଭଗବାନ ଦାସଙ୍କ ବିୟୋଗରେ ଶୋକ

ଭଦ୍ରକ:୧୯୭୫ ମସିହା ଭାରତ ଓ ପୂର୍ବ ପାକିସ୍ତାନ ସ୍ୱାଧୀନତା ଯୁଦ୍ଧର ଅନନ୍ୟ ଭାରତୀୟ ସେନାନୀ ତଥା ବିଶିଷ୍ଟ ସମାଜସେବୀ ଭଦ୍ରକର ଭଗବାନ ଦାସଙ୍କ ବିୟୋଗରେ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଛି । ଏଠାରେ ସୂଚନାଯୋଗ୍ୟ ଭଦ୍ରକ ପୌରପାଳିକା ଅଧୀନସ୍ଥ କଦମବେଡା ଇସଫପୁର ନିବାସୀ ଭଗବାନ ଦାସଙ୍କର ବୟସାଧିକ ସ୍ୱାସ୍ଥ୍ୟବସ୍ଥାର ଅବନତି କାରଣରୁ ୮୫ ବର୍ଷ ବୟସରେ ଗତକାଲି ଦେହାନ୍ତ ଘଟିଛି । ତେବେ ସେ ତାଙ୍କର ଯୁବକ ଅବସ୍ଥାରେ ୧୯୬୩ ରୁ ୧୯୭୮ ମସିହା ପର୍ଯ୍ୟନ୍ତ ଭାରତୀୟ ସେନାନୀରେ ଯୋଗଦେଇ ନିଜ ବୀରତ୍ୱର ପରାକାଷ୍ଠା ଦେଖାଇଥିଲେ । ବିଶେଷକରି ଭାରତ ଓ ପୂର୍ବ ପାକିସ୍ତାନର ସ୍ୱାଧୀନତା ଯୁଦ୍ଧରେ ସେ ଯେଉଭଳି ଭାବେ ନିଜ ସାହସିକତାର ପରିଚୟ ଦେଇଥିଲେ, ତାହା ତାଙ୍କୁ ଚିରଦିନ ଅମର କରି ରଖିବ । ତାଙ୍କ ବିୟୋଗରେ କେବଳ ଭଦ୍ରକ ନୁହେଁ ସମଗ୍ର ଜିଲାର ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି ।

# ଆଶା ଦିଦିଙ୍କ ଆଶା ପୂରଣ ହେଲା; ୫୭ ବର୍ଷ ବୟସରେ ମାଟ୍ରିକ୍ ପାସ୍

ଭଦ୍ରକ:ସତରେ ପାଠ ପଢିବାରେ କୌଣସି ବୟସସୀମା ନଥାଏ । ଇଚ୍ଛାଶକ୍ତି ଥିଲେ ପଙ୍ଗୁ ଉ ଙ୍ଗ ଗିରି ଲଙ୍ଘିବା ଭଳି ୫୭ ବର୍ଷ ବୟସରେ ବି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ଭଣ୍ଡାରିପୋଖରୀ ବ୍ଲକ୍ କୁରିଗାଁ ପଂଚାୟତ କଂଟି ଗ୍ରାମର ସ୍ୱର୍ଣ୍ଣଲତା ପତି । ଏହି ପରିଣତ ବୟସରେ ସେ ଲୋକଙ୍କୁ ସେବା ଯୋଗାଇବା ମଧ୍ୟରେ ସେ ଆଶା ଦିଦି ଭାବେ ସେବା ଯୋଗାଇବା ସହ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ତାଙ୍କ ଭାଷାରେ କଠିନ ପରିଶ୍ରମ ଓ ଏକାଗ୍ରତା ବଳରେ ଯେକୌଣସି ବ୍ୟକ୍ତି ସଫଳତାର ଶୀର୍ଷ ଛୁଇଁବା ଅସମ୍ଭବ ନୁହେଁ । ଯାହା ବୟସର ଅପରାହ୍ନରେ ତାଙ୍କ ଭଳି ଜଣେ ମହିଳାଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି । କାହିଁକି ନା ପାଠ ପଢିବାର ଇଚ୍ଛା ଓ ଝୁଙ୍କ ଆଗରେ ବୟସ କିମ୍ବା ଅର୍ଥ ବାଧକ ସାଜିନଥାଏ । କୁରିଗାଁ ପଂଚାୟତ କଂଟି ଗ୍ରାମର ସ୍ୱର୍ଣ୍ଣଲତା ବିବାହର ଅଳ୍ପ କିଛି ବର୍ଷ ପରେ ସ୍ୱାମୀଙ୍କୁ ହରାଇ ପିଲାଛୁଆଙ୍କ ସହ ଭାଗ୍ୟକୁ ଆଦରି ବହୁ କଷ୍ଟରେ ଚଳିଆସୁଥିଲେ । ତେବେ ପରିବାରର ଆର୍ଥିକ ସଂକଟ ଯୋଗୁଁ ସପ୍ତମ ଶ୍ରେଣୀ ପାସ୍ କରିଥିବା ସ୍ୱର୍ଣ୍ଣଲତା ପ୍ରଥମେ ଗାଁ ସ୍କୁଲରେ ପାଚିକା ଭାବେ ମାସିକ ୧୦୦ ଟଙ୍କା ଦରମାରେ କାର୍ଯ୍ୟ ଆରମ୍ଭ କରିଥିଲେ । ଇତିମଧ୍ୟରେ ସେ ଆଶା ଦିଦି ଭାବେ ନିଯୁକ୍ତ ହୋଇ ସ୍ଥାନୀୟ ଅଂଚଳବାସୀଙ୍କ ସେବା କରିବା ମଧ୍ୟରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ଜଣେ ଭଲ ପାଚିକା ଓ ଆଶା ଦିଦି ଭାବେ ନିଜ ଅଂଚଳରେ ସେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି ।

# ଚଳିତ ବର୍ଷ ବୌଦ୍ଧଜିଲ୍ଲାରେ ୫୯୪୩୯ ହେକ୍ଟର ଚାଷ ଜମିରେ ହେବ ଖରିଫ ଧାନ ଚାଷ

ବୌଦ୍ଧ: ବୌଦ୍ଧଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି । ଚାଷ ହେଉଛି ଜିଲ୍ଲାବାସୀଙ୍କ ମୂଖ୍ୟପେସା । ଶିଳ୍ପ ବିହିନ ବୌଦ୍ଧଜିଲ୍ଲାରେ ଚାଷୀ ଧାନ ସହିତ ବିଭିନ୍ନ ଡାଲି ଜାତୀୟ ଓ ପରିବା ଜାତୀୟ ଫସଲ କରି ଦି ପଇସା ରୋଜଗାର କରି ପରିବାର ଚଳାଇଥାନ୍ତି । ଜିଲ୍ଲାର ଚାଷୀମାନେ ଚାଷ ପାଇଁ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି । ଚଳିତ ବର୍ଷ ଚାଷର ପ୍ରଥମରେ ଜିଲ୍ଲାରେ ଯେଉଭଳି ଭାବରେ ବର୍ଷା ଆରମ୍ଭ ହୋଇଛି । ତାକୁ ଦେଖି ଚାଷୀ ଖୁବ ଉତ୍ସାହିତ ହୋଇପଡିଛନ୍ତି । ଏବଂ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ସେଥିପାଇଁ ଚାଷୀ ବିଲରେ ହଲ କରିବା ଆରମ୍ଭ କରିସାରିଥିବା ବେଳେ ପହ୍ଲା ପକାଇବା ମଧ ଆରମ୍ଭ କରିଦେଇଛି । ଚଳିତ ବର୍ଷ ଜିଲ୍ଲାରେ ୫୯,୪୩୯ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲା କୃଷି ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି । ଚଳିତ ବର୍ଷ ଜିଲ୍ଲାରେ ଚାଷ ପାଇଁ ଏପ୍ରିଲମାସରେ ୧୬.୫୦ ବର୍ଷା ଆବଶ୍ୟକତା ରହିଥିଲା ବେଳେ ୨୦.୫୩ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ମେ ମାସରେ ଚାଷ ପାଇଁ ୩୮.୪୦ ବର୍ଷା ଆବଶ୍ୟକ ହେଉଥିବା ବେଳେ ୯୩.୯୭ ବର୍ଷା ହୋଇଥିଲା । ଜୁନ ମାସରେ ୨୩୩.୮୦ ବର୍ଷା ଆବଶ୍ୟକ ହେଉଥିବା ବେଳେ ୧୦୫.୧୦ ବର୍ଷା ହୋଇଛି । ସେଥିମଧ୍ୟରୁ ବୌଦ୍ଧ ବ୍ଲକରେ ଏପ୍ରିଲ ମାସରେ ୨୧.୦୦, ମେ ମାସରେ ୧୩୦.୧୦ ଓ ଜୁନ ମାସରେ ୧୧୯.୫୦ ମିଲି ମିଟର ବର୍ଷା ହୋଇଛି । କ ।ମାଳ ବ୍ଲକରେ ଏପ୍ରିଲରେ ୧୩.୬୦, ମେ ରେ ୫୯.୮୦ ଓ ହରଭଙ୍ଗାରେ ଏପ୍ରିଲରେ ୨୭.୦୦, ମେ ମାସରେ ୯୨.୦୦ ଓ ଜୁନ ମାସରେ ୮୬.୦୦ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଜିଲ୍ଲାର ଭୌଗଳିକ ସ୍ଥିତିକୁ ଦେଖିଲେ ଜିଲ୍ଲାରେ ୩ଲକ୍ଷ ୫୮ ହଜାର ୨୯୨ ହେକ୍ଟର ଜମି ରହିଛି । ଅଧିକାଂଶ ଜମିରେ ପାହଡ ପର୍ବତ ଭରି ରହିଛି । ସେଥିମଧ୍ୟରୁ ୮୫ ହଜାର ୧୮୦ ହେକ୍ଟର ଚାଷ ଜମିରେ ଚାଷ କରାଯାଇଥାଏ । ଚଳିତ ବର୍ଷ ଜିଲ୍ଲାରେ ୫୯ ହଜାର ୪୩୯ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ବୌଦ୍ଧବ୍ଲକରେ ୩୨ ହଜାର ୫୪୬, ହରଭଙ୍ଗା ବ୍ଲକରେ ୨୫ ହଜାର ୨୯୭ ଓ କ ।ମାଳ ବ୍ଲକରେ ୨୭ ହଜାର ୩୨୭ ହଜାର ହେକ୍ଟର ଚାଷ ଜମି ରହିଛି । ୨୦୧୧ ମସିହା ଜନଗଣନା ଅନୁଯାଇ, ଜିଲ୍ଲାରେ ନାମମାତ୍ର ଚାଷୀ ୪୭୨୫୯ ରହିଥିବା ବେଳେ ଛୋଟ ଚାଷୀ ୧୯୪୩୯ ଜଣ ଅଛନ୍ତି । ସେହିପରି ବଡ ଚାଷୀ ୯୨୨୪ ଜଣ ରହିଛନ୍ତି । ଜିଲ୍ଲାରେ ୨୪୦୪୮ ଜଣ କୃଷି ଶ୍ରମିକ ରହିଛନ୍ତି । ଉଠାଣିଆ ଜମି ୧୯ ହଜାର ୮୬୦ରହିଥିବା ବେଳେ ମଧ୍ୟମ ଜମି ୨୪୨୩୩ ହେକ୍ଟର ରହିଛି ଓ ଗଡାଣିଆ ଜମି ୧୫୩୪୬ ଜମି ରହିଛି । ଜିଲ୍ଲାରେ ବିହନର ମାନକୁ ନେଇ ଚାଷୀ ସବୁବେଳେ ପ୍ରତିବାଦ କରି ଆସୁଥିବା ବେଳେ ୧୨୮୮୦ କ୍ୱି ।ଲ ବିହନ ଧାନ ଆବଶ୍ୟକ ହେଉଛି । ଚାଷ ଜମିକୁ ଠିକ ଭାବରେ ପାଣିମାଡୁ ନ ଥିବାରୁ ଚାଷୀ ମରୁଡିର ଶିକାର ହେଉଥିବା ଚାଷୀମାନେ ଅଭିଯୋଗ କରୁଥିବା ବେଳେ ସରକାରୀ ଭାବରେ ଜିଲ୍ଲାରେ ୭୨୪୬୭ ହେକ୍ଟର ଚାଷ ଜମିକୁ ପାଣି ଜଳ ସେଚନ କରାଯାଉଥିବା କୁହାଯାଉଛି । ଚାଷ ପାଇଁ ୧୩୬୦୦.୦୦ ଟନ ବିଭିନ୍ନ ସାରର ଆବଶ୍ୟକତା ରହିଛି । ଚାଷ ପାଇଁ ଚାଷୀକୁ ବିହନ.ସାର ଓ ପାଣିର ଆବଶ୍ୟକତା ଅଧିକ ରହିଥିବା ବେଳେ ବିଭିନ୍ନ ସମୟରେ ଯୋଗାଇ ଦିଆଯାଇଥିବା ବିହନର ମାନ ଉନ୍ନତମାନର ହୋଇନଥିବା ଯୋଗୁଁ ଚାଷୀ ଅଧିକ ଫସଲ ଅମଳ କରିପାରୁନାହିଁ ବୋଲି ଅଭିଯୋଗ ହେଉଛି । ସାର ପାଇଁ ଚାଷୀକୁ ଦୀର୍ଘ ଦିନ ଧରି ଅପେକ୍ଷା କରିବାକୁ ପଡୁଛି । ହେଲେ ଚାଷୀଙ୍କୁ ଠିକ ସମୟରେ ସାର ମିଳୁ ନ ଥିବା ବେଳେ ଶେଷରେ ବାଧ ହୋଇ ବ୍ଲକରେ ସାର କିଣି ବିଲରେ ପକାଉଛି । ଠିକ ସମୟରେ ତଳ ମୁଣ୍ଡର ଚାଷୀ ପାଣି ପାଇ ପାରୁନ ଥିବାରୁ ଚାଷୀ ତାର ଚାଷକୁ ବଂଚାଇ ରଖିବା ପାଇଁ ସଂଘର୍ଷ କରୁଛି । କହିବାକୁ ଗଲେ ଚାଷୀ ଧାନ ଚାଷ ଆରମ୍ଭରୁ ଧାନି ବିକ୍ରି କରିବା ପର୍ଯ୍ୟନ୍ତ ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରୁଛି । ତେଣୁ ପ୍ରଶାସନ ଚଳିତ ବର୍ଷ ଯେପରି ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଏ ସେଥିପାଇଁ ଦୃଷ୍ଟି ଦେବାକୁ ଚାଷୀମାନଙ୍କ ଠାରୁ ଦାବୀ ହେଉଛି ।

## ଥାନାରେ ଜଗନ୍ନାଥପ୍ରସାଦ ବାଲିଉଠାଣ ବୈଠକ ବିଫଳ

ଭଦ୍ରକ: ଭଣ୍ଡାରିପୋଖରୀ ଥାନା ପରିସରରେ ଆଜି ଜଗନ୍ନାଥପ୍ରସାଦ ବାଲି ସୈରାତ ନିଲାମ ବିରୋଧି ସଙ୍ଗଠନ ଓ ପ୍ରଶାସନ ମଧ୍ୟରେ ଆଲୋଚନା ବିଫଳତାରେ ସମାପ୍ତ ହୋଇଛି । ଆଂଚଳିକ ବନ୍ୟାବିପର୍ଯ୍ୟସ୍ତ ସୁରକ୍ଷା କମିଟିର ସଦସ୍ୟ ସଞ୍ଜିବ ପରିଡା, ବରିଷ୍ଠ ନେତା ବଦ୍ରୀନାରାୟଣ ଧଳ, ଗୋଲକ ଚନ୍ଦ୍ର ବେହେରା, ରଣଜିତ ସରପଂଚ ମନୋଜ କୁମାର ନାୟକ, ଦକ୍ଷିଣବାଡ ସରପଂଚ ବିଜୟ ଶଙ୍କର ମହାନ୍ତି, ରଶ୍ମିରଞ୍ଜନ ମହାପାତ୍ର, ମଦନ ମୋହନ ଦାସ, ନାରାୟଣ ଚନ୍ଦ୍ର ବେହେରା, ବସନ୍ତ ତ୍ରିପାଠୀ, ଅକ୍ଷୟ ତ୍ରିପାଠୀ, ପ୍ରକାଶ ମହାପାତ୍ର, ପଣ୍ଡୁ ବାରିକ ପ୍ରମୁଖ ପ୍ରଶାସନ ସହ ବାଲିଉଠାଣ ସମସ୍ୟାର ସାମଧାନ ପାଇଁ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ ଧାମନଗର ଉପଖଣ୍ଡ ପୁଲିସ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ । ହେଲେ ନିଲାମଧାରୀ ଆଲୋଚନାରେ ଅନୁପସ୍ଥିତ ଥିଲେ । ସଂପୃକ୍ତ ସୈରାତ ନିଲାମ ଦ୍ୱାରା ହେବାକୁ ଥିବା କ୍ଷୟକ୍ଷତି, ନିଲାମର ଆଇନଗତ ତୃଟିବିଚ୍ୟୁତି, ହାଇକୋର୍ଟର ଆଦେଶ, ନିଲାମ ପୂର୍ବରୁ ଜଳସମ୍ପଦ ବିଭାଗର ଚେତାବନୀ ଆଦିକୁ ପ୍ରଶାସନ କାହିଁକି ଅଣଦେଖା କରିଥିଲା ବୋଲି ବିରୋଧି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଥିଲା । ନିଲାମ ପରେ ନିଲାମ ବାଲି ଜମିର ଚିହ୍ନଟ, ପତାକା ଲଗାଯିବା, ସୂଚନା ଫଳକ ଆଦି ସ୍ଥାପନା କରାଯାନଥିବା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତେବେ ବାଲି ଉଠାଣ ପୂର୍ବରୁ ପ୍ରଶାସନ ଜଳସମ୍ପଦ ବିଭାଗର ଅନୁମତି ନେବା ଦରକାର ବୋଲି ସହମତି ପ୍ରକାଶ ପାଇଥିଲା ।






# ସୋନି ମ୍ୟୁଜିକ୍ ପକ୍ଷରୁ ନ୍ତିମେରି ପୁକାର ସୁନୋନ୍ତି ରେ ମହାନ୍ ସଙ୍ଗୀତଜ୍ଞ ଏ.ଆର. ରହମାନ ଓ ଗୁଲଜାର ଏକାଠି ହୋଇଛନ୍ତି

ଭୁବନେଶ୍ୱର : ସୋନି ମ୍ୟୁଜିକ ଇଣ୍ଡିଆ 'ମେରି ପୁକାର ସୁନୋ' ନାମକ ଏକ ଆଶାର ସଙ୍ଗୀତ ପ୍ରସ୍ତୁତ କରିବା ପାଇଁ ଜାତୀୟ ପୁରସ୍କାର ବିଜେତା ଗୁଲଜାର ଓ ଗ୍ରାମି ଓ ଆକାଡେମି ପୁରସ୍କାର ବିଜେତା ମ୍ୟୁଜିସିଆନ୍ ଏ.ଆର ରେହମାନ୍‌ଙ୍କୁ ଏକାଠି କରିଛି। ସୋନି ମ୍ୟୁଜିକ୍ ଇଣ୍ଡିଆ ଦ୍ୱାରା ଉନ୍ମୋଚିତ ଏହି ଗୀତରେ ଏହି ପ୍ରସିଦ୍ଧ ସଙ୍ଗୀତଜ୍ଞ ଦୁଇଜଣ ଏକାଠି ହୋଇଛନ୍ତି ଯିଏକି ଦିଲ୍ ସେ, ଗୁରୁ, ସ୍ଲମଡଗ୍ ମିଲିଓନେର, ସାଥିଆ ଓ ଓକେ ଜାନୁ ପରି ଫିଲ୍ମରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି।'ମେରି ପୁକାର ସୁନୋ' ରେ ଭାରତୀୟ ସଙ୍ଗୀତ ଉଦ୍ୟୋଗର କିଛି ପ୍ରସିଦ୍ଧ କଳାକାର ଓ ଲୋକପ୍ରିୟ ନୂତନ ଭୋକାଲିଷ୍ଟମାନଙ୍କୁ ଏକାଠି କରାଯାଉଛି ଯଥା ଅଲକା ୟାଗନିକ୍, ଶ୍ରେୟା ଗୋସାଲ୍, କେ ଏସ୍ ଚିତ୍ରା, ସାଧନା ସରଗମ୍, ଶାସା ତିରୁପତି, ଅର୍ମାନ୍ ମଲ୍ଲିକ୍ ଓ ଆସିସ୍ କୌର। ସାତଟି ନୋଟ୍ ପରି ଏହି ସଙ୍ଗୀତଜ୍ଞଙ୍କ ସହଯୋଗରେ ପୀଢ଼ି ଓ ଅନେକ ସଂସ୍କୃତି ମଧ୍ୟରେ ଏକତାକୁ ସୁଦୃଢ଼ କରାଯାଇପାରିବ। ଏହି ସଙ୍ଗୀତ ହେଉଛି ମାଟି ମା (ମଦର ଆର୍ଥ) ର ସମ୍ବୋଧନ ଯେଉଁଥିରେ ସେ ତାର ସମସ୍ତ ପିଲାମାନଙ୍କୁ ଏକାଠି ରହିବାକୁ ଅନୁରୋଧ କରୁଛି। ନ୍ତିମେରି ପୁକାର ସୁନୋନ୍ତି ଏକ୍ ଜାହାନ୍, ଏକ୍ ଉମିଦ୍, ଏକ ୱାଦା (ଗୋଟିଏ ବିଶ୍ୱ, ଗୋଟିଏ ଆଶା, ଗୋଟିଏ ପ୍ରତିଶ୍ରୁତି) ଉପରେ ଆଧାରିତ - ଏକାଠି ଆମେ ଜିତିପାରିବା ।ଏହାର ସଙ୍ଗୀତ




ନିର୍ଦ୍ଦେଶନା ଉପରେ ସୂଚନା ପ୍ରଦାନ କରି ଏ.ଆର. ରେହମାନ କହିଛନ୍ତି, ନ୍ତିବର୍ତମାନର ମହାମାରୀ ସମୟ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବରେ ଏକ ଜଟିଳ ସମୟ। ଆମେ ଅନିଶ୍ଚିତତା ଓ ସମସ୍ୟା ଦେଇ ଗତି କରୁଛୁ କିନ୍ତୁ ତଥାପି ଭବିଷ୍ୟତ ପାଇଁ ଆଶାର କିରଣ ରହିଛି। ଗୁଲଜାରଜି ଓ ମୁଁ ଏହି କ୍ରମରେ ଏକ ସଙ୍ଗୀତ ସୃଷ୍ଟି କରିବାକୁ ଚେଷ୍ଟା କରଛୁ ଯାହା ଲୋକମାନଙ୍କ ମନରେ ଆଶା ଉଜ୍ଜିବିତ କରିବା ସହିତ ସେମାନଙ୍କୁ ଆଶ୍ୱାସନା ଓ ଶାନ୍ତି ପ୍ରଦାନ କରିବ। ନ୍ତିମେରି ପୁକାର ସୁନୋନ୍ତି ରେ ଭାରତ ମାତା ତାଙ୍କର ସନ୍ତାନମାନଙ୍କ ପାଇଁ ଗୀତ ଗାଉଛନ୍ତି।ଏହି ସଙ୍ଗୀତର ଜେନେସିସ୍ ସମ୍ପର୍କରେ ସୂଚନା ଦେଇ ଗୁଲ୍‌ଜାର ସାହେବ କହିଛନ୍ତି ନ୍ତିଏହା ହେଉଛି ମାଟି ମା'ଙ୍କର କାହାଣୀ ଯେପରି ସେ ତାଙ୍କୁ ଶୁଣିବା ପାଇଁ ଅନୁରୋଧ କରୁଛନ୍ତି। ସେ ଆମକୁ ଆଶା ଓ ପ୍ରଚୁର ସମ୍ବଳ, ଥଣ୍ଡା ପବନ, ଝରଣା ଓ ଅସୀମିତ ସୂର୍ଯ୍ୟ କିରଣ ପ୍ରଦାନ କରିଛନ୍ତି। ଜୀବନର ଏହିସବୁ ଉପହାରକୁ ଯତ୍ନ ନେବା ପାଇଁ ସେ ଅନୁରୋଧ କରୁଛନ୍ତି। ରେହମାନ ସାହେବ ମୋର ଶବ୍ଦକୁ ସଙ୍ଗୀତର ଏକ ଅତୁଳନୀୟ ରୂପ ପ୍ରଦାନ କରିଚନ୍ତି।ରଜତ୍ କକର, ପରିଚାଳନା ନିର୍ଦ୍ଦେଶକ, ସୋନି ମ୍ୟୁଜିକ ଇଣ୍ଡିଆ, କହିଛନ୍ତି ଯେ ନ୍ତିସୋନି ମ୍ୟୁଜିକ୍ ଇଣ୍ଡିଆ ଏକ ଶାନ୍ତି ପ୍ରଦାୟକ ସଙ୍ଗୀତ ଓ ପ୍ରେରଣାଦାୟକ ଶବ୍ଦ ମାଧ୍ୟମରେ ବିଭିନ୍ନ ସଂସ୍କୃତି ଓ ବର୍ଗଙ୍କ ମଧ୍ୟରେ ଏକତାକୁ ଦୃଢ଼ୀଭୂତ କରିବାକୁ ଚେଷ୍ଟା କରୁଛି। ଏହାକୁ ପ୍ରଖ୍ୟାତ ସଙ୍ଗୀତଜ୍ଞ ଏ ଆର ରେହମାନ ଓ ଗୁଲଜାର ସାହେବଙ୍କ ଦ୍ୱାରା କମ୍ପୋଜ୍ କରାଯାଇଛି ଓ ଲେଖାଯାଇଛି। ମେରି ପୁକାର ସୁନୋ ହେଉଛି ଏକ ପ୍ରେରଣାଦାୟକ ସଙ୍ଗୀତ ଯାହା ସଭିଙ୍କୁ ଏକ ଉତ୍ତମ ଭବିଷ୍ୟତ ପାଇଁ ଏକାଠି ଦୃଢ଼ ଭାବରେ ରହିବା ପାଇଁ ଅନୁରୋଧ କରୁଛି।ନ୍ତି ଏହି ସଙ୍ଗୀତକୁ ଅତ୍ୟନ୍ତ ସୁନ୍ଦର ସ୍ୱର ସହିତ ପ୍ରେରଣାମୂଳକ ଶବ୍ଦରେ ପ୍ରସ୍ତୁତ କରାଯାଇଛି ଯାହାକି ଲୋକମାନଙ୍କ ମନରେ ଏକ ସକାରାତ୍ମକ ଭାବନା ସୃଷ୍ଟି କରିବା ସହିତ ଆଶାର କିରଣ ଜାଗ୍ରତ କରିବ। ଏହି ସଙ୍ଗୀତର ୫୦% ଆୟକୁ ସୋନି ମ୍ୟୁଜିକ୍ ଇଣ୍ଡିଆ ବିଭିନ୍ନ ଚାରିଟେବଲ୍ ଅନୁଷ୍ଠାନ ସହିତ ସାମିଲ୍ ହୋଇ କୋଭିଡ୍ ରିଲିଫକୁ ପ୍ରଦାନ କରିବାକୁ ସଙ୍କଳ୍ପ ନେଇଛି। ସମସ୍ତ ପ୍ରକାର ଷ୍ଟ୍ରିମିଂ ପ୍ଲାଟଫର୍ମରେ ଏହି ଗୀତ ଉପଲବ୍ଧ ଅଛି - https://SMI.lnk.to/MeriPukaarSuno

## ପଞ୍ଚାୟତ ପୋଖରୀ ନିଲାମ ଅର୍ଥ ହଡ଼ପ ମାମଲାରେ ସରପଞ୍ଚଙ୍କ ସ୍ୱାମୀ ଗିରଫ

ବାଲେଶ୍ୱର:ପଞ୍ଚାୟତ ପୋଖରୀ ନିଲାମ ଅର୍ଥ ହେରଫେର ଘଟଣାରେ ବସ୍ତା ଥାନା ପୁଲିସ ଶ୍ରୀରାମପୁର ସରପଞ୍ଚ ସସ୍ମିତା ନାୟକଙ୍କ ସ୍ୱାମୀ ସନ୍ୟାସୀ ନାୟକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ପଞ୍ଚାୟତ ପୋଖରୀକୁ ବିଂଝ ଗ୍ରାମର ଦିଲ୍ଲୀପ ପରିଡ଼ା ନାମକ ବ୍ୟକ୍ତି ବର୍ଷକ ପାଇଁ ନିଲାମ ନେଇ ଥିଲେ। ନିଲାମ ଅର୍ଥ ଦିଲ୍ଲୀପ ପଞ୍ଚାୟତରେ ଦାଖଲ କରିଥିବା ବେଳ ସରପଞ୍ଚ ତାଙ୍କୁ ରସିଦ ମଧ ଦେଇଥିଲେ। ମାତ୍ର ନିଲାମ ଅବଧି ସରିବା ପୂର୍ବରୁ ଦିଲ୍ଲୀପ ଓ ଉକ୍ତ ପଞ୍ଚାୟତରେ ବିଭିନ୍ନ ପୋଖରୀ ନିଲାମ ନେଇଥିବା ବ୍ୟକ୍ତିଙ୍କୁ ସଦର ବ୍ଲକ କାର୍ଯ୍ୟାଳୟ ତରଫରୁ ପୋଖରୀ ନିଲାମ ବାବଦରେ ବକେୟା ଥିବା ଦର୍ଶାଇ ନୋଟିସ ଜାରି କରାଯାଇଥିଲା। ଦିଲ୍ଲୀପ ସମସ୍ତ ଅର୍ଥ ପୈଠ କରିଥିବା ବେଳେ ଏହି ନୋଟିସକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏ ସମ୍ପର୍କରେ ସେ ଜିଲ୍ଲାପାଳ, ବିଡ଼ିଓ, ଜିପିଓଙ୍କୁ ଜଣାଇବା ସହ ସରପଞ୍ଚ ଦେଇଥିବା ରସିଦକୁ ଦାଖଲ କରିଥିଲେ। ମାତ୍ର ଉକ୍ତ ରସିଦ ଜାଲ ଦର୍ଶାଇ ବିଡ଼ିଓ ବକେୟା ଅର୍ଥ ଆଦାୟ ପାଇଁ ବସ୍ତା ଥାନାରେ ଅଭିଯୋଗ କରିଥିଲେ। ଦିଲ୍ଲୀପ ମଧ ତଥ୍ୟ ପ୍ରମାଣ ସହ ଥାନାରେ ଫେରାଦ ହୋଇଥିଲେ। ନ୍ୟାୟ ଦାବିରେ ଦିଲ୍ଲୀପ ତାଙ୍କ ସ୍ତ୍ରୀ ସହିତ ଥାନା ସମ୍ମୁଖରେ ଧାରଣାରେ ବସିଥିବା ବେଳେ ସରପଞ୍ଚ ଓ ତାଙ୍କ ସ୍ୱାମୀକୁ ଥାନା ଅଧିକାରୀ ଥାନାକୁ ଡ଼କାଇ ଥିଲେ। ମାତ୍ର ସରପଞ୍ଚଙ୍କ ସ୍ୱାମୀ ଥାନାକୁ ନଆସିବାରୁ ପୁଲିସ ତାଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପୁଲିସ ଏ ସଂକ୍ରାନ୍ତରେ ୧୮୯/୨୧ରେ ଏକ ମାମଲା ରୁଜୁ କରିବା ସହ ସନ୍ୟାସୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସାଂସଦଙ୍କ ଦ୍ୱାରା କେନ୍ଦ୍ରାପଡା ଜିଲ୍ଲାକୁ ସଂଖ୍ୟାଲଘୁ ସଂପ୍ରଦାୟ ଜିଲ୍ଲାର ମାନ୍ୟତା ଦାବୀକୁ ସ୍ୱାଭିମାନୀ ନାଗରିକ ମଞ୍ଚର ବିରୋଧ



କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଲୋକସଭା ସାଂସଦ ଅନୁଭବ ମହାନ୍ତିଙ୍କ ପକ୍ଷରୁ କେନ୍ଦ୍ରାପଡାକୁ ସଂଖ୍ୟାଲଘୁ ସଂପ୍ରଦାୟ ଜିଲ୍ଲାର ମାନ୍ୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ କେନ୍ଦ୍ରାପଡାରେ ପ୍ରତିବାଦର ସ୍ୱର ତୀବ୍ରତର ହେବା ସହିତ ସ୍ୱାଭିମାନୀ ନାଗରିକ ମଞ୍ଚ,କେନ୍ଦ୍ରାପଡା ତାହାର ଘୋର ବିରୋଧ କରିଛି । କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଆବାସ ନକଭିଙ୍କୁ ସାଂସଦ ଶ୍ରୀ ମହାନ୍ତି ଦେଇଥିବା ପତ୍ରଟି ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବେ ଭାଇରାଲହେବାରେ ଲାଗିଛି। ଫଳରେ ସର୍ବଦା ବିବାଦୀୟ ଓ ଚର୍ଚ୍ଚାରେ ରହିଥିବା ଅନୁଭବ ପୁଣି ଏକ ନୂତନ ବିବନାଦରେ ଛନ୍ଦି ହୋଇପଡିଛନ୍ତି । ଶ୍ରୀବଳଦେବ ସଂସ୍କୃତିର ପୂଣ୍ୟଭୂମି କେନ୍ଦ୍ରାପଡା ଜିଲ୍ଲାରେ ସାମାଜିକ ଓ ସାଂପ୍ରଦାୟିକ ଭାଇଚାରା ବଜାୟ ରଖି ଆସୁଥିବା ବେଳେ ସାଂସଦଙ୍କ ଏଭଳି ପଦକ୍ଷେପ ଅପରିପକ୍ୱତା ହୀନରାଜନୀତିକୁ ସୂଚାଉଛି ବୋଲି ସ୍ୱାଭିମାନୀ ନାଗରିକ ମଞ୍ଚ ,କେନ୍ଦ୍ରାପଡା ପକ୍ଷରୁ ଅଭିଯୋଗ କରାଯାଇଛି । ମଞ୍ଚ ପକ୍ଷରୁ କପାଳେଶ୍ୱର ସ୍ଥିତ ଗୁରୁକୂଳ ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପତ୍ରକାର ସମ୍ମିଳନୀରେ ଏହାର ତୀବ୍ର ନିନ୍ଦା କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ ୨୦୧୧ମସିହା ଜନଗଣନା ଅନୁଯାଇ ମାତ୍ର ୩.୪୯ପ୍ରତିଶତ ସଂଖ୍ୟାଲଘୁ ସଂପ୍ରଦାୟ ରହିଥିବା ବେଳେ ସାଂସଦଙ୍କ ପକ୍ଷରୁ ଏଭଳି ଦାବି ସଂପୂର୍ଣ୍ଣ ଅଯୁକ୍ତିକର ଓ ବିଭ୍ରାନ୍ତି ମୂଳକ ବୋଲି ମଞ୍ଚ କହିଛି । ଏହା ସାଂସଦଙ୍କ ସଂଖ୍ୟାଲଘୁ ତୁଷ୍ଟିକରଣ ଜନିତ ନ୍ୟସ୍ତସ୍ୱାର୍ଥ ମାନସିକତାକୁ ପ୍ରମାଣିତ କରିବା ସହ ୯୬ପ୍ରତିଶତରୁ ଉର୍ଦ୍ଧ୍ୱ ହିନ୍ଦୁ ସମୁଦାୟଙ୍କର ଆସ୍ଥାଉପରେ ସାଂସଦଙ୍କ ଏହା କୁଠାରଘାତ କରିବା ସଦୃଶ ବୋଲି ମଞ୍ଚ ଅଭିଯୋଗ କରିଛି । ମଞ୍ଚପକ୍ଷରୁ ସାଂସଦଙ୍କ ଏହି ବିବାଦୀୟ ପତ୍ର ପ୍ରତ୍ୟାହାର କରାଯିବା ସହ ଜିଲ୍ଲାବାସୀଙ୍କ ନିକଟରେ ସେ ନିସର୍ତ୍ତ କ୍ଷମାପ୍ରାର୍ଥନା କରିବାକୁଦାବି କରାଯାଇଛି । ଏହି ପତ୍ରକାର ସମ୍ମିଳନୀରେ ମଞ୍ଚର ମୁଖ୍ୟ ମାର୍ଗଦର୍ଶକ ମହାରାଜ ଯଶୋବନ୍ତ ଦାସ, ସଭ୍ୟ ଗୋଲକ ଚନ୍ଦ୍ର ବେହେରା, ସୁଧାଂଶୁ ଭୂଷଣ ତ୍ରିପାଠୀ, ଅକ୍ଷୟ କୁମାର ପାଣି, ଉପୀନ ରାଉତ, ବିନୋଦ ବିହାରୀ ଦାସ, ବିରେନ୍ଦ୍ର ସାମଲ, ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ନର୍ସିଂହୋମ୍‌କୁ ବଦନାମ କରିବାକୁ ଷଡଯନ୍ତ୍ର

ଘଷିପୁରା: ଘଷପୁରାରେ ଥିବା ରମାଦେବୀ ନର୍ସିଂହୋମ୍‌ରେ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ନର୍ସିଂହୋମ୍ ବିରୋଧରେ ଘଷିପୁରା ଥାନାରେ ଏତଲା ଦିଆଯାଇଥିବା ବେଳେ ଏହି ଅଭିଯୋଗ ମିଥ୍ୟା ବୋଲି ରମାଦେବୀ ନର୍ସିଂହୋମ୍ ତରଫରୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ଅଭିଯୋଗକାରୀ ୧୭ତାରିଖରେ ତାଙ୍କ ପତ୍ନୀଙ୍କୁ ଚିକିତ୍ସା ପାଇଁ ଘଷିପୁରା ମେଡିକାଲ ରୋଡ୍‌ରେ ଥିବା ରମାଦେବୀ ନର୍ସିଂହୋମ୍‌କୁ ନେଇଥିଲେ । ସେଠାରେ ଡାକ୍ତର ଅଲଟ୍ରାସାଉଣ୍ଡ କରିବା ସହ ବିଭିନ୍ନ ଟେଷ୍ଟ କରିଥିଲେ। ଗର୍ଭାଶୟରେ ଗର୍ଭଟି ନଥିବା ଡାକ୍ତର ଏଲଟ୍ରାସାଉଣ୍ଡ ରିପୋର୍ଟରେ ଦର୍ଶାଇ ଥିଲେ । ରକ୍ତ ସର୍କରା ୨୧୨ଥିବା କୁହାଯାଇଥିଲା । ତୁରନ୍ତ ଲାପ୍ରୋସ୍କୋପି ଅସ୍ତ୍ରୋପଚାର ପାଇଁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ସେ ତାଙ୍କ ପତ୍ନୀଙ୍କୁ ସେଠାରୁ ନେଇଯାଇ ଯାଜପୁରର ଏକ କ୍ଲିନିକରେ ପତ୍ନୀଙ୍କ ଅଲଟ୍ରାସାଉଣ୍ଡ ସହ ସମାନ ପରୀକ୍ଷା କରାଇଥିଲେ। ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସେଠାକାର ଡାକ୍ତର କହିଥିଲେ। ଏ ନେଇ ଅଭିଯୋଗକାରୀ ଘଷିପୁରା ଥାନାରେ ଏତଲା ଦେବା ସହ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ରମାଦେବୀ ନର୍ସିଂହୋମ୍‌ର ଓନର ସନାତନ ଦାସ ଆଜି ଏକ ପ୍ରେସମିଟ୍ ଡାକି ଏହି ବିଷୟରେ ଆଲୋଚନା କରିଥିଲେ । ଜଣେ ଦକ୍ଷ ଅଭିଜ୍ଞ ଗାଇନିଙ୍ଗ୍ ସ୍ପେସାଲିଷ୍ଟ ଡ. ରଶ୍ମିରନ ଦାସଙ୍କ ଦ୍ୱାରା ତାଙ୍କର ସମସ୍ତ ଟେଷ୍ଟ କରାଯାଇଥିବା ବେଳେ ନର୍ସିଂହୋମ୍ ଦ୍ୱାରା କୌଣସି ଭୁଲ ତଥ୍ୟ ଦିଆଯାଇନଥିବା ଶ୍ରୀ ଦାସ କହିଛନ୍ତି ।

## ରକ୍ତଦାନ ଶିବିରରେ ୫୨ ୟୁନିଟ ରକ୍ତ ସଂଗ୍ରହ




କୋଣାର୍କ :ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ମହାମାରୀ କରୋନା ପାଇଁ ଗତ ବର୍ଷ ମାର୍ଚ୍ଚ ମାସରୁ ଏଯାବତ ସମଗ୍ର ଦେଶକୁ ଲକ୍‌ଡାଉନ, ସଟଡାଉନ, କଣ୍ଟେନେମେଣ୍ଟ ଜୋନ ଇତ୍ୟାଦି କରାଯାଇ ରଖା ଯାଇଛି। ଏହି ସମୟାବଧି ମଧ୍ୟରେ ଦୂରାରେଗ୍ୟ ରୋଗରେ ପୀଡିତ ଓ ସଡକ ଦୂର୍ଘଟଣାରେ ଆହତ ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟର ବିଭିନ୍ନ ରକ୍ତଭଣ୍ଡାରରେ ଗଛିତ ଥିବା ରକ୍ତ ଉପରେ ନିର୍ଭର କରିବାକୁ ପଡିଥିଲା । କୋଭିଡି-୧୯ କଟକଣା ପାଇଁ ଲୋକେ ଘରୁ ବାହାରି ପାରୁ ନଥିବା ବେଳେ ବଦାନ୍ୟ ବ୍ୟକ୍ତିମାନଙ୍କଠାରୁ ରକ୍ତ ସଂଗ୍ରହ ହୋଇ ନପାରିବାରୁ ରକ୍ତଭଣ୍ଡାରରେ ରକ୍ତାଭାବ ଦେଖା ଦେଇଥିଲା । ମହାମାରୀ କରୋନା ପାଇଁ ରାଜ୍ୟରେ ଥିବା ରକ୍ତ ଭଣ୍ଡାରମାନଙ୍କରେ ଏବେ ରକ୍ତାଭାବ ସାଧାରଣ ରୋଗୀଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇଅଛି । ଏଣୁ ଏହି ରକ୍ତାଭାବ ସମସ୍ୟାକୁ ଦୂରକାରିବା ପାଇଁ ଆମ ଓଡିଶା ରକ୍ତ ଦାନ ଅଭିଯାନ ଓ ଆମ ପୋଲିସ ସମିତି କୋଣାର୍କ ଥାନା ପକ୍ଷରୁ ଆଜି ୨୮.୦୬.୨୦୨୦ରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କୋଣାର୍କ ଥାନା ପରିସରସ୍ଥ ବ୍ୟାରେକର ସମ୍ମିଳନି କକ୍ଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ରାଜ୍ୟ ରକ୍ତ ଭଣ୍ଡାର ପରିଷଦ ପକ୍ଷରୁ ୫୨ଜଣ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ରକ୍ତଦାନ ଶିବିରଟିକୁ ନିମାପଡା ଆରକ୍ଷୀ ଉପଖଣ୍ଡ ଅଧିକାରୀ ଦେବାଶିଷ ମିଶ୍ର, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରିଣୀ ନିଳିମା ପଟ୍ଟନାୟକ, ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ବରିଷ୍ଠ ନାଗରିକ ବିଜୟ ସ୍ୱାଇଁ ଯୋଗ ଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲୋ । ଏହି ଶିବରକୁ ଆମ ଓଡିଶା ରକ୍ତ ଦାନ ଅଭିଯାନର ସ୍ଥାନୀୟ ସଂଯୋଜକ ବିଶ୍ୱଜିତ ରାଉତରାୟ, ସମାଜସେବୀ ରାମକୃଷ୍ଣ ମହାନ୍ତି, କୋଣାର୍କ ଥାନାର କର୍ମଚାରୀ ସେବା ସଙ୍ଗଠନର ସମ୍ପାଦକ କୁନାଲ ପାତ୍ର ଏବଂ କର୍ମକର୍ତ୍ତା ଓ ବିଭିନ୍ନ ସ୍ୱେଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

## ବଜ୍ରାଘାତରେ ଚାଷୀ ମୃତ, ୩ ଆହତ

ଘଷିପୁରା: ଘଷିପୁରା ବ୍ଲକ ବରୀପାଳ ପଂଚାୟତର ରାଇପୁର ଗ୍ରାମରେ ନିଜ ଚାଷଜମିରେ ଧାନ ତଳି ରୁଆ କାର୍ଯ୍ୟ କରୁଥିବା ବେଳେ ଅଚାନକ ବଜ୍ରପାତ ଯୋଗୁଁ ନାରଙ୍ଗପୁର ଗ୍ରାମର କାହ୍ନୁଚରଣ ସାହୁଙ୍କ ପରଲୋକ ହୋଇଛି । ସୂଚନା ଅନୁଯାୟୀ ଗତ ରବିବାର ମଧ୍ୟାହ୍ନ ସମୟରେ ନାରଙ୍ଗପୁର ଗ୍ରାମର କାହ୍ନୁଚରଣ ସାହୁ, ରମେଶ ଚନ୍ଦ୍ର ସାହୁ,କାର୍ତ୍ତିକ ନାୟକ ଓ ରନ ନାୟକ ନିଜ ଚାଷ ବିଲରେ କାମ କରୁଥିବା ସମୟରେ ହଠାତ ବର୍ଷା ସହିତ ବିଜୁଳି ଆସିବା ଦେଖି ବିଲ ମୁଣ୍ଡରେ ଥିବା ଏକ ବରଗଛ ନିକଟରେ ଆଶ୍ରୟ ନେଇଥିବା ବେଳେ ହଠାତ୍ ବଜ୍ରାଘାତ ଯୋଗୁଁ ଗଛମୂଳେ ବସିଥିବା କାହ୍ନୁଚରଣ ସାହୁଙ୍କ ମୃତ୍ୟୁ ହୋଇଥିଲା ଏବଂ ପାଖରେ ଥିବା ୩ଜଣ ଗୁରୁତର ଆହତ ହୋଇପଡିଥିଲେ । ଖବର ପାଇ ସ୍ଥାନୀୟ ଲୋକେ ନିକଟସ୍ଥ କେଶଦୂରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଆସିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଆହତ ମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଥିଲା । ତନ୍ମଧ୍ୟରୁ କାହ୍ନୁଚରଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ୱଭାବିକ ଥିବା ଡାକ୍ତର ସୂଚନା ଦେଇଛନ୍ତି ।

## ଦୀର୍ଘଦିନ ହେବ ଜଳୁନି ଷ୍ଟ୍ରିଟ୍ ଲାଇଟ୍, ଅଭିଯୋଗ କଲେ ଶୁଣୁ ନାହାଁନ୍ତି ବିଭାଗୀୟ କର୍ତ୍ତୃପକ୍ଷ

ଗୋଳାବନ୍ଧ: ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟା ଗ୍ରାମରେ ଦୀର୍ଘଦିନ ହେବ ଜଳୁନି ଷ୍ଟ୍ରିଟ୍ ଲାଇଟ୍ । ତେଣ ଗାଈ, ବଦଳ ଚୋରି ହେବା ଭୟରେ ରାତି ଅନିଦ୍ରା ରହୁଛନ୍ତି ଗ୍ରାମବାସୀ । ଷ୍ଟ୍ରିଟ୍ ଲାଇଟ୍ ଲାଗିନଥିବା ବେଳେ ଆଗରୁ ଅନେକବାର ଏପରି ଗାଈ, ବଳଦ ଚୋରୀ ହେଉଥିଲା କିନ୍ତୁ ଲାଇଟ୍ ଲାଗିବା ପରେ ଆଉ କେବେ ବି ଚୋରି ହୋଇନଥିବା କଥା କହିଛନ୍ତି ଗ୍ରାମର ବୟଜ୍ୟୋଷ୍ଠ ବ୍ୟକ୍ତି ନିର୍ମଳ ପଲେଇ । ତେଣୁ ପାଳି କରି ରାତିରେ ଅନିଦ୍ରା ରହି ଜଗିବାକୁ ପଡୁଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଜଣେ ୯୦ବର୍ଷର ବୃଦ୍ଧ କୋହ୍ଲିଆ ପଲେଇ ରାତିରେ ବାହାରକୁ ଆସିଥିବା ବେଳେ ଉଚ୍ଚ ରକ୍ତଚାପ ଯୋଗୁଁ ରାତି ସାରା ରାସ୍ତା କଡରେ ପଡି ରହିଥିଲେ । ସକାଳେ ଲୋକମାନେ ଦେଖି ଡାକ୍ତରଖାନାକୁ ନେଇଥିଲେ କିନ୍ତୁ ସେତେବେଳକୁ ସେ ପକ୍ଷାଘାତ ହୋଇ ସାରିଥିଲେ । ଯଦି ଲାଇଟ୍ ଜଳୁଥାନ୍ତା ତାହେଲ ଏପରି ଅବସ୍ଥା ହୋଇନଥାନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ସରପଂଚଙ୍କ ଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ କହୁଛନ୍ତି ଯେ ଏହା ଠିକାଦାରଙ୍କ ୱାରେଣ୍ଟି ସମୟ ଥିବାରୁ ସେ କିଛି କରିପାରିବେ ନାହିଁ । ଠିକାଦାରଙ୍କ ନାମ କିମ୍ବା ତାଙ୍କ ଠିକଣା ଜାଣିନଥିବା ବେଳେ ତାଙ୍କୁ ଯୋଗାଯୋଗ କରିପାରୁନଥିବା କହିଛନ୍ତି ଗ୍ରାମବାସୀ । ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଏ ଅସୁବିଧା ବିଷୟରେ ଜଣାଇବା ପାଇଁ ଗ୍ରାମର ନିର୍ମଳ ପଲେଇ, କୁଳମଣି ପଲେଇ, ଶରତ ପଲେଇ, ଧ୍ରୁବ ଚରଣ ପଲେଇ, ପୂର୍ଣ୍ଣଚନ୍ଦ୍ର ପଲେଇ, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray